# ଅଞ୍ଜଳି

ଉତ୍କଳ ଭାରତୀ

ଶ୍ରୀମତୀ କୁନ୍ତଳା କୁମାରୀ ସାବତ ଏଲ୍. ଏମ୍. ପି

ଫାଲ୍ଗୁନ ୧୩୩୪

Price Rs. 1-4-0 ମୂଲ୍ୟ ଠ ୧ା

## ଦ୍ୱିତୀୟ ସଂସ୍କରଣ ।

ପ୍ରଥମ ସଂସ୍କରଣ ଏକହଜାର ଖଣ୍ଡ
ଦ୍ୱିତୀୟ ସଂସ୍କରଣ ଏକହଜାର ଖଣ୍ଡ

ପ୍ରିଣ୍ଟର—ଶ୍ରୀ ପ୍ରଭାସ ଚନ୍ଦ୍ର ରାୟ
ଗୌରୀଶଙ୍କର ଛାପାଖାନା
ଚୌଧୁରୀ ବଜାର
କଟକ
୧୯୨୮

# ଉପହାର ।

ଅନୁରକ୍ତ——ସହକାରେ

ଏହି

ଅଞ୍ଜଳି ।

ପୁସ୍ତକ ଖଣ୍ଡି

ଶ୍ରୀ ——————————————— ଙ୍କୁ

ଉପହାର

ପ୍ରଦତ୍ତ ହେଲା ।

ତାଂ ———— } ————————

## ପ୍ରଥମ ସଂସ୍କରଣର

# ଭୂମିକା ।

ଉତ୍କଳ ସାହିତ୍ୟର କୌଣସି ଗୁରୁତର ଅଭାବ ପୂରଣ କିମ୍ବା ଯଶୋଲିପ୍ସା ଏ ପୁସ୍ତକପ୍ରଣୟନର ଉଦ୍ଦେଶ୍ୟ ନୁହେଁ । ମୋହର ଅବସରସମୟରେ ଏହି ପଦ୍ୟଗୁଡ଼ିକ ରଚନାକରି ନିଜେ ଅତ୍ୟନ୍ତ ଆନନ୍ଦ ଅନୁଭବ କରିଥିଲି । ପାଠକପାଠିକାବର୍ଗ ସେହି ଆନନ୍ଦର କିଞ୍ଚିନ୍ମାତ୍ର ଉପଲବ୍ଧି କଲେ ମୋହର ସମସ୍ତ ଶ୍ରମ ସାର୍ଥକ ହେବ । ଇତି ।

କଟକ<br>
୪।୨।୨୨

ବିନୀତା<br>
ଲେଖିକା ।

ଇଦାନୀନ୍ତନ ସାହିତ୍ୟ ଯୁଗର ବଶିଷ୍ଠରଥୀ ମାନନୀୟ ଶ୍ରୀଯୁତ

## ନୀଳକଣ୍ଠ ଦାଶ, ଏମ୍, ଏ, ଏମ୍.ଏଲ୍, ଏ

ମହାଶୟ **ଅଞ୍ଜଳିର ପୂଜାପଦ୍ଧତି** ନାମକ

ତଗୋଟିଏ ମାନକବିତା ଶୁଣି କଣ ଲେଖିଅଛନ୍ତି ?

Legislative.
Assembly.

ଶ୍ରୀରାମଚନ୍ଦ୍ର ପୁର
ସାକ୍ଷୀଗୋପାଳ
( ପୁରୀ )
୧୫ । ୫ । ୨୭

ଅୟୁଷ୍ମତୀ କୁମାରୀ,

ଆପଣଙ୍କ ସଙ୍ଗେ ଥରେ ମାତ୍ର ଦେଖା ହୋଇଥିଲା । ସେ ବହୁଦିନ ତଳେ । ଏମଧ୍ୟରେ ଜୀବନର ଗତି ଏକ ପ୍ରକାର ପ୍ରହେଳିକାର ମାୟା-ଜାଲରୁ ବଳିଛି । କଷ୍ଟ ଭ୍ରମରେ ଅବକାଶ ନାହିଁ । ଯେଉଁ . ଠାରେ ନିସ୍ତାରାହି , ସେଠାରେ ପରସ୍ପରଙ୍କର କି ଘୋର ସଙ୍କୋଚ, ତାହା ଆପଣଙ୍କୁ ବୁଝାଇବାହିବା ନିଷ୍ପ୍ରୟୋଜନ । ବେଳେ ବେଳେ ମନେହୁଏ, ସ୍ତ୍ରୀହୃଦୟ କବିତାର ଅଲୋଚନା କରିବା ଦୂରେ ଥାଉ, ଅନୁଭବ କରିବା

ହୁଏତ ଭାଗ୍ୟରେ ଘଟିବ ନାହିଁ । କିନ୍ତୁ ବଡ ବିଚିତ୍ର କଥା, ଆଜି ଆପଣଙ୍କ ପାଖକୁ ଏପରି ନଲେଖି ରହି ପାରୁନାହିଁ ବୋଲି, ଲେଖୁଛି । ମୋର ସାହିତ୍ୟ-ସୁହୃଦ ପଣ୍ଡିତ ବାସୁଦେବ ମହାପାତ୍ର ଆଜି 'ସାହିତ୍ୟ ସଂଗ୍ରହ' ପୁସ୍ତକ ଧରି ଆପଣଙ୍କ 'ପୂଜାପଦ୍ଧତି' ଶୀର୍ଷକ କବିତାଟି ପଢୁଥିଲେ । "ହରି ହରି କେହି ଡ଼ାକୁଛି ସତତ, ପ୍ରଭୁ ପ୍ରଭୁ କେହି କହେ," ଏହା ତାହାର ପ୍ରଥମ ପଦ । କବିତା ଶୁଣି ବସିଲି, କିନ୍ତୁ କେତେବେଳେ କିପରି ଶୁଣିଲି ତାହା ଏବେମଧ୍ୟ, ବାସ୍ତବିକ, ବୁଝି ପାରୁନାହିଁ । କବିତାଟିର ମୁଗ୍ଧ ସୁନ୍ଦର ମୂର୍ତ୍ତି ଏବେ ମଧ୍ୟ ମନରୁ ଯାଉନାହିଁ । ବିଶେଷ କଥା ମୋର ମନେ ହୁଏ ଓଡ଼ିଆ ସାହିତ୍ୟରେ ଏପରି ସାର୍ବଜନୀନ ପ୍ରାଣ ସ୍ପର୍ଶୀ 'ପୂଜାପଦ୍ଧତି' କେହି କେବେ ଲେଖି ନାହାନ୍ତି । ଆପଣଙ୍କୁ ଅଧିକ କଣ ଲେଖିବି ?

ଆପଣଙ୍କ ଲେଖନୀର ଧାରା ଏବେ କାହିଁକି ଏତେ ମନ୍ଥର ଭାବରେ ଗତି କରୁଛି ବୁଝି ପାରୁନାହିଁ । ଯୌବନହିଁ ଜୀବନର ସମ୍ପଦ — ଗଳ୍ପ-କଥା ଓ କବିତାର ଶୁଦ୍ଧ ଅବକାଶ ଯୌବନରେ ହିଁ ସମ୍ଭବ । ଏହାହିଁ ଅନନ୍ତ ମାନବାଶାର ପରମ ପୀଠ । ଏତେବେଳେ କାବ୍ୟ ସ୍ରଷ୍ଟା ମାନବର ବିଳାସ ନୁହେଁ । ପ୍ରକୃତି ଗତ । ବିଧାତାଙ୍କର ଆପଣଙ୍କ ଠାରେ ଯେ ଅନୁଗ୍ରହ ପ୍ରକାଶ ପାଇଛି ତାହା ସାବ୍ୟସ୍ତ କରିବାର ଅବକାଶରେ ରହି, ଆପଣ ଏତେବେଳେ କାବ୍ୟଦେବୀଙ୍କ ସେବାରେ ବିଶେଷ ନିରାଶ କରିବେ ନାହିଁ ବୋଲି ଅନୁରୋଧ କରେ । କାମନା କରେ ବିଧାତାଙ୍କର ଶୁଭ ଆଶୀର୍ବାଦରେ ଆପଣଙ୍କ କାବ୍ୟ କଳାରେ ପୁଷ୍ପ ବୃଷ୍ଟି ହେଉ । ଉତ୍କଳ ଭାରତୀ ଆପଣଙ୍କ ସେବାରେ ତୁଷ୍ଟ ହୁଅନ୍ତୁ । ଇତି ।

ଶୁଭ କାଂକ୍ଷୀ

ନୀଳକଣ୍ଠ ଦାସ

# ସୂଚିପତ୍ର ।


| | | | |
|---|---|---|---|
| ୧ । | ପ୍ରତିଷ୍ଣାଉର । | ... | ୧ |
| ୨ । | ନିବେଦନ । | ... | ୨ |
| ୩ । | ଆବାହନ । | ... | ୬ |
| ୪ । | କା' ପାଇଁ । | ... | ୮ |
| ୫ । | ଆହ୍ୱାନ । | ... | ୯ |
| ୬ । | ସେବିକାର ପ୍ରାର୍ଥନା । | ... | ୧୦ |
| ୭ । | ପୂଜା । | ... | ୧୧ |
| ୮ । | ପ୍ରାଣର ଉଚ୍ଛ୍ୱାସ । | ... | ୨୪ |
| ୯ । | ଗଲା ଦିନ ହାୟ, ଗଲା ବହିବସି । | ... | ୨୫ |
| ୧୦ । | ସ୍ୱରୂପ । | ... | ୨୮ |
| ୧୧ । | ଅଭିଳାଷ । | ... | ୩୧ |
| ୧୨ । | ଆସ । | ... | ୩୪ |
| ୧୩ । | ଭକ୍ତି ପ୍ରାର୍ଥନା । | ... | ୩୫ |
| ୧୪ । | ପ୍ରାର୍ଥନା । | ... | ୩୬ |
| ୧୫ । | ବାସନା । | ... | ୩୭ |
| ୧୬ । | ଆକ୍ଷେପ । | ... | ୩୮ |
| ୧୭ । | ନୀରବ ନିଶୀଥେ । | ... | ୪୧ |
| ୧୮ । | ଆସ ପର ଥରେ । | ... | ୪୪ |
| ୧୯ । | କି କଥା କହିବ । | ... | ୪୬ |
| ୨୦ । | ଅସୀମ । | ... | ୪୯ |
| ୨୧ । | ନିବେଦିବ । | ... | ୫୧ |
| ୨୨ । | କାମନା । | ... | ୫୧ |
| ୨୩ । | ନବୀନ ପ୍ରାତେଃ । | . . | ୫୯ |

୨୪ । ବସନ୍ତେ ... ୬୦
୨୫ । ରୂପ । ... ୬୧
୨୬ । ବର୍ତ୍ତିଦର୍ଶନେ ! ... ୬୨
୨୭ । ସ୍ୱରୂପ ସୁନ୍ଦର । ... ୬୪
୨୮ । କଣ୍ଠ ନଯାଉ । ... ୬୫
୨୯ । କିଏ । ... ୬୬
୩୦ । ଅର୍ଚ୍ଚନା । ... ୬୭
୩୧ । ବସନ୍ତ ଭବନା । ... ୬୮
୩୨ । ସନ୍ଧାନେ । ... ୭୦
୩୩ । ବନ୍ଦନା । ... ୭୧
୩୪ । କରୁଣାଭିଳାଷ । ... ୭୨
୩୫ । ତୋ ଅଧର । ... ୭୩
୩୬ । ଉଦ୍‌ବେଗେ । ... ୭୭
୩୭ । ପ୍ରାଣେ ମୋହର ତେବେ ଲାଗେ । ... ୭୯
୩୮ । ପୂଜାପଦ୍ମ । ... ୮୧
୩୯ । ଦୂର ଗଗନକୁ ଚାହିଁ । ... ୮୩
୪୦ । କହି ଯାଉଅଛି । ... ୮୫
୪୧ । ଅବସାଦେ । ... ୮୭
୪୨ । ସେତ ଭଲ ଚାହିଁ । ... ୮୮
୪୩ । କିଏ ସେ ସେ ଦୃଷ୍ଟି । ... ୮୯
୪୪ । ସେତ ଗଲା ଚାଲି । ... ୯୦
୪୫ । ସେ କି ବୁଝେ । ... ୯୧
୪୬ । ଫୁଲ ଭରି । ... ୯୨
୪୭ । କିଏ ସେ । ... ୯୩
୪୮ । ମିଳେ । ... ୯୪
୪୯ । "ହେ ପ୍ରଭୁ !" ... ୯୫
୫୦ । ବିରହେ । ... ୯୭
୫୧ । ବିଡ଼ମ୍ବନା । ... ୧୦୭

| | | | |
|---|---|---|---|
| ୫୨ । | ମୋହନ ବାଶୀ | ... | ୧୦୮ |
| ୫୩ । | ଅପରାଧୀ । | ... | ୧୧୦ |
| ୫୪ । | ଅକୁଳେ । | ... | ୧୧୪ |
| ୫୫ । | "ଯାଉ" । | ... | ୧୨୦ |
| ୫୬ । | "ମୁ ତାଙ୍କୁ କେତେଭ ।" | ... | ୧୨୦ |
| ୫୭ । | ଆସେ । | ... | ୧୨୨ |
| ୫୮ । | ହେମନ୍ତେ । | ... | ୧୨୩ |
| ୫୯ । | ଚଞ୍ଚଳ ତରଙ୍ଗ । | ... | ୧୨୩ |
| ୬୦ । | ସ୍ୱପନେ । | ... | ୧୨୫ |
| ୬୧ । | ଦୂରବନ୍ଧୁ କିଏ ।" | ... | ୧୨୬ |
| ୬୨ । | ନିଶା ନ ପାହୁଣୁ । | ... | ୧୨୭ |
| ୬୩ । | କାହା ବ୍ୟାକୁଳତା । | ... | ୧୨୭ |
| ୬୪ । | "ଆଖି ମୁଁ ବୁଜିବ କେତେଭେ ।" | ... | ୧୨୮ |
| ୬୫ । | ଶରତେ । | ... | ୧୨୯ |
| ୬୬ । | ଦେଖିନାହିଁ ବୋଲି । | ... | ୧୩୦ |
| ୬୭ । | ପାହାନ୍ତାରୁ କିଏ । | ... | ୧୩୦ |
| ୬୮ । | ଆଷାଢ଼ ନିଶା | ... | ୧୩୧ |
| ୬୯ । | ତାରାଟି ପରାଏ । | ... | ୧୩୨ |
| ୭୦ । | ତୁମ ରୂପଛବି । | ... | ୧୩୨ |
| ୭୧ । | ଆଶା । | ... | ୧୩୩ |
| ୭୨ । | ଅଭିମାନେ । | ... | ୧୩୪ |
| ୭୩ । | "ତୁମ ।" | ... | ୧୩୪ |
| ୭୪ । | ମୋ' କର୍ମ' । | ... | ୧୩୫ |
| ୭୫ । | ହେଳା । | ... | ୧୩୫ |
| ୭୬ । | ଟୁହାରି । | ... | ୧୩୬ |
| ୭୭ । | ସାଧନା । | ... | ୧୩୮ |
| ୭୮ । | "ମୁଁ ଦେଲି ।" | ... | ୧୩୯ |

| | | | |
|---|---|---|---|
| ୭୯ । | ଅବିଶ୍ୱାସ । | ... | ୧୪୧ |
| ୮୦ । | ନିର୍ଭର । | ... | ୧୪୭ |
| ୮୧ । | ଧରାଁ । | ... | ୧୪୮ |
| ୮୨ । | ବିନତି । | ... | ୧୪୯ |
| ୮୩ । | ଅଭିଯୋଗ । | ... | ୧୫୦ |
| ୮୪ । | ଯାଚନା । | ... | ୧୫୧ |
| ୮୫ । | "ପାନ ।" | ... | ୧୫୨ |
| ୮୬ । | କହ ସାଦର କି | ... | ୧୫୩ |
| ୮୭ । | ଆକାଙ୍କ୍ଷା । | ... | ୧୫୪ |
| ୮୮ । | ପାଖରେ । | ... | ୧୫୫ |
| ୮୯ । | ଦଅ । | ... | ୧୫୬ |
| ୯୦ । | ତୁମ୍ଭେ ଅଛ । | ... | ୧୫୬ |
| ୯୧ । | କିଏ ତୁ କୋଇଲି | ... | ୧୫୭ |
| ୯୨ । | ଖରାଦିନେ | ... | ୧୫୮ |
| ୯୩ । | ଆଷାଢ଼ୁଆ ମେଘ | ... | ୧୫୮ |
| ୯୪ । | ଉଷାରେ । | ... | ୧୫୯ |
| ୯୫ । | ଆସି ଛନ୍ତି । | ... | ୧୬୦ |
| ୯୬ । | ତୁମେ ଯଦି ପ୍ରଭୁ | ... | ୧୬୧ |
| ୯୭ । | କରିଛ ବାରଣ । | ... | ୧୬୨ |
| ୯୮ । | କେତେ କହୁଥାଅ | ... | ୧୬୪ |
| ୯୯ । | କଣ୍ଠନୀତି । | ... | ୧୬୫ |
| ୧୦୦ । | କେତେ ଦୋଷ ଧର | ... | ୧୬୬ |
| ୧୦୧ । | ଯଦି । | ... | ୧୬୭ |
| ୧୦୨ । | ପାରିବର | ... | ୧୬୮ |
| ୧୦୩ । | ଭିକାରି | ... | ୧୬୮ |
| ୧୦୪ । | ସେ । | ... | ୧୬୯ |
| ୧୦୫ । | ସ୍ମୃତି । | ... | ୧୭୧ |

# ଅଞ୍ଜଳି ।

## ପ୍ରଶ୍ନୋତ୍ତର ।

ପ୍ରଶ୍ନ — "କାହିଁ ନିବାସ ତୋର —
କହ, ଧରମରାଜ,
ଧରା, ନଭ, ସାଗର,
କେଣେ କରୁ ବସତି ?'
ଉତ୍ତର — 'ଜାଣିନାହୁଁ ଅଜ୍ଞାନ
ତୋହାର ହୃଦମନ୍ଦିର
ମୋର ପ୍ରିୟ ସଦନ,
କେଣେ ଖୋଜୁ ମୋ' ଘର ।
ନିବସିବ ତହିଁରେ
ଦେଲେ ତୁ ଅନୁମତି,
ବିଳମ୍ବେ ଫଳ କିରେ !
ହୃଦ ଶୂନ୍ୟ ସମ୍ପ୍ରତି" ।

# ନିବେଦନ ।

ଦେବ ହେ !

ତୁମ୍ଭଙ୍କୁ ପୂଜିବା ସକାଶେ ମୋହର
ସାଧନା, ରଚନା, ପ୍ରେମ-ଫୁଲ ହାର,
ଭକତିସୂତରେ ଗୁନ୍ଥି ସୁଯତନେ,
ପ୍ରଣମି ଉଦ୍ଦେଶେ ଭକ୍ତି-ପୂତ ମନେ,
ପ୍ରେମ କରେ ବେନି ଦେବି ମୁଁ ଗଳାର,
ବୁହାଇବି ପ୍ରେମ ନୟନର ଧାର,
ତେଣୁ ଏ ଲେଖଣୀ ଧରିଛି ଏଥର ।

ଦେବ ହେ !

ନୟନର ଶତ ଉର୍ଦ୍ଧ୍ୱରେ ବସିଜ,
ହାତ ଟେକି ଆଶୀର୍ବାଦ କର ଅଜ,
ତୁମ୍ଭର ଉଦ୍ଦେଶେ ରଚି ଫୁଲମାଳା,
ସଜାଇବି ବୋଲି ସଜାଡ଼ୁଛି ଡାଲା,
ସମ୍ବଳେ ଅବୋଧ ଅଜ୍ଞାନ ମୁଁ ସଖା,
ତେଣୁ ମୋର ହୃଦେ ଉଦେ ଶତ ଦକା,
ତଥାପି ତୁମ୍ଭେ ମୋ ଅଛ ଭରସା,
ତୁମ୍ଭ ପାଦପଦ୍ମେ ନେଲି ମୁଁ ଆଶ୍ରୟ ।

ଦେବ ହେ !

ଥରେ ନର୍ତ୍ତ ନେବେ ଗୃହିଁ ମୋତେ ନାଥ,
ଧୂଳିରେ ଧୂସର କ୍ଷୁଦ୍ର ଅବଜ୍ଞାତ,

ତୁମ୍ଭର ଚରଣ-ସରସିଜ-ରଜ,
ପୋଛୁ ବା ନ ପୋଛୁ ମୋତେ ନ ବରଜ,
ତୁମ୍ଭର ବୋଲି ମୁଁ କର ଦୟା-କର,
ସଫଳ ସାର୍ଥକ ଲେଖା, ମନୋହର,
ହେଉ ସର୍ବପ୍ରିୟ-ହେଉ ସୁଧା ସମ,
ତୁମ୍ଭ ପାଦତଳେ ପ୍ରାର୍ଥନା ଏ ମମ ।

ଦେବ ହେ !

ଅସ୍ତୁ, ଅସ, ଥରେ ଅସ ମୂର୍ତ୍ତି ଧର,
ଜ୍ୱଳନ୍ତ ଜାଗ୍ରତ ଦେବତା ମୋହର,
ମୋ' ଶତ କଳ୍ପନା ଜୀବନ୍ତ-କବିତା,
ଜୀବନ ସ୍ୱରୂପ ଉଦ ହେ ସବିତା !
ସଦା ଜ୍ୟୋତିର୍ମୟ, ବାସ ପ୍ରଭାମୟ,
ତୁମ୍ଭଙ୍କୁ ନିରେଖି ଉଜ୍ଜ୍ୱଳ ହୃଦୟ,
ଭୟ ଅବିଶ୍ୱାସ ଯାଉ ବହୁ ଦୂର,
ପରସ୍ପରେ ହେଉ ମିଳନ ମଧୁର,
ତୁଟିଯାଉ ମୋର ମୋହ-ଅନ୍ଧକାର
ମୋହ ଆବରଣ କରହେ ବାହାର,
ଉଜ୍ଜ୍ୱଳ ଆଲୋକ ନୟନ-ସମକ୍ଷେ,
ନିତି ଅନାଇଣ ଆଲିଙ୍ଗିବ ବକ୍ଷେ ।

ଦେବ ହେ !

କାମନା ମୋହର ତୁମ୍ଭେ ଆସ ବୋଲି,
ରଚିବ ତୁମ୍ଭର ବେଣୀ ଫୁଲ ତୋଳି,

ପ୍ରେମାବେଶରେ ହୃଦେ କର ଅକର୍ଷଣ,
କ୍ଷଣେ ସ୍ତବ୍ଧ ହେବ ହୃଦୟସ୍ପନ୍ଦନ,
ବେନି ଆଖିପଥେ ପ୍ରେମବାଷ୍ପରାଶି,
ବହୁଯିବ ଉଷ୍ଣ, ହୃଦ ଯିବ ଭାସି,
ଜଡ଼ି ପରସ୍ପରେ, ଯୁଗଳ ମିଳନେ
ମଧୁରେ ଉଚ୍ଛ୍ୱାସେ, ଶାଶ୍ୱତ ଜୀବନେ
କରୁଣ, କୋମଳ, ଲଳିତ, ରୂପରେ,
ଅଙ୍କିନେବ ଛବି ହୃଦୟ ମନ୍ଦିରେ,
ଅଥବା ଭଜନ ହୃଦ-ବୀଣା-ତାରେ
ସ୍ୱର ଦିଅଇବ ତବ ଗୁଣନାରେ ।

ଦେବ ହେ !

ଆସ ମୋର ଦୀନ ହୃଦୟ ମନ୍ଦିରେ,
ପ୍ରଣମିବି ପଦେ ଭକ୍ତି ନତ ଶିରେ,
ଲଗାଇ ଲଲାଟେ ଚରଣ ଧୂଳିରେ,
ପବିତ୍ର ହେବି ମୁଁ ଅନ୍ତରେ ଶରୀରେ ।
ମୋହର ମୂରତି ତୁମ୍ଭ ଭକତକୁ,
ଯେନ ନିରେଖିବ କେବଳ ତୁମ୍ଭଙ୍କୁ
ମୋର ସତ୍ତା ଯିବ ହଜି ତୁମ୍ଭଠାରେ,
ଏଥୁଁ ବଳି ସୁଖ ଚାହେଁ ନା ସଂସାରେ !

ଦେବ ହେ !

କାତର ପ୍ରାର୍ଥନା ଶୁଣ ମୋର ଆଜ,
ତୁମ୍ଭ ପ୍ରେମ ଜଳେ ଧୋଇ ଦିଅ ଲାଜ,

ସିଞ୍ଚଦିଅ ତବ ସୁଧାମୟ ସ୍ନେହ,
ପବିତ୍ର ହେଉ ମୋ ପଞ୍ଚମନ ଦେହ,
ତୁମ୍ଭଙ୍କୁ କବିତା ଆକାରେ ପ୍ରକାଶି,
ତୁମ୍ଭଠାରେ ରସି ତୁମ୍ଭରେ ଉଲ୍ଲାସି,
ତୁମ୍ଭଙ୍କୁ ବିକାଶି ମୋର ପ୍ରତିକର୍ମେ,
ସାଧନା କରବ ଶାନ୍ତ ପ୍ରେମ ଧର୍ମେ ।

ଦେବ ହେ !

ଅଜ୍ଞାନ ଅବୋଧ ମୁହିଁ କ୍ଷୁଦ୍ର ଜନ,
ତହିଁ ବଳି କ୍ଷୁଦ୍ର ଏ ଭାଷା-ସୁମନ;
ଆହରଣ କରି କ୍ଷୁଦ୍ର ବେନି କରେ,
ପ୍ରେମ-ଫୁଲ ହାର ରଚିଛି ସାଦରେ,
ପୂଜିବି ବୋଲି ମୁଁ ତବ ଶ୍ରୀଚରଣ,
କରନାହିଁ ସଖା କେବେହେଁ ବାରଣ,
କ୍ଷୁଦ୍ରମତିର ଅବା କାନ୍ଦିବ ଗୀରବେ,
ଧୈର୍ଯ୍ୟ କି ଧରବ ନ ବାନ୍ଧବ ଲବେ,
ତବ ମନେ ସଖା, ତବ ଆଦରର
ପ୍ରତ୍ୟାଶୀ ତୁମ୍ଭଙ୍କୁ ଅଟେ ତା ଗୋଚର ।

# ଆବାହନ ।

ଆସ ପ୍ରଭୁ ଦୟାମୟ ! ଢାଳ କୃପାବାରି,
ଗାଇବି ସତତ ସୁଖେ ନାମଟି ତୁମ୍ଭର,
ମଧୁମୟ ସୁଲଳିତ ତାହା ମନୋହାରୀ,
ପବିତ୍ର, ସୁନ୍ଦର, ସୁଖ, ଶାନ୍ତିର ଆକର ।

ଜନ୍ମଭୂମି ଭାରତୀର ବୀଣା-ତନ୍ତ୍ରୀତାନେ,
ତୋଳିବି ସକଳ ହୃଦେ ଅମୃତ ନିଃସ୍ୱନେ,
ଭକ୍ତି ଭରେ ନତଶିରେ ତୋଳି ସନମାନେ,
ସ୍ୱଦେଶ-ଭାରତୀ ପ୍ରତି ସୁନ୍ଦର ସୁମନେ ।

ଦିବ୍ୟ ପୁଷ୍ପାଞ୍ଜଳି ଭରି ଦେବି ହେ ପଦ୍ମରେ,
ଭକ୍ତି ଅଶ୍ରୁସିକ୍ତ ଆହା ଲଳିତ ମଧୁର,
କ୍ଷୁଦ୍ର ସ୍ନେହ ଉପହାର ଦେବଦତ୍ତ ସାଦରେ,
ହୃଦୟ ଉଚ୍ଛ୍ୱାସ ଗୀତ କରୁଣ ମଧୁର ।

ଉତ୍କଳ-ସାହିତ୍ୟାଲୟେ ତବ ଯଶୋଗୀତି,
ଉତ୍କଳ ଭାରତୀ ରମ୍ୟ, ପୂତବୀଣା-ତାରେ
ଅମୃତ-ଝଙ୍କାରେ ପୂରି ମୋହୁଁ ସର୍ବଦିଶି,
ପରଶୁ ମର୍ମସ୍ଥଳ ତୁମ୍ଭର କୃପାରେ ।

ସଫଳ କର ହେ ମୋର ଏଦୀନ ଲେଖଣୀ,
ମାଗେଁ ଏହି ବର ପ୍ରଭୁ ତବ ଶ୍ରୀପଦ୍ମରେ,
ସାଦରେ ଗ୍ରହଣ କରୁ ଉତ୍କଳ ଜନନୀ,
ଆଶୀଷ କର ହେ ପ୍ରଭୋ, ଏ ଲେଖନୀ ପରେ ।

ମାତୃଭାଷା-ଦୀପେ ଜାଳି ତବ ଧର୍ମାଲୋକ,
ଉତରିବ ଯେତେ ତାର ମୟୂଖ-ଉଜ୍ଜ୍ୱଳ,
ସେ ଆଲୋକେ ପାସୋରିଣ ଦୈନ୍ୟ ଦୁଃଖ, ଶୋକ,
ଫୁଟି ହସିବ ସହସ୍ର ହୃଦୟ-କମଳ ।

ତବ ଚରଣ-ରାଜୀବ ସେବିବ-ସତତ
କ୍ଷୁଦ୍ର ମମ ମାତୃଭାଷା ଫୁଲ ଅଞ୍ଜଳିଟିର;
କ୍ଷୁଦ୍ର ନୁହେ ସେହି ଆହା ପବିତ୍ର, ମହତ,
ମୋର ଭାଷା ବଡ଼ ସିନା-ମୋହର କତରେ ।

କେ ଭାବୁ ତାହାଙ୍କୁ ଶୀର୍ଣ୍ଣ ସେ ମୋର ଅମୃତ,
ରସନା ଯା' ଉଚ୍ଚାରଣେ ଫିଟିଲା ପ୍ରଥମ
କେ ବୋଲୁ ନୀରସ, ରୁକ୍ଷ, ତଥାପି ସେ ପୂତ,
ଭାଷା-ଫୁଲ-କୁଞ୍ଜେ ସେତ ମନ୍ଦାର-ସୁମନ ।

ଶିଖାଅ ସେବିବ ଯେତେ ଦେଇ ସର୍ବଶକ୍ତି,
ମାତୃଭାଷା ଅର୍ଘ୍ୟେ ତବ ଶ୍ରୀପଦ-ନଳିନ:
ଢାଳି ମୋର ଜ୍ଞାନ, ବିଦ୍ୟା, ବୁଦ୍ଧି, ପ୍ରୀତି, ଭକ୍ତି,
ଧନ୍ୟ ଧନ୍ୟ ହେଉଥିବ ଉନ୍ନତ-ମହମ ।

କର: ଆଶୀର୍ବାଦ ପ୍ରଭୁ ସେହି ଭାଷାଘରେ
ଚିର ଆଦରଣୀୟ ସେ ଉତ୍କଳେ, ସୁନ୍ଦର,
ଥାଉ ଶତ ଶତ ଭାଷା ଦେଶ ବିଦେଶରେ
ମଣେ ଯେତେ ଏକା ତାହା ସମ୍ପତ୍ତି ମୋହର ।

ସନ୍ତାନର ଦତ୍ତ କ୍ଷୁଦ୍ର ତୁଚ୍ଛ ଉପହାର
ଆଦରେ ଯେମନ ନେହ ତାତ ତବ ବଡ଼ପଣେ,
କ୍ଷମ ଶତ ଅସଙ୍ଗତ ଦୋଷରାଶି ତାର,
ଅନ୍ତେ ସ୍ଥାନ ଲଭୁ ଦୀନ ତୁମ୍ଭର ଚରଣେ ।

## କା' ପାଇଁ ।

କା ପାଇଁ ବସାଇ ହୃଦୟ-ମନ୍ଦିରେ
ସଜାଡ଼ିଛୁ ଫୁଲଡ଼ାଲା,
କା ପାଇଁ ବସାଇ ଲୋତକ-ସୂତ୍ରରେ
ରଚିଅଛୁ ପ୍ରେମମାଳା ।
ହୃଦ-ବେଦୀ ମୋର ସଜାଇ ଯତନେ,
ବସାଇବ ସ୍ୱର୍ଗ ଦେବତା ରତନେ,
ଏତ ମୋର ଅଭିଳାଷ,
ତାର ଦେଖା ପାଇଁ ବସିଛୁ ଅନାଇଁ
ସୁଦୀର୍ଘ ବରଷ ମାସ ।

## ଆହ୍ୱାନ ।

ଅସ ଆସ ମୋର ହେ ଚିରବାଞ୍ଛିତ
ବସ ହେ ହୃଦୟ-ଆସନେ,
ଦେଖିବି ତୁମ୍ଭର ପବିତ୍ର ଆନନ
ଲୋତକ ପୂରିତ ଲୋଚନେ ।
ମଣ୍ଡି ଅଛୁ ଆଜ ହୃଦୟ-ଭବନ,
ମଣିମୁକୁତାରେ କରି ସୁଯତନ,
ଆସ ଆସ ମୋର ଜୀବନ ରତନ,
ହୃଦ-ପଦ୍ମ ବନ୍ଧୁ-ଭାସ୍କର,
କୁସୁମିତ ଲତା-ନିକୁଞ୍ଜ-କୁଟୀରେ
ପଡ଼ୁ ତବ ପାଦ-ପୁଷ୍କର ।
ତୋଳିଅଛୁ ଫୁଲ, ଗୁନ୍ଥିଅଛୁ ହାର,
ଗୃହୁଁ ତ ପୂରିଲ ପୂଜାର ସମ୍ଭାର,
ଭକତି-ଅରଘ, ନୟନ ଆସାର,
ସବୁତ ରଖିଛୁ ସଜାଡ଼ି,
ଯେନ ତେନ କରେ, ପ୍ରୀତି-ପୁଲକିତ,
ପାଦତଳେ ଦେବି ଅଜାଡ଼ି ।
ଉଚ୍ଛନେ ଧାଇଣ ଶ୍ରୀପଦ-ସାରସ;
ଗୃହଁ ଗୃହଁ ହାୟ ! ବିତୁଛି ବରଷ,
ଷଣେ ଷଣେ ମନ ଭଜୁଛି ବିରସ,
କିପାଁ ଏଡ଼େ ତବ ଉଛୁର,
ବେଳ ବୁଡ଼ିଗଲଣି, ଧୃତି ଛାଡ଼ିଲାଣି,
ଆସ ଆସ ପ୍ରଭୁ ସତ୍ୱର

## ସେବିକାର ପ୍ରାର୍ଥନା ।

ତୁମ୍ଭ ପୂଜାପାଇଁ ସଖା ହେ
ସଜାଡ଼ିଛୁ ବେଦିକା,
ଶୁଦ୍ଧ ଶାନ୍ତ ହୋଇ ବସିଛି
ଦୀନା ତବ ସେବିକା ।
ତୁମ୍ଭେ ଆସ ଆସ ବୋଲିଣ
ଜାଣ ଡ଼ାକୁଛି କେତେ,
ଯେତେ ହେଉଅଛି ନିରାଶ
ପ୍ରେମ ବଢ଼ୁଛି ତେତେ ।
ତୁମ୍ଭେ ବଡ଼ ମୁଁ ତ ସାନ ହେ
ତୁମ୍ଭ ଆଦରିବ ବଡ଼,
ତୁମ୍ଭେ ପ୍ରଫୁଲ୍ଲ ସର ହେ,
ମୁଁ ତ ଫୁଟନ୍ତା କଢ଼ି ।
ତୁମ୍ଭେ ତେଜୋବାନ ଆଦିତ୍ୟ,
ମୁଁ ତ କ୍ଷୀଣ ଚନ୍ଦ୍ରମା,
ଲଭି ତବାଲୋକ ପ୍ରଭୁ ହେ
ଚଳେ ମୋର ସୁଷମା ।
ତୁମ୍ଭେ ପୂର୍ଣ୍ଣ-ସୁଧା-ସିନ୍ଧୁ ହେ,
ମୁଁ ତ କ୍ଷୁଦ୍ର-ସରିତ,
ତୁମ୍ଭ ପାଦତଳ ଅଧୀନ
ଥିବା ମୋର ଉଚିତ,

## ଦୃଷ୍ଟା ।

ପାଦପୂଜିବା ଲାଗି ଶତୋପଚାର
ସଜାଡ଼ି ରଖିଅଛୁ ପୂଜା-ସମ୍ଭାର,
ଗୁନ୍ଥି ରଖିଛୁ ମନ-ଫୁଲରହାର
ଅକୂଳେ ବସିଅଛୁ ଜଗି ଦୁଆର । ୧ ।

ହୃଦୟ ବେଦୀ ଗଢ଼ି ଅତି ଯତନ
ସଞ୍ଚିଣ ଅଛୁ ଯେତେ ପ୍ରେମ ରତନ,
ବସିବୁ ତହିଁ ବନ୍ଧୁ, ଏ ଅକିଞ୍ଚନ
କାହୁଁ ପାଇବ ସ୍ୱର୍ଣ୍ଣ, ମଣି, କାଞ୍ଚନ । ୨ ।

ବ୍ୟସ୍ତ ଥିଲି ମୁଁ ପରା, ସାରା-ସକାଳ
ଗୋଷ୍ଠାରେ ଫିଙ୍ଗି ଥିଲି ହୃଦ-କଙ୍କାଳ,
ଯାହା ନିର୍ମ୍ମଳ କରି, ଗୁନ୍ଥିଣ ମାଳ,
ଅନାଇଁ ରହିଲି ତୋ, ଆସିବା କାଳ । ୩ ।

କେତେ କାଳ ତ ବୃଥା ବିତିଲା ଆସି
ଅନାଇ ବସି ତୋତେ ହେଲି ଉଦାସୀ,
ଭୁଲିବୁ କାଳେ ପରା ମୁଁ ଅବିଶ୍ୱାସୀ,
ଜଗି ବସିଛି ତେଣୁ ବିଶ୍ରାମ ନାଶି । ୪ ।

ଘଡ଼ିକି ଘଡ଼ି ମନ ହୁଏ ଚଞ୍ଚଳ
ମୁହୂର୍ତ୍ତେ ଯୁଗେ ବୋଲି ହୁଏ କି ଭ୍ରମ,

ହୃଦ-କୋଣରେ ପଶି ପ୍ରେମ ପ୍ରଚ୍ଛନ୍ନ,
ଛନକା ପଶେ ତେଣୁ ହୃଦେ ସଘନ । ୫ ।

ପାଦ-ଶବଦ ପରି ଶୁଭିଲା ଆସି,
କଳ୍ପନା ନେତ୍ରେ ରୂପ ଉଠିଲା ଭାସି,
ରୋମାଞ୍ଚ କଳେବର ହର୍ଷେ ଉଚ୍ଛାସି,
ସକଳ ମନୋବୃତ୍ତି ଉଠେ ବିକାଶି । ୬ ।

କ୍ଷଣେ କମ୍ପଇ ତନୁ ପ୍ରେମେ ମୋହିତ,
ପ୍ରତି ରୋମ କି ସ୍ୱେଦ କଣା-ଜଡିତ,
ଶିରି ଶିରିରେ ଖେଳେ ପରା ତଡିତ,
ବାଧା ନ ମାନି କିନ୍ତୁ ଧାଏଁ ତ୍ୱରିତ । ୭ ।

କାହିଁ ତ କିଛୁ ନାହିଁ, ଦୂର କାନନେ,
ପତର-ମରମର ମନ୍ଦ ପବନେ,
ବାଜିଲା କାନେ ପରା, ମନ-ଝଞ୍ଜଟେ
ଚାହିଁଲି ଉଦ୍ବେଗ ମୁଗ୍ଧ-ନୟନେ । ୮ ।

ଆସି ହେଲାଣି ସନ୍ଧ୍ୟା ଆସିଲୁ ନାହିଁ,
କି କଥା କଲୁ ଏତେ ଭୁବ ଲଗାଇ,
ଆସିବୁ ପରା ମୋତେ କହିଲୁ ଯାଇଁ,
ଛାନ, ଅଜ୍ଞାନ ବୋଲି ଦେଲୁ ଭଣ୍ଡାଇ । ୯ ।

ଏବେ ଭଣ୍ଡିଲୁ ସିନା ଆସିବ ଦିନ,
ଅଶ୍ରୋକର ରହିଥା' ମନ୍ଦା ମନ୍ଥନ,

ବଡ଼ମା-ପଣ ଛାଡ଼ ଏ ଦୀନହୀନ,
ପଡ଼ିବ କୁଟି-ଦ୍ୱାରେ ପାଦ୍ମ-ନଳିନ ।୧୦।

ଶିଥିଳ କଳେବର ଜରା ପରଶି
ଜୀବନ-ନାଡ଼ୀ ଯେବେ ଯିବଟି ଖସି,
ଘନ-ଅନ୍ଧାରେ ଆତ୍ମା କାନ୍ଦିବ ବସି,
ଓହ୍ଲାଇ ଆସିବୁ ତ ଜ୍ୟୋତି ବରଷି ।୧୧।

ଦୀନ ଭିକାରୀ ଟେକି ରିକ୍ତ ହସ୍ତରେ,
ବସିବ ଯେବେ ଭବ-ସିନ୍ଧୁ ତଟରେ,
ଯାଚି କରିବୁ ଖାଲି, ତବ ପ୍ରେମଡୋର,
ଛାଡ଼ି ଦେନା ଦୟା ବନ୍ଧି ମୋ' ପରେ ।୧୨।

ଆସି ଉଇଁଲୁ ସବୁ ଗଗନେ ତାରା
ଝରିତ ପଡ଼ିଲାଣି ଚନ୍ଦନୀ-ଧାରା,
ଘୋଟିଲାଣି ଅନ୍ଧାର ଧରଣୀ-ସାରା
ଫୁଟିଲେଣି ପ୍ରସୂନ ନୟନ-କାରା ।୧୩।

ଚୁମ୍ବି ସଧୀରେ ଜ୍ୟୋତ୍ସ୍ନା ଫୁଲ-ଲପନେ
ଚରଚୁଛି ଧରଣୀ ଅଙ୍ଗ ଚନ୍ଦନେ,
ଫୁଲ ସୁରଭି ବହେ ଧୀର ପବନେ
ଜଳି ଉଠଇ ସନ୍ଧ୍ୟା-ଦୀପ ସଦନେ ।୧୪।

ମନ୍ଦିରେ ଶୁଭିଲାଣି ଆରତି'ନାଦ,
ଗଣିଲିଣି ଅକୁଳେ ମନ ପ୍ରମାଦ,

ହରଷ ବନ୍ଧ୍ୟାସ୍ତୂପେ ସ୍ୱପ୍ନ-ବିଷାଦ
ଅବଶ ନାଶେ ଚିର-ଜ୍ୟୋତି-ଆହ୍ଲାଦ । ୧୫ ।

ତୃଷା ଆକୁଳେ ମୋର ଯୁଗଳ ଆଖି—
କୋଟେ ଝରିଲା ଲୁହ, ରହିଛି ଲାଖି,
ଏ ଚନ୍ଦ୍ର, ତାରା, ସନ୍ଧ୍ୟା, ତହିଁକ ସାକ୍ଷୀ,
କେବେ ଆସିବୁ ସଖା, ମୁଁ ଜନମଭାଗି । ୧୬ ।

ଦେଖିଛି କେତେଜନ ଧରନ୍ତି ଅଣ୍ଟ,
ତେତେଜନ ଯୁଝିକି ଗହିଁବ ବାଟ,
ତୋ ପ୍ରେମେ ନାହିଁକି ଦେବ ମୋ ଭାଗ ବାଣ୍ଟ,
ଜଗି ବସିଛି ମେଲି ହୃଦ କବାଟ । ୧୭ ।

ପ୍ରେମ ସୂତରୁ ଛବେ ତୁ ପ୍ରେମ-ପଟ,
ବସାଇ ଅଛୁ ଭବେ ପ୍ରେମର ହାଟ,
ଟେକିଣ ଦବେ ପରି ପ୍ରେମର ଠାଟ
ଭବ-ମାୟାରେ ଖେଳ ପ୍ରେମର ନାଟ । ୧୮ ।

ଘନ ବିଜୁଳି ପରି ଦେଇଛୁ ତୁ ଦେଖା,
ମିଳାଇ କ୍ଷଣେ ଶୂନ୍ୟେ ଅଙ୍କିଣ ରେଖା,
ହୃଦୟ ପଟେ ମୋର, କରେ ଅପେକ୍ଷା,
ଆସିବୁ ବୋଲି, ଆଉ କାହିଁ ତୋ ଦେଖା । ୧୯ ।

ବୁଝିକି ନାହୁଁ ତୁହି ମୋ ଆକୁଳତା,
ନୋହିଲେ କାହିଁ ଏତେ ନିଷ୍ଠୁର କଥା;

କଣ୍ଠାଗ୍ର ଜିହ୍ୱାରେ ତୋହର କଥା
ଦୀନ ଜନ-ଭବ ଏ ଭୋର ଚେତା । ୨୦ ।

ଦୀନ ଜନ ମୁଁ ସତ, ତୁ ନୃପମଣି
ତଥାପି ତୁହି ମୋର ହୃଦୟ ମଣି,
କେମନ୍ତେ ଭୁଲିବି ତୋ ବିନା ସରଣୀ,
ଅନ୍ଧ ମୁଁ, କଣ୍ଟାବନ ସିନା ଧରଣୀ । ୨୧

କରିବି କିସ ବନ୍ଧୁ, ତୋ ପାଦ ଛାଡ଼ି,
ଭୁଲିବି କେଉଁ ପଥେ କି ବୁଦ୍ଧି କାଢ଼ି,
ଖଞ୍ଜ ମୁଁ, ନାମ ତୋର ମୋ' ଆଶା-ବାଡ଼ି;
ମୁଁ ସିନା ମାଂସ-ପିଣ୍ଡ, ତୁ ଜୀବ ନାଡ଼ୀ । ୨୨ ।

ଏବେ ଏ ଦେହେ ମୋର ପ୍ରାଣ-ପବନ
ତୋ' ସ୍ମରଣେ ସିନା ଧରେ ଜୀବନ,
ତୋତେ ଅଲେଖେ ଦେଖେ ମୋର ନୟନ
ଅନ୍ତରେ ପ୍ରିୟ ତୁହି ଅନ୍ତରତମ । ୨୩ ।

ତୋ ରୂପେ ତନୁ ସିନା ଶୋଭା-କାନନ,
ତୁ ପରି ପରିମଳ, ମୁହିଁ ସୁମନ,
ତୁ ଅବା ବସନ୍ତର ଶୈତ୍ୟ ପବନ,
ମୁଁ ତହିଁ ପଦ୍ମ-ଗନ୍ଧ ମନୋମୋହନ । ୨୪ ।

ମୁଁ ଅବା ଫୁଲ-ଗଛ ଶୋଭିତା ତହିଁ,
ନବୀନ ମଧୁମୟ ବସନ୍ତ ତହିଁ,

ତୁହିଁ ସୁନ୍ଦରତମ, ନୁହଇ କହି
ତୋ ବିନା ପ୍ରାଣ ମୋର କେତେ ବରଷି । ୧୫ ।

ମୋ ପିକ-କଣ୍ଠ ପରି ପଞ୍ଚ ଲହରୀ—
ଅମୃତ-ଗୀତ ଗାଇ ମୋହିତ କରୁ,
ମନ-ଚୂତ-ବକୁଳ ମୁକୁତା କରୁ,
ଗୁପତେ ପ୍ରେମ-ବାଁଶ ନେଇଁକି ହରୁ । ୧୬ ।

ବଡ ସୁନ୍ଦର ପୁଣି ବଡ ଚତୁର,
ପଦ-ପଙ୍କଜ ଲାଗି ହୃଦ ଆତୁର,
ଜାଣି ମନର କଥା ରହିଲୁ ଦୂର
ବେଳକୁ ଦଗା ଦେଲୁ ଏତେ ନିଷ୍ଠୁର । ୧୭ ।

ଏହିକି ପ୍ରେମ ତୋର ହେ ପ୍ରାଣସାଇଁ,
ବରଷା-ବାରି-ସଙ୍ଗେ ନଭୁଁ ଓହ୍ଲାଇ
କାନେ କାନେ ଗୋପନେ ଧୀରେ ଶୁଣାଇ
ନଦେଲେ ପ୍ରେମଭାଷା, ଥିଲୁ ତୁ ଯାଇ । ୧୮ ।

ସନ୍ଧ୍ୟା- ଶିଶିର-ଧୋଆ ଶୁଭ୍ର ମଲ୍ଲିକା—
ନବୀନ ବିକଶିତ ରମ୍ୟ କଳିକା,
ଚିକ୍କଣ କରି ଗୁନ୍ଥି ଅଛି ମାଳିକା
ବେଢ଼ାଇ ଅଛି ଦେଖ ହୃଦ-ବେଦିକା । ୧୯ ।

ନୟନ-ଜଳେ ବାସ କର୍ପୂର ଘଷି,
ସିଞ୍ଚି ମଣ୍ଡପ ଅତି ଯତନେ, ବସି,

ଅନାଇ ରହି ଧୈର୍ଯ୍ୟ ଯାଉଛି ଖସି,
ହୃଦ ଆକୁଳ ଘୋର ବେଦନା ପଶି । ୩୦

କାହିଁକି ନ ଆସୁ ତୁ କହ ଦୟିତ,
ବତ ବହାଇଣ ଏହା ନୁହେ ଉଚିତ,
ଆଖିତେ ଅନାଦର କର ବ୍ୟଥିତ,
ନିଷ୍ଠୁର କୃପା ତୋର ପରିଣ-ମିତ । ୩୧ ।

ଦୀନଜନ ଭାବ କି କରୁଛ ହେଳା,
ମଝି ସାଗରେ ମୋର ବୁଡ଼ିବ ଭେଳା,
ସାଙ୍ଗ ହୋଇବ କ୍ଷଣେ ଏ ଭବ ଖେଳା,
କୃପା କରିଣ ନାଥ ରଖ ଏ ବେଳା । ୩୨ ।

ତ୍ରିଭୁବନ କାଣ୍ଡାରି ! ଏ ଜୀବ ନାଆ,
ଘୋର ବିପଦେ ସିନା ଏକା ତୁ ସାହା,
ଭୀମ-ଭବ ସାଗରେ ଦିଶେ କି ରାହା,
ପ୍ରଭଞ୍ଜନ ତାଡ଼ନେ ବୁଡ଼ିବ ଅହା । ୩୩ ।

ଏ ଭବ-ମରୁ-ଦେଶେ କି ପଥ ଦିଶେ,
ତୃଷା ଆକୁଳେ ପ୍ରାଣ ଦଗ୍ଧ, ଜମିଶେ,
ମରୀଚି-ଜଳ-ଭ୍ରାନ୍ତ ସେ ଦୁଃଖେ ମିଶେ,
ନିବାର ତୃଷା, ପଦ-ବାରି-ଆଶୀଷେ । ୩୪ ।

ଅଗୋ ! କି ଖେଳ ଖେଳୁ ମୋର ସଙ୍ଗତେର,
ଲୁଚୁଛ ମୁଖ ତୋର ପ୍ରେମ ରଙ୍ଗରେ,

ଅନୁଭବେ ବେଦନା ଗଭୀର ଅଙ୍ଗଟିରେ,
ଘେନ ହେ ଦୟାମୟ ତୋ ଉତ୍ସଙ୍ଗରେ । ୩୫ ।

ଶାନ୍ତ ପ୍ରଲେପ ବାନ୍ଧି ହୃଦ-କ୍ଷତରେ
ଶୀତଳ ପ୍ରାଣ ମୋର, ମାଗେଁ କାତରେ,
ନବ ଜୀବନ ଲଭି ସ୍ପର୍ଶମାତରେ
ଗାଇବ ପ୍ରେମନାମ ଶତ-ବକ୍ତ୍ରରେ । ୩୬ ।

କାହାଁ ରହିଛୁ ଦୂରେ ମୋ ଆତ୍ମା ଛଳି,
ପ୍ରେମ ପଣ ମୋର କି ନେଉଛୁ କଳି,
ସର୍ବ ପ୍ରାର୍ଥନା ମୋର ଯାଉ ବିଫଳି,
ଭିକ୍ଷା ନୋହିବ ପାଦେ ଆଦର ଅଳି । ୩୭ ।

ସୁନା କି ଭେଲ ଶୁଦ୍ଧ କଷ-ପଥର
ମନ ମୋର ପରଖି ନିଅ ସତ୍ୱର
ଜଣାଯିବ ଭଲରେ ଗୁଣ ଏଥର,
ସ୍ୱୈରା ଲଗ୍ନିତ ନୁହେ ଗାରେ ତୋହର । ୩୮ ।

ମୋ' ମନ ଲୁହା ଯଦି, ତୁ ଅୟସ୍କାନ୍ତ ,
ବେଗେ ପରଶି ସୁନା କର ସୁକାନ୍ତ,
ଛାଡ଼ିବ ନାହିଁ କେବେଁ ପୟର ପ୍ରାନ୍ତ,
କହନ୍ତୁ ଲୋକେ ମୋତେ ଉନ୍ମାଦ ଭ୍ରାନ୍ତ । ୩୯ ।

ଉନ୍ମାଦ ହେଲି ପରା ତୋ' ରୂପ ଚାହିଁ,
ଯାର ସଂସାର ଖୋଜେଁ ତୁଳନା ନାହିଁ,

ଯାଉ ହେ ଦିନ ମୋର ତୋ' ଗୁଣ ଗାଇ,
ହୃଦୟ—ବୀଣା ତନ୍ତ୍ରେ ତୋ ନାମ ବାଇ । ୪୦ ।

ଅବା ପିତ୍ତଳ ଯଦି ନୁହେଁ ମୁଁ ସୁନା,
ମାଜି ଉଜ୍ଜ୍ୱଳ କର, କରି କରୁଣା,
ଦର୍ପ ସକଳ ମୋର କର ହେ ଚନା,
ନୂତନ କର ହୃଦ କାଢ଼ି ପୁରୁଣା । ୪୧ ।

ମିଛେ ମୋହର ଏତେ ପାଦେ ଗୁହାରି,
ଭୁଲିଛୁ ଧାନ ଆମ୍ଭ ଅଛୁ ବିସ୍ମରି,
ଭୁଲିଲି ପାରୁ ଭକ୍ତେ, ଭୁଲିବ ନାହିଁ,
ସନ୍ତାନ ଗର୍ଭୁଁ ଯାର ଅଛି ବାହାରି । ୪୨ ।

ମୋ ନେତ୍ରେ ମନୋରମ, ତୁ ଶୋଭାମୟ,
ଚିନ୍ମୟ, ମଧୁମୟ, କରୁଣାଳୟ,
ମୁଁ କି ନ ପାରେ ଜାଣି ତୋର ହୃଦୟ,
ପ୍ରେମ ରଜ୍ଜୁ ଆକର୍ଷି, ହେ ପ୍ରେମମୟ । ୪୩ ।

ତୋ' ମୁଖ ଚନ୍ଦ୍ର, ମୋର ହୃଦ ଆକାଶେ
ଜ୍ୟୋତ୍ସ୍ନା ବରଷିଣ ମଧୁର ହାସେ,
ଉଜ୍ଜ୍ୱଳ ଦଶଦିଗ ଶୋଭା ପ୍ରକାଶେ,
ଭ୍ରମ-କଳୁଷ-ଘନ-ତମିସ୍ର ନାଶେ । ୪୪ ।

ମୁଁ କି ଶରତ ରମ୍ୟ ଶୋଭା ସମ୍ଭାର
ଶୀତଳ-ଜ୍ୟୋତ୍ସ୍ନା ଧବଳିତ-ନଗାର,

ତହିଁକି ଶୁଭ୍ର ସଜ ଶେଫାଳୀ-ହାର
ବିତରୁ ବାସ ଫେଡ଼ି ଦଳ-ଦୁଆର । ୪୫ ।

ସୁନ୍ଦର ଘନ-ନୀଳ ଆକାଶ ପଟେ,
ଅଙ୍କା କି ଛବି ତୋର, ପୁଣି କପଟେ,
ଲୁଗୁଇ ମୁଖ ତୋର ମୋହ ନିକଟେ,
ସତେ ତହିଁ ତୋ' ବଡ଼ପଣ ପ୍ରକଟେ । ୪୬ ।

ନଦୀ ନୀଳ ତରଙ୍ଗ-ମାଙ୍ଗ-ଭଙ୍ଗରେ
ଉଚ୍ଛୁଳି ଉଠେ ରୂପ ପ୍ରେମ ରଙ୍ଗରେ,
ଭାବ ଅତିବଶେ ମୁଗ୍ଧ, ଅନୁରାଗରେ
ଉଚ୍ଛ୍ୱସି ଉଠେ ମନ ସୁଆଗ-ଭରେ । ୩୭ ।

ହୃଦ ଦର୍ପଣେ ପଡ଼ି ତୋ ରୂପରାଶି,
ପ୍ରତି ଫଳିତ, ରମ୍ୟ ଶୋଭା ବିକାଶି,
ଲୁଚଣ ଦେଖି ରସେ ହୃଦ ଉଲ୍ଲାସି
ତୋ ପାଇଁ ପରା ପ୍ରାଣ ସଦା ପିପାସୀ । ୪୮ ।

ବନେ ବିହଙ୍ଗ ଗାଏ ତୋ ପୂଜା-ସ୍ତବ,
ଉଦ୍ୟାନେ ଗାଏ ଅଳି କୁସୁମ ନବ—
ପ୍ରମତ୍ତ ପିଇ ମଧୁମୟ ଆସବ,
ମୁଁ ପିଏଁ, ନାମ ମଧୁ ହରଷେ ତବ । ୪୯ ।

କେତେଡ଼ ସୁନ୍ଦର ତୁହି ଏକା ସେ ଜାଣିଣ,
ଅନୁଭବ କରନ୍ତି ଯେ ତୋତେ ପ୍ରାଣେ ହେଁ,

ଫୁଲଠୁଁ ସୁବାସିତ ମୋ ମନୋଘ୍ରାଣେ,
ଝଣାଠୁଁ ପୁଲକିତ ତୋ' ସ୍ୱର କାନେ । ୬୦ ।

ମଧୁଠୁଁ ସୁମଧୁର ମୋ' ରସନାରେ,
ସର୍ବ କାମନା ସାର ଜୀବ-ଆତ୍ମାରେ,
ସର୍ବ ସୌନ୍ଦର୍ଯ୍ୟ ପୂର୍ଣ୍ଣ ତୋହର ଠାରେ,
ଢାରେ ଅନାଥ ହୀନ-ଦଶା, କୃପାରେ । ୬୧ ।

ଅକର୍ମଣ୍ୟ ଅଟେ ମୁଁ ଦୁଃଖିତ ଜନ,
ତହୁଁ କି ଦୋଷ ମୋର ଯଦ୍ଧ ଅଧମ,
ତୋ' ହାତ ଗଢି ଅଛ ଏ ପିଣ୍ଡ ମମ
ତୋ କୃପାଦାନେ ତାଙ୍କୁ କର ପାବନ । ୬୨ ।

ସୂର୍ଯ୍ୟ ଉଜ୍ଜ୍ୱଳ ଯଦ୍ଧ ନିଜ ଗୁଣରେ,
ପ୍ରଦାନେ ରମ୍ୟ ଜ୍ୟୋତିଃ ଚନ୍ଦ୍ର ଅଙ୍ଗରେ,
କଳଙ୍କ ରେଖାଙ୍କିତ ଜଡ଼ ପିଣ୍ଡରେ,
ବର୍ଷୁ ତେସନେ ଦୟା-କର ମୋ ପରେ । ୬୩ ।

ଗୁଣହୀନ ଯଦର କ୍ଷୁଦ୍ର ହସାରେ,
ନୁହଇ ଗୁଣହୀନ କ୍ଷୁଦ୍ର ତୋଠାରେ,
କେତକୀ ଫୁଟେ ଯିନା ଘନ କଣ୍ଟାରେ,
ଉନ୍ମୁଖ ହୁଏ କିରେ ଅଳି ତା, ଠାରେ । ୬୪ ।

ମୋ ମନ ମଧୁ ପର୍ଯ୍ୟ ପିଇବା ଲାଗି,
ରହୁଛି ପ୍ରେମ ଅଳି ତୋ' ହୃଦେ ଜାଗି,

ପଶ୍ଚରେ ଆଜ୍ ମୋର ଏ ଟେଉ ଲଗି,
ଅନ୍ତେ ପଶ୍ଚର ତଳେ ହୁଏ ମୁଁ ଭାଗୀ । ୫୫ ।

ମାନସ-ସରୋବର-କମଳାସନେ-
ପୂଜିତ ପ୍ରିୟତମ, ପଦ ସୁମନେ,
ଭକତ ସଦା ଥାଉ, ଏ ଦୀନଜନେ—
ଅଧମ ଦାସ ଗଣି, ସାରିବୁ ଯେଣେ । ୫୬ ।

କସ୍ତୁରୀ ଯେମନ ଯେସନ୍ତେ ମୃଗ-ନାଭିରେ,
ଗନ୍ଧେ ଆକୁଳ ଧାଏଁ ସେ ଅଟବୀରେ,
ପୂରି ରହିଥା ତେସନ୍ତେ ହୃଦ-ମନ୍ଦିରେ,
ଭୁଲିଣ ଥିବ ରହି ତୋହ ପ୍ରୀତିରେ । ୫୭ ।

ତୋ ପ୍ରେମ-ସରୋବରେ ମନ ମରାଳୀ,
ଖେଳି ବୁଲିବ ଭାସି ତରଙ୍ଗ ଗୁଳି,
ପ୍ରୀତିକମଳ-ବନ ସଜ ମୃଣାଳୀ-
ଅଙ୍କେ ଆଦରେ ଦେହ ଦେବ ସେ ଢାଳି । ୫୮

ମୁଗ୍ଧ ତୋଠାରେ ମନ ନ ରସେ ଅନ,
ତୋ' ଗୁଣଗ୍ରାମ ମୋର ସଦା ଧିଆନ,
କହିଲୁ ମର୍ତ୍ତ୍ୟବାସୀ ମୋତେ ଅଜ୍ଞାନ,
ଯଦି ତହିଁ ମୋ ନାହିଁ ତିଳ-ପ୍ରମାଣ । ୫୯ ।

ଭାଙ୍ଗି ଯାଉ ମୋ ସବୁ ଭବ-ଖେଳନା
ବିଜ୍ଞାନ କାରୁକାର୍ଯ୍ୟ ରମ୍ୟ ପେଖନା,

ପାଦ ଅର୍ଚ୍ଚନା ମୋର ଚିର କାମନା
ଘେନା କର ତା’ ନାଥ, ଏହି ପ୍ରାର୍ଥନା । ୬୦

ତୋ ନାମ ପରା ଦୀନ-ଦୁଃଖୀ-ସଙ୍ଗାଳ
ତୋ ନାମ ପରା ପ୍ରିୟ ମୋ ଜପମାଳି ହେ ।
ଶ୍ରୀପାଦ ତଳେ ଭକ୍ତି-ଅରଘ ଢାଳି
ପୂଜିବି, ଆତ୍ମା ମୋର ରଖ ସମ୍ଭାଳି । ୬୧ ।

ବସନ୍ତ ଲତା ଯଥା ନବ ଚୂତରେ,
ମୋ ଆତ୍ମା-ଲତା-ଆଶ୍ରା ପଦପ୍ରାନ୍ତରେ ହେ
ସୁଗୁଣ ଫୁଲରାଶି ଫୁଟି ଅଙ୍ଗରେ
ମହକ ଉଠୁ ବାସ ଦଶଦଶରେ । ୬୨ ।

ପଙ୍କେ ଫୁଟିଛି ପରା କମଳସମ
ପରଶି ପ୍ରେମ-କର ତୋହର, ମମ ହେ
ମେଲିବ ଦଳ -ରାଜି ତହିଁ ଆସନ
ପାରି ବସିବୁ ସଖା, ମୋ ପ୍ରିୟତମ । ୬୩ ।

ତୋ ପ୍ରେମ ଅକୂପାର ତା ସୀମା କାହିଁ,
କେତେଢ଼ ଗଭୀର ଭବେ କେ ଜାଣେ ନାହିଁ ହେ
ଅନ୍ତେ ସୁଦ୍ରଷ୍ଟା ମୋତେ କରିବାପାଇଁ
କୁଣ୍ଠିତ ନୋହିବୁ ତୁ ଜଗତସାଇଁ । ୬୪ ।

# ପ୍ରାଣର ଉଚ୍ଛ୍ୱାସ

ହରିନ୍ନ ସୁନ୍ଦର ବଦନ ତୁମ୍ଭର
କହ କାହିଁ ଦେଖା ଯାଏ ନା,
ଭକ୍ତିର ହେ ବନ୍ଧୋ ଚରଣେ ପରାଣେ
ଯେହୁ ତ ସତତ ବାସନା ।

ସଜ ବିକଶିତ କୁସୁମ ମଞ୍ଜରୀ,
ସୁରଭି ବସନ୍ତ ମଳୟ ସଞ୍ଚରି,
ଆସେ ମଧୁକର ଗୁଞ୍ଜରି ଗୁଞ୍ଜରି,
କେତେ ବ୍ୟଥା କହୁଯାଏ ନା ।

ନିଶାର ଶିଶିରସିକ୍ତ ଦୂର୍ବାଦଳ,
ତରୁଣ-ଅରୁଣ-କିରଣ ଉଜ୍ଜ୍ୱଳ,
ଲହରୀ ଚଞ୍ଚଳ ନୀଳ ନଭଜଳ,
କେତେ ମନକଥା କହେ ନା ।

ହରହେ କାତର, ଭ୍ରମେ ଦିଗେ ଦିଗେ ।
ତବ ସ୍ୱର କାନେ ବାଜିଲା କି ନିମିଷେ,
ବିହଙ୍ଗ-କାକଳି ଶୁଣିଯାଏ ଭୁଲି,
ଧାଏଁ କି ଅନନ୍ଦେ ଉନ୍ମତ୍ତା,

ସଖା ! କାହାର ଏ ବଂଶୀ ଝଙ୍କାର
ବିଶ୍ୱ-ରନ୍ଧ୍ରେ ଶୁଣେ ନିରନ୍ତର
ଭୁଲଇ ହୃଦୟ ଯାତନା

ପ୍ରାଣର ଉଚ୍ଛ୍ୱାସେ, ଉନ୍ମାଦ ଉଲ୍ଲାସେ,
ଖୋଜିଲି ଚନ୍ଦ୍ରପାଶେ, ଅବନୀ ଆକାଶେ,
ତଥାପି ଦେଖା ମୁଁ ପାଏ ନା ।

ଆହା କି ପାଇଁ ପ୍ରାଣେଶ ମୋ ଅସନା,
କହ, କି ପାଇଁ ପ୍ରାଣେଶ ମୋ ଆସନା, ?

## ଗଲା ଦିନ ହାୟ, ଗଲା ବିଭାବରୀ ।

୧। ଆସ ୨ ବୋଲି ଡାକିଥିଲି କେତେ,
ଚାହିଁଥିଲି ପଥ ଆକୁଳେ ଉଛଟତ,
ବଢ଼ିଲା ପିପାସା ପ୍ରେମଚନ୍ଦ୍ରା ଯେତେ,
କେ ବୁଝିଲା କହ କେ ଗଲା ପରତେ,
ଗଲା ଦିନ ହାୟ, ଗଲା ବିଭାବରୀ,
ଦେଖା ତ ପାଇଲି ନାହିଁ ମୁଁ ତୁମରି ।

୨। କେତେ ମୁଁ କାନ୍ଦିଲି, କେତେ ମୁଁ ଧାଇଁଲି,
କେତେ ମୁଁ ଉଚ୍ଛାକୁ ଆକାଶେ ଚାହିଁଲି,
କେବେ ନ ଆସିଲ ନ ଦେଲ ତ ଦେଖା,
ପ୍ରାଣ ପଣେ ମାତ୍ର କରିଲି ଅପେକ୍ଷା,
ଗଲା ଦିନ ହାୟ, ଗଲା ବିଭାବରୀ,
ଦେଖା ତ ପାଇଲି ନାହିଁ ମୁଁ ତୁମରି ।

୩ । ଆସିଲ ନାହିଁ ମୋ ପ୍ରାଣର ଅତିଥି,
ଚାହୁଁ ଚାହୁଁ ମୋର ଦିନ ଗଲା ବିତି,
ଗଲା ଗ୍ରୀଷ୍ମ, ବର୍ଷା, ଶରତ, ହେମନ୍ତ,
ଗଲାତ ଶିଶିର ଗଲାତ ବସନ୍ତ,
ଗଲା ଦିନ ମାସ, ଗଲା ବର୍ଷବର୍ଷ,
ଦେଖାତ ପାଇଲି ନାହିଁ ମୁଁ ତୁମ୍ଭର ।

୪ । ଦେଖିଲି ଯାହାକୁ ଭାବି ତୁମ୍ଭେ ପରା,
ଅକାରଣେ କେତେ ଧାଇଁ ଗଲି ତ୍ୱରା,
ପାଉଛି ଆସିବ ପ୍ରାଣ ଅତିଥିକୁ,
ଦୀନ କ୍ଷୁଦ୍ର ଜୀର୍ଣ୍ଣ ଭଗନ କୁଟୀକୁ,
ଗଲା ଦିନ ମାସ ଗଲା ବର୍ଷବର୍ଷ,
ଦେଖାତ ପାଇଲି ନାହିଁ ମୁଁ ତୁମ୍ଭର ।

୫ । ବ୍ୟର୍ଥ ଉନ୍ମାଦନା ବିଫଳ ରୋଦନ,
ଥରେ କେବେ ତବ ନୋହିଲା ଦର୍ଶନ,
ରୋଗ ଶେଯ ପରେ ଲୋତକ ନୟନରେ,
ଅପେକ୍ଷା କରିଲି ପ୍ରତ୍ୟେକ ରାତିରେ
ଗଲା ଦିନ ମାସ, ଗଲା ବର୍ଷବର୍ଷ,
ଦେଖାତ ପାଇଲି ନାହିଁ ମୁଁ ତୁମ୍ଭର ।

୬ । ଶୁଣିଲି କି ଅବା ରାଜ ମହାରାଜ-
ସମ ଆସି ହୃଦେ କରିବ ବିରାଜ,
ଶତ ସୂର୍ଯ୍ୟ, ତାରା, ଶତ ଚନ୍ଦ୍ର-ହାସ,
ବିକାଶି ପଶିବ ହୃଦୟେ କି ଅବା,

ଗଲାଦନ ହାୟ୍ ଗଲା ବର୍ଷବର୍ଷୀ,
ଦେଖାତ ପାଇଲି ନାହିଁ ମୁଁ ତୁମ୍ଭର ।

୭ । ଭାବଲି ଅଥବା ଭବ ମୋ'ତେ ଧ୍ୟାନ,
ଆପଣାକୁ କରୁନାହିଁ ନତ ହୀନ,
ଆସିବାକୁ ମୋର କ୍ଷୁଦ୍ର କୁଟୀ ଦ୍ୱାରେ,
ତଥାପି ରହିଲି ପ୍ରେମେ ଅପେକ୍ଷାରେ,
ଗଲା ଦନ ହାୟ୍, ଗଲା ବର୍ଷାବର୍ଷୀ,
ଦେଖାତ ପାଇଲି ନାହିଁ ମୁଁ ତୁମ୍ଭର ।

୮ । ମୋ' ଆତ୍ମାର କ୍ଷୁଦ୍ର ପ୍ରେମ ଆକର୍ଷଣେ,
ଆସିବ କି କଉ ଭାବେ ଅନୁକ୍ଷଣେ,
ତଥାପି ନିରାଶ ନୋହି ମୁଁ ରହିଛି,
ତୁମ୍ଭର ଆସିବା ପଥକୁ ଚାହିଁଛି,
ଯାଉ ଦନ ମୋର ଯାଉ ବର୍ଷବର୍ଷୀ,
ଅବଶ୍ୟ ଦେଖା ମୁଁ ପାଇବ ତୁମ୍ଭର ।

୯ । ଯାଉ ଗ୍ରୀଷ୍ମ ବର୍ଷା ଶରତ ହେମନ୍ତ;
ଯାଉ ଶୀତ ଋତୁ ମଧୁର ବସନ୍ତ,
ନ ଡ଼ାକୁ କୋକିଲ ନ ଫୁଟୁ ଗୋ ଫୁଲ,
ନ ଗାଆନ୍ତୁ ପ୍ରେମ ଗୀତ ଅଳିକୁଳ,
ଯାଉ ଦନ ମୋର ଯାଉ ବର୍ଷାବର୍ଷୀ,
ଅବଶ୍ୟ ଦେଖା ମୁଁ ପାଇବ ତୁମ୍ଭର ।

୧୦ । ହୃଦ କୁଞ୍ଜବନ ହୋଇ ଯାଉ ମରୁ,
ଅକୁଳ ପିପାସା ସରୁ ମୋ' ମନରୁ;
କ୍ଷୀଣ ହେଉ ଅଖି ଯାଉ ଯାଉ ଶୁଖି,
ଲୁଚି ଯାଉ ଶିଖି ହୁଏଁ ଚିର ଦୁଃଖୀ,
ଯାଉ ଦିନ ମୋର ଯାଉ ବିଭାବରୀ,
ବିଶ୍ୱାସ, ଦେଖା ମୁଁ ପାଇବି ତୁମ୍ଭର ।

## 'ସ୍ୱରୂପ ।'

ହେ ଅରୂପ ରୂପ,                    ତୁମ୍ଭର ସ୍ୱରୂପ
କେବେତ ମୁଁ ଦେଖିନାହିଁ,
କଳ୍ପନା ନୟନେ                    ଦେଖେଁ ଅନୁକ୍ଷଣେ
କଳ୍ପନାରେ ଅଛ ପାଇ ।
କେନେ ହୁଏ ସତେ,                    ଗୌରବ ଜଣିଥେ,
ଆଖି ବୁଜି ଶେଜ ପରେ,
ଦେହରେ ଅନ୍ତର                    ଦୂର ଦୂରାନ୍ତର
କେଉଁ ଦୂର ରାଇଜରେ ।
କଳ୍ପନା ବଳରେ,                    ଦେଖେଁ ନୟନରେ,
କେତେ ଜନପଦ, ଦେଶ,
କେତେ ମହାକାଶ,                    ରବି, ଚନ୍ଦ୍ର, ଦୀପ,
କେତେ ତାରା ଜ୍ୟୋତିଃ ବେଶ ।

କେତେ ନଦନଦୀ, ଗିରି ଅଭ୍ରଭେଦୀ,
କେତେ ମରୁ ନିର୍ଝରିଣୀ,
କେତେ ଫୁଲବନ ଗହନ କାନନ
ବିହଙ୍ଗମ, ବିହଙ୍ଗିମା ।
ସଜିଲେ ସ୍ୱୟଂ ପ୍ରଭୁ ସୁନ୍ଦର ତାଙ୍କୁ—
ଜଳ ମହି ଅମ୍ବରରେ,
ସଦୃଶ କାହାର ରୂପ ମନୋହର;
ପ୍ରକଟିତ ନୟନରେ ।
ଜଳ ଜଡ଼ ରୂପ, ମୂର୍ତ୍ତିରେ ଅରୂପ
ମାନବ ନୟନ କାହିଁ,
ଶୁଭ୍ର ଅବୟବ ମୂର୍ତ୍ତି ମହାଭବ,
ଦେଖିନାହିଁ ଭବ ଯାକ ।
କଳ୍ପନାରେ ଅଙ୍କି କଳ୍ପନାର ଆଖି
ଯେଉଁ ମୂର୍ତ୍ତି ଗଢ଼େଇଥାଏ,
ଯେତେ ଦେଖେ ତେତେ ନୂଆ ଲାଗେ ମୋତେ
ତଥାପି ମନ ନ ଯାଏ ।
ପାଦ-ପଦ୍ମ ବେନି ପ୍ରେମାଶ୍ରୁରେ ଯେଉଁ
ଜଡ଼ାଇ କୋମଳ ବାହୁ
ହୃଦୟରେ ଥୁଏଁ, ମନକଥା କହେ
ସେ ସୁଖ ପାଉଛ କାହୁଁ ।
ପାଦାମ୍ବୁଜ ରଜ — ଲଭିଲେ ଭକତ—
ଲଲାଟେ ପରଶେ ଭାଲ,
ରେଣୁ ଅଣୁ ମାତ୍ର ଛୁଇଁ ମୁଁ ପାରନ୍ତି;
ହେବି ଭୁଲେଁ ଖଣକାଳ ।

ଜ୍ୟୋତିର୍ମୟ ମୁଖ— ଉଜ୍ଜ୍ୱଳ ମୟୂଖ
ସହସା ଦେଲେ ସେ ଅର୍ପି,
ମୁଖେ କଥା ନାହିଁ ନ ପାରଇ ଚାହିଁ
ତଳେ ନେତ୍ର ରହେ ଲାଗି ।
ତୁମ୍ଭେ କି ସୁନ୍ଦର, ତୁମ୍ଭେ କି ମଧୁର,
ତୁମ୍ଭେ କି କରୁଣ ସିନ୍ଧୁ,
ଅନୁଭବ ମାତ୍ର ଉଚ୍ଛୁଳଇ ଗାତ୍ର,
କି ରମ୍ୟ କି କମନୀୟ ।
କହଇ ବଚନ ବଚନିଷ୍କାନ,ଧ୍ୟାନ,
କହଇ କଳ୍ପନା-ଶକ୍ତି,
ତୁମ୍ଭେ କି ସୁନ୍ଦର ବୁଝେ ତା ଅନ୍ତର,
ଅନ୍ତରୁ ନିଃସରେ ଭକ୍ତି ।
ତୁମ୍ଭେ କି ସୁନ୍ଦର କାହିଁ ପଟାନ୍ତର
ଶୋଭା ବା ଅଶିବ କାନ୍ତି,
ସର୍ବ ସୁନ୍ଦରତ୍ୱ— ଶୋଭା ଏକାଧାର,
ତୁମ୍ଭ ସହ ତୁଳେ ଅଳ୍ପ ।
ପ୍ରେମିକ ନୟନ ଦେଖେ ଅନ ଅନ
ନିତ୍ୟ ନବ ନବ ରୂପ,
ପ୍ରେମ ଅଭିବ୍ୟକ୍ତି, ପରମ ଆସକ୍ତି,
ଦେଖେ ସେପ୍ରେ ଶୋଭାସ୍ତୂପ ।
ଏକାଧାରେ ଅବା ରଜେ ନିଶା, ଦିବା
ରବି, ଶଶୀ, ଗ୍ରହ ତାରା,
ଏକାଧାରେ ଅବା, ନଦୀ, ଗିରି, ବନ,
ଉପବନ ଦେଖ ଯାହା ।

ଧାତିର ଅବା କରୁଣ, କୋମଳ
ଶ୍ୟାମ, ଶୁଭ୍ର, ସମାବେଶ,
ପ୍ରେମ, ଭକ୍ତି, ଶାନ୍ତି ମୁକ୍ତ, ମୋକ୍ଷ, ଆଦ
ପୂର୍ଣ୍ଣ ତା ନୋହୁଛି ଶେଷ ।
ଜନ୍ମଗ୍ରନ୍ଥ ହୃଦୟ ହୁଏ ଜଡ଼ ପ୍ରାୟ
ଅଚେତନ, ସ୍ପନ୍ଦହୀନ,
କେବଳ ସମ୍ମୁଖେ ଜାଗେ ଘଟିନ ଘଟନ
ତୁମ୍ଭେ କି ମହା ମହିମ !
କଥା ଅଟେ ନାହିଁ ନେଇ ଯାର ବନ୍ଧ,
କହେ ଘନ ଅପଘନ,
କ୍ଷଣେଟିକ ସ୍ମରଣେ ସନ୍ଧୁଳି ସଙ୍ଗେ
ଭେଦି ଦେହ ଆବରଣ ।

## ଅଭିଳାଷ ।

ଆସ ମୋର ସଖା ଆସ ମୋର ବନ୍ଧୁ
ଆସ ମୋ ହୃଦୟ ମଣି,
ଯାଦରେ ତୁମ୍ଭଙ୍କୁ କରୁଣ ବରଣ
ଅଛିତୁ ହେ ପ୍ରେମମଣି ।
କାହିଁ ଲୁଗୁ ରେଗୁ ମାନ ଅଭିମାନ,
କାହିଁ ଲୁଚକାଳି ଖେଳା,

ତୁମ୍ଭେତ ମୋହର          ସଂସାର ସାଗରେ,
    ଜୀବନରକ୍ଷଣ ଭେଳା ।
ଜୀବନର ଖାଲି—          ବେଳାଭୂମେ ବସି,
    ସଜାଡ଼ୁଛି ପ୍ରେମ ମାଳା,
ତୁମ୍ଭଙ୍କୁ କାଣ୍ଡାରି          କରି ହେବି ପାରୁ
    ଦୁସ୍ତର ଉତ୍ତାଳି ଲହରୀ ।
ତୁମ୍ଭଙ୍କୁ ଧରି ମୁଁ          ହେ ଚିର ଆଶ୍ରୟ
    ତରିବି ସଂସାର ବାରି,
ତରଙ୍ଗ ମାଳରେ          ନାହିଁ ସ୍ରୋତୋଜଳ
    ସବୁ ଆଶା ଦେଲି ଯାଉ ।
ଅୟି ମୋର ଧନ          ଅୟି ପ୍ରାଣଧନ
    ପ୍ରକାଶ ହୃଦୟାକାଶେ,
ତୁମ୍ଭର ମୁଖର—          ଜୋଛନା ପରଶେ
    ମାତୁ ମନ ପ୍ରେମୋଲ୍ଲାସେ
ମୋ ପ୍ରେମ ହୃଦୟ          ଅସୀମ ପ୍ରସାର
    ପ୍ରେମର କଲ୍ଲୋଳ ବାହୁ,
ଧରିନେଇ କୋଳେ          ତବ ପ୍ରତିବିମ୍ବ,
    ନିତ୍ୟଇ ଦେଖାଇ ଥାଉ ।
ଅୟି ପ୍ରିୟତମ          ହୃଦୟବଲ୍ଲଭ
    ଶୁଣିବ ବଚ ଏ ଭବେ,
ତୁମ୍ଭ ବିନା ମୋର          ନାହିଁ ଅନ୍ୟ ସୁଖ
    ନାହିଁ ଶାନ୍ତିସ୍ରୋତ ଲଭେ ।

ଅୟି ହେ ଦେବତା    ମୋ ପ୍ରାଣଦେବତା ।
ମୋ କୁଞ୍ଜକୁଟୀରାଭିମୁଖେ,
ତୁମ୍ଭ ଲାଗି ଦିନା    ଶୂନ୍ୟ ଗୃହ ମୋର
ଏତେ ଦିନ ଶୂନ୍ୟବକ୍ଷେ ।
ଢାଳିବ କାନ୍ଦିରେ    ପାଦପଦ୍ମ ତଳ
ନାଥ ଦେବେ ଅଶ୍ରୁଜଳ,
ବଞ୍ଚାଇବ କାହିଁ    ନାହିଁ ତ ଅପର
ଅଶ୍ରୁ ଦୁଦ ଶତଦଳ ।
ପାତ୍ରଅର୍ଘ୍ୟ ତାହା    ଦେଖି ବସ ହସ
କି ଦେବ ପରଶି ଅହା !
ନାଥ ପ୍ରେମ ମୋର    ନାଥ ଭକ୍ତି ଶ୍ରଦ୍ଧା
ନ ଘେନ ଦେଖି ଦୋଷ ଯାହା ।
ଚିର ମୁଁ ଦରିଦ୍ର    ତାହ ଅଯୋଗ୍ୟ ଦେଖି
ତେବେ ମୁହିଁ ଜାଣିଥିବ,
ତଥାପି ତନ୍ମୟ    କୃପାରେ ହେ ନାଥ
ହୋଇନାହିଁ କେବେ ଦୀନ ।
ଭକ୍ତ ଗୃହଁ ନାହିଁ    ଶୂନ୍ୟ ଦଶ ବାଟର
ନଡ଼ୁକ ଉଠାଇ ମୁଖେ
ମତ୍ତ ହୋଇ ମନ—    ଅଳିଲୁଚି ଆଜି
ପଦାମ୍ବୁଜେ ମହାସୁଖେ ।

# " ଆସ "

ଆସ ହେ ଦେବତା ପ୍ରାଣର ସବିତା,
ହୃଦୟ-ମନ୍ଦିରେ ଅଇ ହେ,
ଦେବି ଗୋ ଚରଣେ ପ୍ରେମ-ଉପହାର
ଭକତି-କୁସୁମ ଥାଳି ହେ ।

( ମୋର ) ନହିଁ ଧର୍ମ, କର୍ମ, ନାହିଁ ପୁଣ୍ୟ-ଧନ,
ହୃଦ ମୋର ମରୁଭୂମି ହେ,
ଅଛି ଗୋ କେବଳ ହୃଦୟ-ଅନଳ,
ଅଛି ଗୋ କେବଳ ନୟନରେ ଜଳ,
ଅଛି ଗୋ କେବଳ ଢେର ଅନୁତାପ,
ଭୀଷଣ ପାତକଚକ୍ର ହେ ।

( ତେବେ ) ଆସ ଶାନ୍ତିମୟ, ଏଦଗ୍ଧ ହୃଦୟ
ଯାତନା ନ ସହେ ଆଉ ଗୋ,
ଭସିଯାଏ କେଣେ ଜୀବନ-ତରଣୀ
ଏ ଭବ-ତୋଫାନେ ନ ପାଇ ସରଣୀ,
ତୁମ୍ଭେ ଥାଉଁ ଥାଉଁ ମୋ ପ୍ରାଣକାଣ୍ଡାରି,
ମୋ ତରୀ କି ଯିବ ହଜି ଗୋ !

ସମ୍ପଦେ ମୁଁ ତୋରେ ଡକି ନାହିଁ ମନେ,
ଡାକୁଛି ବିପଦକାଳେ ହେ,
ଧନ ହେ ଭୁବନେ, ଧନ ହେ ସନ୍ତାନେ,

କ୍ଷମ ହେ ଅଧମ ବ୍ୟଥିତ ପରାଣେ,
ଢାଳହେ ଅଭୟ ଦାନ-ଦୟାମୟ,
ପୂର ମୋରତ ଅଛ ପୂଜହେ ।

କାନନେ ଭବନେ ସରସୀ-ସଦନେ,
ସାଗର ସରିତ କୂଳେ ଗୋ,
କୁସୁମବିତାନେ, ଲତା-ନିକେତନେ,
ନୀରବ-ନିଶୀଥେ ଶଶାଙ୍କ-କିରଣେ,
କାନ୍ଦିଛି ରହିଣ ଆସ ହେ ପରାଣେ,
ଅଧମେ ନ ଦିଅ ଠେଲ ଗୋ ।

## ଶକ୍ତି ପ୍ରାର୍ଥନା ।

ଯେଉଁ ଶକ୍ତି ପାଇଁ ଡାକୁଛି କାତରେ,
ସେ ଶକ୍ତି ପ୍ରଦାନ କର ମୋହଠାରେ ।
ଡାକି ଡାକି ଥକି ଗଲିଣି ହେ ନାଥ,
ବିତି ଗଲିଣିତ କେତେ ସନ୍ଧ୍ୟାପ୍ରାତଃ,
ହେଲଣି ଅନ୍ତର ଆକୁଳ ଉତପ୍ତ,
ପାଇବ ସେ ଶକ୍ତି, ଯେ ଶକ୍ତି କେମନ୍ତ,
ଶୁଣି ନାହିଁ ତାହା, ଲଭି ନାହିଁ ମଧୁ,
କିପରି ବୁଝିବ ତାର କି ସୁସ୍ୱାଦୁ ?
ଅନ୍ତରେ'ମାନ ମୋ' ଦିଶୁଛି ଅବଶ,

ସେ ଶକ୍ତି ମହାନ୍, ଏହା ମୋ ବିଶ୍ୱାସ,
ସେ ଶକ୍ତି ନ ଲଭି ଜୀବନ-ଅସାର,
ଦିଅ ସ୍ନେହ-ଶକ୍ତି ଅହେ କୃପାଧାର,
ଅବା ଶକ୍ତିରୂପେ ହୁଅ ଆଜ ବିଜେ,
ମୋ ମନୋମନ୍ଦିରେ ଶକ୍ତିମୟ ନିଜେ
ଶୁଣିବା ନ ଶୁଣ ପରାଣ-ଆବେଗେ
ମାଗେଁ ଦିଅ ଶକ୍ତି, ଦିଅ ଶକ୍ତି ବେଗେ ।

## ପ୍ରାର୍ଥନା ।

ଆସ ହେ ଆସ ହେ ପ୍ରାଣର ଦେବତା
ଆସହେ ହୃଦୟ-ଭବନେ ।
ତୁହିଁ ବସିଅଛୁ ଅତୁଳ ପରାଣେ
ପ୍ରେମ ପିପାସିତ ନୟନେ ।

ଭକ୍ତି-ପୁଷ୍ପହାର ଗୁନ୍ଥି ପ୍ରେମ-ଡୋରେ,
ସଜାଇଛି ଶୁଭ ନବ ପ୍ରାର୍ଥନାରେ,
ଆସ ପ୍ରଭୁ ଆସ, ମୋ ଦୁଃଖ ବିନାଶ,
ଆସ ଏ ସୁଧାମ ସଦନେ ।

ଆସ ଆଜ ମୋର ପ୍ରାଣପ୍ରିୟ ମଣି,
ସହସ୍ର ସୁନ୍ଦର ପ୍ରେମସୁଧାଖଣି,

ମୋ ନେତ୍ର- ଅଞ୍ଜନ ମୋ ମନୋରଞ୍ଜନ,
ସର୍ବଶ୍ରେଷ୍ଠ ଯାର ଭୁବନେ ।

ଏ ଶୁଦ୍ଧ ତୁମ୍ଭର ଶୁଦ୍ଧ ପ୍ରାର୍ଥନାର,
ନ କରେ ଆଉ ମୁଁ ଶୈଳର ଗହ୍ୱର ।
ହେ ପବିତ୍ରତମ, ହର କ୍ଷୁଦ୍ରତମଃ,
ପ୍ରେମାନନ୍ଦ ରମ୍ୟ କିରଣେ ।

ଅୟି ଦେଖ ସଖା ଏ ଶୁଷ୍କ ବଦନ,
ତୁମ୍ଭ ବିନା ଶୁଦ୍ଧ ମୁହିଁ ଶୂନ୍ୟ ଦୀନ,
କର ଅଧିଷ୍ଠାନ ମୋ' ଚିତ୍ତେ ବହନ
ଆଉ ନ ତେଜ ଏ ଜୀବନେ ।

## ବାସନା ।

ହୃଦୟ ବନ୍ଦନ        ନୟନ-ନନ୍ଦନ
ଆସ ଆଜ ହୃଦେ ମୋହର,
ପ୍ରେମ ଫୁଲହାରେ,        ଲୋଚନ ଆସାରେ
ପୂଜିବି ପଦ୍ମପୁଷ୍କର ।
ବହୁ ଆଶା ମନେ        କରିଛି ହେ ସଖା
ପାଇବି ତୁମ୍ଭର ପ୍ରେମାନନ୍ଦ ଦେଖା
ହୃଦ ଆଜି ମୋର        ପ୍ରେମ-ଐର୍ଯ୍ୟ ଯୋଗ
ସଜାଇଛି ବଡ଼ ସୁନ୍ଦର ।

ହୃଦୟ-ଅସନେ　　　　　　　　　　ବସାଇ ଯତନେ
ମୁକ୍ତିବ ମୋହର ଅତୀତ ରତନେ,
ହେ ପ୍ରେମ ଦେବତା　　　　　　　　　ହେ ପ୍ରାଣକାନ୍ତ!
ଅସ ଦୟା ବହି ସତ୍ୱର ।

# ଆକ୍ଷେପ ।

୧

ବନ୍ଧୁବରନି ତନିକ ମଧୁର ପରଶ
ଟାଳିଅଛି ହୃଦେ ଅପୂର୍ବ ହରଷ,
ଅକ କାହିଁ ଶୁଷ୍କ ମୋ ହୃଦୟ-ଦେଶ,
ପ୍ରେମବରଷଣେ ନ ହେଲି ସରସ !

୨

ବନ୍ଧୁବରନ ହେଲି ପାଇନାହିଁ ଦେଖା,
କରଅଛୁ ପଥ ଶତେକ ଉପେକ୍ଷା,
ହୃଦେ ତେଣୁ ଲେଖା, ବିଷାଦର ରେଖା,
ହୃଷ୍ଟିଳ ହେଲି ଦୀର୍ଘ ଅପେକ୍ଷା ।

୩

ବନ୍ଧୁବରନ୍ ହେଲି କାନ୍ଦୁଛୁ ଅନ୍ଧାରେ
ମଜ୍ଜି ଅଛି ପଥ ସ୍ୱେଚ୍ଛାଗୃହଦ୍ୱାରେ,

ଜ୍ଞାନଗରିମାରେ, ଆତ୍ମ-ମହିମାରେ
ଜଡ଼ ପଡ଼ିଥିଲି ଅନ୍ଧକାରେ ।

୪

ତେଣୁ ଆଜି ମୋତେ ଦେଉଅଛ ଶିକ୍ଷା,
ଦୂରେ ଦୂରେ ରହି କରୁଛ ପରୀକ୍ଷା,
ଦ୍ୱାରେ ଦ୍ୱାରେ ବୁଲି ମାଗେ ମୁହିଁ ଭିକ୍ଷା,
ନଷ୍ଟଇ ମୋର ସର୍ବ ପ୍ରତିଷ୍ଠା ।

୫

ଆସ ବୋଲି ଆଜ ଡାକେ ପୁନଃ ପୁନଃ,
ତୁମ୍ଭେ କି ଭୁଲିବ ତବ ପ୍ରେମଗୁଣ,
ତୁମ୍ଭେ ଶୁଣ ଅବା ଜନ୍ମରେ ନ ଶୁଣ,
ରହି ନ ପାରିବ ଅଜିତ ମଉନ ।

୬

ଧିକ ଧିକ ବୋଲି କହେ ମୋ ଜ୍ଞାନକୁ,
ପୁଣ୍ୟ ଗୁଡ଼ ସହିତ ରଚିଲି ଭେଳକୁ,
ପ୍ରେମମାର୍ଗ ତେଜି କର୍ମମାର୍ଗ ଧରି
ବୁଡ଼ିଗଲି ଦୁଃଖ ସାଗର ତଳକୁ ।

୭

ଆହେ ପ୍ରେମମୟ, ଧାରଣା ଅତୀତ,
ତୁମ୍ଭେ ତ ଲୋଡ଼ୁଛ ମୋ ହୃଦୟ ଚିତ୍ତ,
ଗର୍ବ କର ଦୂର, ଦର୍ପ କର ଚୂର,
ପଦ-ପଦ୍ମତଳେ କରୁଛି ନମିତ ।

୮

ନିରୁଦେଶ ଅନେକ ଦିନ କାନ୍ଦିଲିଣି,
ମାୟାର ପସର ବୃଥା ବାନ୍ଧିଲିଣି,
ଅସାର-କରଣୀ, ବ୍ୟର୍ଥ ଖଟଣି,
ଛାଡିଲିଣି ଏବେ ସବୁ ଛାଡିଲିଣି ।

୯

ଜଗତର ଜ୍ଞାନ ଥାଉ ଜଗତରେ,
ମୁଁ ପୂଜିବି ପଦ ପ୍ରେମ ବିଶ୍ୱାସରେ,
ଯା’ ଥାଉ ଆଗରେ, ଯା’ ଥାଉ ପଛରେ,
ତୁମ୍ଭେ ଅଛ ମୋର ବାହାରେ ଭିତରେ ।

୧୦

ଲୋଡେ ଯାହା ତାହା ନ ହୁଏ ଜଗତ,
କର୍ମ୍ମ ସାଧନାରେ ହେଲି ଅନାହତ,
ଘର-ଦ୍ୱାର-ଗଳି ପଥ ଯାଏ ଭୁଲି,
ଏବେ, ହାତ ଧରି ଦେଖ ଚାଲିବ ସହିତ ।

୧୧

ଭବ ଝଙ୍କି, ବୃଥା ହେବ ମୋ ପ୍ରାର୍ଥନା,
ଶୂନ୍ୟ କି ଶୁଣିବ ଅକୁଳ ବେଦନା,
ନୂଆ ବିଡ଼ମ୍ବନା ଢେଉ-ଉତ୍ତେଜନା,
ଏବେ ବୁଝେଁ, ତୁମ୍ଭ ଛଳିତ ପାରନା ।

# ନୀରବ ନିଶୀଥେ ।

୧

ନୀରବ ନିଶୀଥେ ବାଜି ଉଠିଲା କି
କୋଟିଏ ବୀଣାର ତାର,
ହୃଦୟ କନ୍ଦରୁ ଫୁଟିଲା ଉଚ୍ଛୁଳି
ଗୋପନ-ସଙ୍ଗୀତ-ଧାର ।
ଚିର ଜୀବନର ସଞ୍ଚିତ ବେଦନା
ଗୁପତ-ଲୋତକ-ଭାର,
ବନ୍ଧି ପଡ଼ିଲାକି ନାମି ସେ ଅଙ୍ଗୁଳେ
ଝଙ୍କାର ମରମଗାର ।

୨

ନୀରବ ନିଶୀଥେ ବନ୍ଧୁ ଆସିଲକି
କୁସୁମ ସୁବାସ ଲାଗି,
ମୃଦୁଳ ପବନ ଶୀତଳ ପରଶେ
ଅବସାଦ ଦୁଃଖ ନାଶି ।
ଅବଶ ଅଳସେ ନୟନ ବେନି ମୋ
କିଏ ମୁଦିଦେଲା ଆସି,
କଳପନା ବଳେ ମୂରତିଟିକ ତୋ
ହୃଦୟେ ଉଠିଲା ଭାସି ।

୩

ନୀରବ ନିଶୀଥେ ଦୂର କାନନରେ
କିଏ ଗାଇ-ଦେଲା ଗାନ,

ସହସା ମରମେ ବାଜି ଗଲା ପରି
ଅସ୍ଫୁଟ ମଧୁର ତାନ ।
ଶୁଣୁ ବା ନ ଶୁଣୁ ଅକୂଳ ଆବେଗେ
ଛେଡ଼ିଲ ଏଇ କି ଗୁଁଜନ,
ସହସା ବାଜଣି ଉଠିଲା ନାଚିନ
ହୃଦୟର ଢେଉମାନ ।

୪

ନୀରବ ନିଶୀଥେ ଦୂର ତରୁ ଡାଳେ
ଉଠିଲା ପିକ ସ୍ୱନ,
ମୋ' ମାନସ-ପିକ ଅନ୍ତରେ ନାଚଣି
ତା' ସଙ୍ଗେ ଉଠିଲା ଗାଇ,
ସହସା ବସନ୍ତ- ସୁଷମା ହୃଦୟ-
ଦେଖାଦେଇଛି ଖୁସି,
ସହସା ମଳୟ— ମାରୁତ ବହିଛି
ମାନସକୁ ବନ୍ଦ ଦାଇ ।

୫

ନୀରବ ନିଶୀଥେ ଦୂର ଆକାଶରେ
ହସି ଉଠିଲଣି ତାରା,
ଛବି ଉଠିଲଣି ଆନନ୍ଦ-ଲହରୀ
ମୋହର ହୃଦୟ ସାରା ।
ପୂଞ୍ଜର ଶେଷେ ନାଚିଲି ଝଣଝେ
ଭବ ସମ୍ଭାର କାଯ,
ବନ୍ଧୁ ପଡ଼ିଲାନି ନୟନ-ଅଟବରେ
ନୟନରୁ ଝରେ ଧାର ।

୬

ସରବ ନଦୀଟିଏ  ଶୁଭୁଥିଲା ତାରେ
କାହାର ମଧୁର ବାଣୀ
ସହସା ଚମକ  ଉଠିଲା ପରାଣ
ନୟନୁଁ ବହିଲା ପାଣି ।
କେଉଁ ଦିବ୍ୟ ମୂର୍ତ୍ତି  ଦେଖିଲି ସମୁଖେ
ଅପୂର୍ବ ଅଦ୍ଭୁତ ଠାଣି,
ନ ଚିହ୍ନିଣୁ ତାକୁ  ସେ କେଉଁ ମନ୍ତ୍ରରେ
ହୃଦୟ ନେଲା ମୋ' ଟାଣି ।

୭

ଗଭୀର ନଦୀଟିଏ  ତେଣୁ ସଦାକାଳେ
ଶୁଭୁଛି ତାହାର ଗାଣ;
ଲଳିତ ସୁନ୍ଦର  ମୋହନ ମଧୁର
ଖଣ୍ଡେକେ ହୃଦୟ କଣା ।
ମନ-ମୋହକାରୀ  ସେ ସୁର ଲହରୀ
ଭରିଦେ ଭୁବନ କଣା,
ଅକାଶେ, ପବନେ,  ବାଜେ ବନେ ବନେ,
ହୃଦତ ସୁଗଭ ଗିନା ।

# "ଆସପରୀ ଥରେ ।"

୧

ନୀରବ ନିଶୀଥେ ଆସ ପରୀ ଥରେ
ବଜାଇ ମୋହନ ମୁରଲି
ଶ୍ୟାମଳ ସୁନ୍ଦର, ମନ ମୋହନକର,
ଭୁବନ ଉଠଇ ଉଛୁଳି ।
ଘନନ ଘନେ ପରୀ ଚମକି ଉଠଇ
ଘର୍ଷଣରେ ମୋର ଶିଙ୍କୁଳି,
ଝଣଣ ଝଣେ ପରୀ ବାହୁ ପଡ଼ୁ ଥାଉ
କମ୍ପନରୁ ଧୀର ତରଳି ।

୨

ନବ ବିକସିତ ଆସ ପରୀ ଥରେ
ଧୀର ସମୀରଣେ ମିଶିଣ,
ମୃଦୁ ଶାନ୍ତ ସ୍ୱର ଭର ଶାନ୍ତ ଘ୍ରାଣ
ଅଙ୍ଗରେ ଚନ୍ଦନ ଘର୍ଷିଣ ।
ନବୀନ ସଲିଳ ମୃଦୁ ବାୟୁ ସଙ୍ଗ
ଚନ୍ଦ୍ର କରର ଯୁଗ ପରଶି,
ହୃଦୟ ଶୀତଳ କରିଦିଅ ପରୀ
ସ୍ନେହ ଶୀତ ଧାରା ବରଷି ।

୩

ଶାନ୍ତ ସାୟନ୍ତନେ ଆସ ପରୀ ଥ'
ଦୂର ପଶ୍ଚିମରେ ଉଦୟି,

ନୀଳ ନଭ ତଳେ ଝଙ୍କାର ରୂପ
ତାଙ୍କ ହାସ ଛଳେ ଉଠୁଛି,
ଢାଳି ଦିଅ କିବା ପ୍ରେମସୁଧା ବିନ୍ଦୁ
ଇନ୍ଦୁ ହାସେ ହାସ ଫୁଟୁଛି,
ମାଡ଼ିଆସେ ଧୀରେ ନୈଶ ଅନ୍ଧକାର
ତହିଁ ସହିତ ପ୍ରେମର ଭୁଲୁଛି ।

୪

ନବୀନ ସୁସ୍ଥତେ ଅନୁପମ ଥରେ
ନବାରୁଣ ରେଖାଟି ଜାଗି,
ନବୀନ-ନଳିନୀ- ନବ ପରିମଳେ
କ୍ଷଣକେ ହୃଦୟ ଉଠିଛି ।
ନବ ଉଷାହରେ ଦେଖାଦିଅ ସଖି
ଅଳସ ଜଡ଼ତା ତ୍ୟାଗି
ନବ କର୍ମପଥେ ନେଇଯାଅ ତୁମ୍ଭ
ହୃଦୟର ଭାବ ଉଚ୍ଛ୍ୱାସି ।

୫

ଗୋଷ୍ଠେ ଗୋଷ୍ଠେ ଫୁଟିଲେ ଅପରୂପା ଥରେ
ଅସୀମ ଅନନ୍ତ ଭାବରେ,
କଷ୍ଟ ଦୈନ୍ୟଭ୍ରମେ ଦିଅ ଉପଦେଶ
ସ୍ୱର୍ଗାଗ୍ନି ଜନ୍ମ ହାସରେ ।
ସେହିପରି ପ୍ରଭା ଅଗ୍ନିବରଣା ଥରେ

ମୋ ଜୀବନର ଶେଷ ଶ୍ୱାସରେ,
ଶେଷ କରି କର୍ମ ବାହୁଡ଼ିବି ଯେବେ
ବାନ୍ଧିନେବ ବାହୁ ପାଶରେ ।

## "କି କଥା କହିବି ।"

କି କଥା କହିବି କଥା ତ ନ ଆସେ
ଆଉ କି ଗାଇବି ଗୀତ
ତୋ'ତେ ପ୍ରାଣମିତ ପ୍ରାଣରେ ପାଇଣ
ଅବଶ ମୋହିତ ଚିତ୍ତ ।
ଦୂରେ ଥିଲେ ତୁହି ଝରେ ମୋ' ଲୋଚନ,
ଫୁଟଇ ବଚନ ତୁଣ୍ଡେ;
ହୃଦ-ପିଣ୍ଡେ ଧରି ଉଲ୍ଲସି ଏବେତ
ମନ ହୋଇଅଛି କୁଣ୍ଠେ ।
ହୃଦବୀଣା ତାର ସଜଡ଼ା ରହିଛି,
ଅଙ୍ଗୁଳିତ ଚଳୁନାହିଁ;
ସ୍ୱର-ଗ୍ରାମରୁ ସ୍ୱର କି ହଜିଛି
ଖୋଜି ନ ପାଉଛି କାହିଁ ।
ଥିଲି ଦୁଆର-ଜଗା ମୋ' ପାଇଁ
ନିତି ପଥ ଚାହିଁ ବସି,
ତୋତେ ନ ଦେଖିଣ ଖଣେ ଖଣେ ମୋର
ଉଡ଼ୁଥିଲା ଯେବେ ହଂସ ।

ସଜିଛି ମୋହର ଭକ୍ତି ମାଲାଗୁନ୍ଥା
ଚନ୍ଦନ ଅଗୁରୁ ସଜ,
ଚଞ୍ଚଳ ଚରଣ ଜଡ଼ି ଭଜନ୍ତିକି
ଆକୁଳ ଧରିଛି ଲଜ ।
ପାଞ୍ଚିଥିଲି ମନେ କେତେ ଅଭିମାନେ
ରୁଷି ମୁଁ ରହିବି ମୂକ,
ଅଭିମାନ କାହିଁ ରୁଷି ନ ପାରଇ
କାହିଁ ଗଲା ଶୋକଦୁଃଖ ।
ଇଚ୍ଛାସତ୍ତ୍ୱେ ଏବେ କଥା ନ ବାହାରେ
ନାହିଁ ସତେ କିଛି କଥା,
ଶତ ପ୍ରମାଦରେ କି ଆଉ ନ ବାଜୁଛି
ମରମେ ଦାରୁଣ ବ୍ୟଥା ।
ଚିରପରିଚିତ ଅସାର ଚିନ୍ତନ
କରି ସାରିଲଣି ପର,
ଲୁଚିକୁ ଲୁଚିକୁ ହସହସ ଆଖି,
ଲୁହେଁ ଝରେଣ ତର ତର ।
ଦୁର୍ବଳ ବୋଲି ତ ଆଉ ନ ଥରଇ
ବଳ କାହୁଁ ଆସେ ମାଡ଼,
ଅନ୍ଧାର ବୋଲି ତ ଆଉ ନ ଡରଇ
ଜଡ଼ତା କି ଗଲା ଛାଡ଼ି ।
ଜୀବନେ ନବୀନ ଜୀବନ ସତେକି
ଆସି ହେଲା ପରବେଶ,
ଜୀବନ ସ୍ୱରୂପୀ ଚିରାନନ୍ଦ-ମୟ
ଉଦେ ହେବେ ପରମେଶ ।

ଉଦେ ସତେ ପୂର୍ଣ୍ଣ-ପ୍ରଭାକର-ପ୍ରଭା
ବିନାଶି କଲୁଷ-ନିଶି ,
ମନୋଧରା ପରା ହେଲା ପ୍ରାଣଭରା-
ଉଜ୍ଜ୍ୱଳ କି ଦଶଦିଶି ।
( ପ୍ରଭୁ ) ତୁମରି ବିରହେ କାନ୍ଦିଥିଲି କେତେ,
(ଏବେ) ତୁମରି ଆନନ୍ଦରେ ହସେ
(ଏବେ), ତୁମରି ପ୍ରେମରେ ପୂରିତ ଅନ୍ତର
(ମୁଁ ଯେ,) ଅପଣାକୁ ଭୁଲିବସେ ।
ତୁମ୍ଭ ରୂପରାଶି ଉଜ୍ଜ୍ୱଳେ ଅନ୍ତର
ଡୁବିଛି ମୁଁ ରୂପାର୍ଣ୍ଣବେ,
କାମନା, ବାସନା, କଳୁଷ-ବଞ୍ଚିତ
ଆତ୍ମ ମାନ ଅନୁଭବେ ।
ପ୍ରଭୁ, ତୁମର ଆଦେଶ ହେଉ ମୋ' ଜୀବନ
ଆକାଶର ଧ୍ରୁବତାରା,
ହୃଦ-ମରୁଭୂମିଏ ସରସ ହେ ପ୍ରଭୁ,
ଢାଳି ପ୍ରେମଜଳଧାର ।

# "ଅସୀମ ।"

ସସୀମରେ ଆଜ ଅସୀମ ଲୋକନେ
ପଶିଣଛି ସତେ ଉଚ୍ଛୁଳ,
ଦେଖ ଭାଙ୍ଗି ସବୁ ସଳାଇ ସିବକୁ
ଉଚ୍ଛନେ ହେଉଛୁ ଅକୁଳ ।

ଅନନ୍ତ ଆକାଶେ ତାରା-ଶଶୀ ହସେ,
ସିନ୍ଧୁ-କଲ୍ଲୋଳେ କି ମାଧୁରୀ ଦ୍ୱକଶେ
ଖେଳ ଖେଳ ଯାଏ କିବା ଧିରେ ଧିରେ,
ଆହା, କି ରୂପଲହରୀ ଟୋଳ ।

ଗହନେ, ବିଜନେ, ଗୋପନେ, ପ୍ରମନେ,
ସରୋବର-ନୀରେ, ନଳିନେ ନଳନେ,
ସୁବାସ ଚନ୍ଦନେ, ମୃଦୁ ସମୀରଣେ
ସତେ, ସୁବାସ ଦିଏ ସେ ଢାଳ ।

ନୀରବ ନଶୀଥେ, ନଦୀ-କଲସ୍ୱନେ,
ଭ୍ରମର-ଗୁଞ୍ଜନେ, କୋକିଳ-ପଞ୍ଚମେ,
ମେଘ ମନ୍ଦ୍ରସ୍ୱରେ, ଉଚ୍ଚାରଇ ଧୀରେ
ଆହା, କି ବାଣୀ ପ୍ରାଣ ଆକୁଳ ।

ମୋହର ଅନ୍ତରେ ଶୁଣେ ସେହି ସ୍ୱର,
ମୋ ମନୋମନ୍ଦିରେ ସେ ରୂପ ସୁନ୍ଦର,

ବିରାଜଇ ଜଡ଼ ଭ୍ରମେ ମୂଢ଼ମତି
ମୁହିଁ, ମରୁଛି ସଂସାରେ ଭୁଲି ।

କ୍ଷୁଦ୍ର ମୁହିଁ କ୍ଷାନ୍ତ ଅସୀମ ସେ ପରା,
ଲୁଚେ ସତତ ମୋତେ ନ ଦିଏ ସେ ଧରା;
କେତେ ମୁଁ ଖୋଜୁଛି, ଠିକଣେ ଯାଏ ଲୁଚି,
ଅହା, ମୋତେ କି କପଟେ ଛଳି ।

ନାହିଁ କିଛି ମୋର ମୁଁ ଦୀନ ଭିକାରୀ,
ଧନ-ମାନ ମୋର ଦେଲିଣି ତ ସାରି;
ନାହିଁ ମୋ ଗୁମାନ, ନାହିଁ ଅଭିମାନ,
ଏବେ, ଗଳୁଣି ଚିତ୍ତ ତରଳି ।

ନାହିଁ ମୋରଭକ୍ତି-ଫୁଲ ପରିମଳ,
ନାହିଁ ମୋର ଧର୍ମ-କର୍ମର ସମ୍ବଳ;
ଅଛି ମାତ୍ର ମୋର ନେତ୍ରେ ଅଶ୍ରୁଜଳ,
ଅହେଗୋ, ଦେବତା ପୟରେ ଢାଳି ।

## ନିବେଦିବି ।

ଆଜ ମର୍ମ୍ମ-ଭେଦ-ଦୀର୍ଘ ନିଃଶ୍ୱାସ,
ନୈସବାଷ୍ପ-ନୀର,
ଆଜ ତପ୍ତ-ହୃଦୟ-ବିଷମ ଜ୍ୱାଳା
କରୁଣ ଦୀନ ଗୀର,
ବନ୍ଧୁ ଦିବସର ରୁଦ୍ଧ ଯାତନା
ମର୍ମ୍ମର ଦୁଃଖ ତାପ,
ବନ୍ଧୁ ଦିବସର ବିଫଳ ବାସନା
ଘୋର-ଶୋକ ଅଭିଶାପ
ଆଜ ଭଗ୍ନ-ବୀଣାର ବେସୁରା ରାଗିଣୀ,
ଭଗ୍ନ ହୃଦୟ ବ୍ୟଥା;
ତାହାର ଚରଣତଳେ ନିବେଦିବି
ହୃଦୟର ଗୀତ କଥା ।

## କାମନା ।

ହେ ସୁଦୂର ପ୍ରଭୁ ! ଆଣିଅଛ ମୋତେ
ଶିଖାଇଛ ବହୁତତ୍ତ୍ୱ,
ହୃଦୟ ମୋହର ପ୍ରସନ୍ନ ହୋଇଛି
ଦେଖି ନବ ନବ ସତ୍ୟ ।
ତେବେ କିପାଁ ପ୍ରଭୁ ! ଆଜି ମୁଁ ଉଦାସ
ବୁଲୁଛି ଏକାକୀ ଭବେ,

କାହିଁ ନେହ-ଗାର ବହିଯାଏ ନିତି,
କାହିଁ ମରୁଅଛି ଶୋଷେ ?
କେଉଁ କର୍ମ ସ୍ତମ୍ଭ ! ସାଧିବ ଜୀବନେ,
କହିଦିଅ କାହାରେ ମୋତେ;
କେଉଁ ଧ୍ରୁବ ତାରା ହେବ ମୋର ଲକ୍ଷ୍ୟ
ଧାଇଁବି ଉଚିତ ପଥେ ।
ସଂସାର ସାଗରେ ମେଲିଛି ତରଣୀ
କେହି ନାହିଁ କର୍ଣ୍ଣଧାର,
ଜଡ ଜଡ ଗତି ସ୍ରୋତ ବହିଯାଏ
ଅକୂଳ ଏ ପାରାବାର
ଉଠୁ ଛୁଏ ଜଳ ତୁଙ୍ଗ-ତୁଙ୍ଗ,
ଧରିଅଛି ଏକା ମୋତେ,
କାହିଁ ଧାଉଛି, କାହିଁ ଉଠୁଛି,
କି କର୍ମ କରିବି ସତେ
ନାହିଁ ମୋର ଜ୍ଞାନ ନାହିଁ ମୋର ଗୁଣ
ନାହିଁ ମୋର ମନ ଧର୍ମ,
ନାହିଁ ମୋର ପ୍ରଭୁ ହୃଦୟରେ ବଳ
ନାହିଁ ମୋର ମନ କର୍ମ ।
ଜୀବନ ମୋହର ପୁଣ୍ୟ ନାହିଁ କଲେ
ସଂସାର-ଭୀଷଣ-ଜାଲ,
ଯାହା ଲୁଚେଇଁ ତାହା ତେଜେତ ନ ଯାଏ
ଆଉ କି ପାଇବ ପଥ ।
ଦୁଃଖ ମୋର ଜଳ କୁଟୀର ଅଭାବ
ସୁଖ ସୁଖ ଦେଖିନାହିଁ ;

ଦୁଃଖ ମୋର ସାର, ସୁଖ ଏ ଜୀବନ
ସୁଖ ପାଇଁ ସ୍ଥାନ ନାହିଁ,
ଦୁଃଖ ମୋର ବନ୍ଧୁ, ଦୁଃଖ ମୋର ସଖା,
ଦୁଃଖ ମୋ ହୃଦୟ-ବାସୀ;
ଅନ୍ଧ ନିଶା-ସନ୍ଧରେ ହୃଦ-ବେଦ ପରେ
ଦୁଃଖ ମୋର ଫୁଲରାଶି ।
ସଂସାର-ଗଗନେ ଦୁଃଖ ଧ୍ରୁବ ତାରା,
ଦୁଃଖ ମୋ ସୋହାଗ ଶଶୀ,
ଏ ସଂସାର-ମରୁ— ପ୍ରାନ୍ତରେ ଅଛି ମୁଁ
ଦୁଃଖ-ତରୁମୂଳେ ବସି ।
ନୈରାଶ୍ୟ ମୋହର ଚିର ସହଚର
ନୈରାଶ୍ୟେ ଅନନ୍ତ ମିଳେ,
ଆଶା କୁମୁଦର- ଲଳିତ ଝଙ୍କାର
ପଶି ନାହିଁ ଶ୍ରୁତିତଳେ ।
ଦେଖିନାହିଁ ଆଶା- ସ୍ୱପ୍ନ ମୁଁ ଜୀବନେ,
ଦେଖିଲେହେଁ ଭାଙ୍ଗି ଯାଏ,
ଅଶାନ୍ତି-ପଟ ଅଙ୍କିନାହିଁ ତୁଳିକ
ଦେଖିଲେ ଉଭେଇ ଯାଏ ।
ବନ୍ଧୁ ମହିମା ବୁଝିନାହିଁ କେବେ,
ପାଇବାର ଇଚ୍ଛା ନାହିଁ,
କ୍ଷୁଦ୍ର ଜୀବନେ ମୁଁ ହେବି ବନ୍ଧୁ କାର
ଏ ଦୁରାଶା କାହିଁ ପାଇଁ ?
ଜଗେ ଅଯୋଗ୍ୟ ମୁଁ ହେ ଦୀନସ୍ଥାନ
ନାହିଁ ମୋର ଭକ୍ତି ଲେଶ,

ଆସିନାହିଁ କିଛି          ସଙ୍କଟରେ ମୋହର
କାହାକୁ ନଥିବ ନେଇ ।
ସର୍ବ ଦୁଃଖ, ସବୁ          ଦାରୁଣ ଆଘାତ
ଗାରୁଟିଭ ସହୁଥିବ ଚିତ୍ତେ,
ପ୍ରାଣବିସର୍ଜନ          କରିବି କେବଳ
ସଦା ଜଗତର ହିତେ ॥
ସବୁ ମନଃପୀଡ଼ା,          କ୍ଳେଶ, ପରିଶ୍ରମ
ସହିବି ଶରୀରେ ବହି
କାହାର ଆଦର          ପ୍ରତ୍ୟାଶୀ ନୋହିବ
ଥିବି ମୁଁ ଏକାକୀ ରହି ।
ଅଛ ମାତ୍ର ସ୍ମୃତି          ତୁମ୍ଭେ ମୋର କ୍ଷୁଦ୍ର
ଜୀବନର ପ୍ରତିଶ୍ୱାସେ,
ନିମିଷେ ନିମିଷେ          ଧରିଅଛ ମୋତେ,
ରଖିଛ ଚକ୍ଷୁର ପାଶେ ।
ହେଲେ ସୁଦ୍ଧା ଦୀନ,          ହେଲେ ସୁଦ୍ଧା ହୀନ,
ଅପରିଚିତ ଏ ଭବେ,
ଆଦର ପାଇଛି          ତୁମ୍ଭର ନିକଟେ,
ରହିଛି ମୁଁ ଗୌରବେ ।
ସେ ଜୀବନସ୍ରୋତ          ଅଲକ୍ଷିତେ ଅନ୍ତର
କରି ନେଇଅଛ କାହିଁ,
ଦୁର୍ଗମ ପଥେ          ଭସ୍ମ ହୁଏ ମୋର
ପରିଣାମ ବୁଝିନାହିଁ ।
ଶତ ଦୁଃଖଅଗ୍ନି          ହୃଦୟେ ମୋହର
ନିମିଷେ ଉଠୁଛି ଜାଗି,

ଅସାର ସଂସାର          ଜାଣିଛି ବୁଝିଛି
ମଜ୍ଜିଛି ମୁଁ ଜାହା ଲାଗି ।
କପାଇଁ ହେ ପ୍ରଭୁ          ଆଶାଫୁଲରାଶି
ଫୁଟାଉଛ ହୃଦବନେ ?
ଉଜ୍ଜ୍ୱଳ ଅଗାର          ଛବି ଦେଖାଉଛ ,
ଏକାନ୍ତ ଭୁଲାଇବନେ ?
ଅନ୍ଧାର ହୃଦୟ          -କୁଟିରେ ମୋହର
ଜାଳୁଅଛ ଅଣଦୀପ,
ହୃଦୟର ମରୁ—          ପ୍ରାନ୍ତରେ ରୋପୁଛ
ଛାୟାମୟ ତରୁମାଳ ।
ସତେ ଜଳଭରା          ହୋଇଅଛି ଅଜ
ନିର୍ମଳ ହୃଦୟ କୂପ,
ଜୀବନର ଅମା—          ନାଶୀଥେ ଅକାଶେ
ଖେଳେ ପୂର୍ଣ୍ଣଚନ୍ଦ୍ରରୂପ ।
ଅଶାମୟ, ନବ          ବସନ୍ତ-ପ୍ରଭାତ
ରଂଜେ କି ହୃଦୟ—ଦେଶେ,
ହୃଦପଙ୍କ ସରେ          ଫୁଟେ ସରୋଭରୁ
ଆଶାପଦ୍ମ ପ୍ରେମାବେଶେ ।
ଅଶା-ସୁମଧୁର-          ମଳୟ- ଅନିଳ
ହୃଦୟ ଉଲ୍ଲାସି ବହେ ,
ହୃଦୟ-କୋକିଳ          ପଞ୍ଚମତାନରେ
ନବ ଅଶା-କଥା କହେ
ଗୋପନେ କାହାର          ମୋହନ ଝଙ୍କାର
ମଧୁଆଶା ବାଜି ଉଠେ,

ଅବେଦଣ ଗୋପନେ    ଶୁଣେ କପାଁ ବାରେ
ଲାଗି ରହେ କର୍ଣ୍ଣପୁଟେ
ବାଜି ଉଠେ ମୋର    ହୃଦ-ତନ୍ତ୍ରି-ତାନ
କାହା ଅଟଣ ଆବେଦନରେ
ସ୍ୱର ଦେଇ ତହିଁ    ଗାଏ କେ ଗୋପନେ
(ମୁଁ ତ) ଶୁଣେ ସତେ ସତ୍ୱଭରେ
ଆଶା-ପ୍ରଲୋଭନ    କପାଁ ବାରେ ବାରେ
ନୟନପଥେ ଦିଏ ଦେଖା ,
ଆଶା ସୁମୋହନ    ଛବିଟି ଦେଖାଇ
ଶୂନ୍ୟେ ମିଳାଏ ତା, ରେଖା ।
ଏରୂପ ସରସା,    ଏମୋହିନ ଆଶା
ଏନେକ ପୀଡ଼କ ମୋର ,
ତୁଟେଁ ଯହୁଁ ପ୍ରଭୁ    ଏ ଆଶା-ସ୍ୱପନ,
ଏସେ ଶଙ୍କ ଘୋରତର
ତୁଟେଁ ନାହିଁ ପ୍ରଭୁ    ସମ୍ପଦ ପରମ
ଉଚ୍ଚ ପଦ , ଗଉରବ,
ଚାହେଁ ପ୍ରଭୁ ମାନ୍ତ    ଚରଣେ କହଦ
ପୂର୍ଣ୍ଣସୁଖ ଅନୁଭବ ।
ଥିବି ମୁଁ ଜୀବନେ    ଏକ ଯା ସଂସାରେ
ତବ ପଦପ୍ରାନ୍ତେ ରହି,
କରୁଥିବ ବଶ    ସେବା ମୁଁ ଗୋପନେ
ଛାଡ଼ିଯିବା ଯାଏ ମହି ।
ରହିଥିବ ନିତ    ଚରଣସେବିକା
ବଶ୍ୱର ସେବିକା ତଥା

ରହିଥିବ ନିତି           ଦୀନ ଦୁଃଖୀ ହେବେ,
ବହି ଗତ ହୃଦବ୍ୟଥା ।
ଅନନ୍ତ ପ୍ରକୃତି           ଚରଣେ ସେପରି
ରହିଅଛି ବନ୍ଧାନତ,
ଅନନ୍ତ ପିତାଙ୍କ           ପଦେ ସେହିପରି
ରହୁ ଏ ଅବଜ୍ଞା-ମତ ।
ବିଶ୍ୱ-ପରିବାର-           ସେବାରେ ସତତ
କଟିଯାଉ ଦିନ ମୋର ,
ବିଶ୍ୱର ଈଶ୍ୱର-           ପଦରେ ମୋହର
ପ୍ରାର୍ଥନା ଏ ନିରନ୍ତର ।
କେହି ନ ଜାଣନ୍ତୁ           ମୋ ହୃଦୟକଥା
କେହି ନ ବୁଝନ୍ତୁ ବ୍ୟଥା,
ନ ପଡ଼ୁ ଜୀବନେ           ଆଲୋକର ରେଖା
ଅନ୍ଧାରେ ଡୁବୁ ମୋ ସତ୍ତା ।
ମୋ ଜୀବନ-ଫୁଲ           ଫୁଟିଛି ଅନ୍ଧାରେ
ଅନ୍ଧକାରେ ଥାଅ ଭରି,
ଅନ୍ଧାରେ ସୌରଭ           ବିସ୍ତାର କରୁ ସେ ,
ଅନ୍ଧକାରେ ଯାଉ ଝରି ।
ସଂସାରେ-ନଶ୍ୱର           ନ କରୁ ସନ୍ଧାନ ,
ନ କରୁ ସଂସାର ସ୍ପର୍ଶ,
ଏକାକୀ ଜୀବନ           ସଂସାରେ ମୋହର
ବହିଯାଉ ବର୍ଷ ବର୍ଷ ।
"ସଂସାରେ ଥାଇ ମୁଁ           ସଦା ଉଦାସୀନ"
କବିରୁ ଏ ନୀତିକଥା ,
ଥାଉ ମୋର ସଦା           ଜୀବନରେ ଜାଗି ,
ଯାଏ ମୃତ୍ୟୁ ଯଥା ତଥା ।

ଦିଅ ପ୍ରଭୁ ଶକ୍ତି     କରିବି ସେପରି
ସଂସାରର ସେବାମାନ,
ପୂର୍ଣ୍ଣ କର ତୁମ୍ଭ     ପ୍ରେମରେ ମୋହର
ହୃଦୟର ପ୍ରେମ—ପାନ ।
ତୁମ୍ଭେ ମୋର ପ୍ରଭୁ,     ତୁମ୍ଭେ ମୋର ସବୁ,
ତୁମ୍ଭ ବିନା ଜୀବ ହୀନ ;
ସ୍ୱର୍ଗ, ମର୍ତ୍ତ୍ୟ, ତୁମ୍ଭେ     ଅଛ ଏକା ମୋର,
ତୁମ୍ଭ ବିନା ମୁଁ ଯେ ଦୀନ ।
ଦେଖିବି ମୁଁ କାହାକୁ     ନାହିଁ ମୋର କିଛି
ଅଛ ମାତ୍ର ତୁମ୍ଭେ ବନ୍ଧୁ,
ବିତରିବି ତାହା     ଭକ୍ତେ ଅକାତରେ
ଶାନ୍ତି ଲଭିବ ମୋ ଚିତ୍ତ ।
କେବଳ ତୁମ୍ଭଙ୍କୁ     ପାଇଅଛି ବୋଲି
ବଞ୍ଚିଛି ସଂସାରେ ଆଜ,
ଦୂର କର ମୋର     ଦୁରିତ ଜଞ୍ଜାଳ
ହୃଦୟେ ସତତ ରାଜ ।
ହୃଦ ସ୍ତରେ ସ୍ତରେ     ଲେଖିଦିଅ ନାଥ
ତବ ପୁଣ୍ୟ ଉପଦେଶ,
ନୟନେ, ବଚନେ,     କରମେ, ଜୀବନେ,
ଜଗଜ ହେ ପରମେଶ ।
ଏମୋର କାମନା     ଏ ମୋର ପ୍ରାର୍ଥନା
ତବ ଶ୍ରୀଚରଣତଳେ,
ଉଜ୍ଜ୍ୱଳ, ମହତ,     କର ମୋ ଜୀବନ
ତବ ପୂତ ପ୍ରେମବଳେ ।

# ନବୀନ ପ୍ରାତଃ ।

୧ । ଏ ନବ ଜୀବନ ଶୁଭ ନବୀନ ପ୍ରାତେଃ
ମୋହୁଛି କେ ମନ ମୋର ମଧୁର ଗୀତେ
ମରମେ ମରମେ ମର ଶୁଣେ କି ପବଣ ହାରି,
ଗୋପନେ ମୋହନ ତାନ ବାଜଇ ଟେଉ

୨ । ଏ ନବ ଜୀବନ ଶୁଭ ନବୀନ ପ୍ରାତେଃ
ମୋହୁଛି କେ ମନ ମୋର ମଧୁର ଗୀତେ
ବହେ କି ବସନ୍ତ-ବାତ ହିଲ୍ଲୋଳେ ପରାଣ ଶାନ୍ତ
ଗୋପନେ ମୋହନ ତାନ ବାଜଇ ଟେଉ ।

୩ । ଏ ନବ ଜୀବନ ଶୁଭ ନବୀନ ପ୍ରାତେଃ
ପରଶୁଛି କିଏ ମୃଦୁ କର ଆଘାତେ ?
ନମି ଯେ ଅକୁଳ ପ୍ରାଣ ହର ନେଇଅଛି ଜ୍ଞାନ
ଟାଣି ବାନ୍ଧିଦିଏ ପର ପଯୃରପ୍ରାନ୍ତେ !

୪ । ଏ ନବ ଜୀବନ ଶୁଭ ନବୀନ ପ୍ରାତେଃ,
ଗଗନେ, ପବନେ, ବୀଣା ବାଜଇ ସତତ
ବନେ ବନେ ଭ୍ରମରଧ୍ୱନି, ଝଣେ ମୋ' ମାନସ କର୍ଣ୍ଣି,
ମୋହୁଛି କେ ମନ ମୋର ମଧୁର ଗୀତେ ।

୫ । ଏ ନବ ଜୀବନ ଶୁଭ ନବୀନ ପ୍ରାତେଃ,
ସହସା ଦେଖିଲି ପର ପ୍ରାଣ-ସଙ୍ଘାତେ,
ଅଦ୍ୟ ନ ଧରଇ ମନ ଧାଏଁ ଏକାନ୍ତେ,
ଧରିବାକୁ ସେହି ପ୍ରିୟ ପଦ୍ମ କାନ୍ତେ,
ଦୀଗହୀନ, ଲକ୍ଷାହୀନ ଧାଏଁ ଉଦ୍ଭ୍ରାନ୍ତେ ।

# ବସନ୍ତେ ।

ଦୁଃଖର କଥା ମୁଁ — କହିବି ନାହିଁ ଲୋ
ମଧୁମାସ ମଧୁ ବାସରେ,
ହୃଦ ବୀଣା-ତନ୍ତ୍ରୀ— ତାରକୁ ଯୋଡଣ
ଗାଇବି ଗୀତ ମୁଁ ସୁସ୍ୱରେ ।
ବହୁ ଆସିଲାଣି ମଲୟ ମାରୁତ,
ଶୁଭିଲାଣି ବନେ ବନେ ପିକ-ରୁତ,
ଉଡ଼ିଛି ଗଲାଣି ଉତ୍ସବେ ଶ ଭୃଙ୍ଗ-
ବକୁଳ-ସୌରଭ-ଶ୍ରେଣୀ,
ଉଦିଲାଣି ନବ- — ରବି-ଗଗନରେ
ଶୀତର ଜଡତା ନାଶି । ୧ ।

ବାନ୍ଧିବ ନାହିଁ ଲୋ — ଆଜି ମୁଁ ଆରତେ
ଉଠିବି ଏବେ ମୁଁ ଉଲ୍ଲାସେ,
ଫୁଟିଲେଣି ଯେବେ — କୋମଳ ପଲ୍ଲବ-
ଶିଖରେ କୁସୁମ ସୁହାସେ ।
ଉତ୍ସବେ ଦେଖ କୁସୁମର ବନ,
କୁସୁମ-ବାସରେ ବାସିତ ପବନ,
କୁସୁମ-ହାସରେ ଧରଣୀ ଲପନ,
ରଞ୍ଜିତ ଉଜ୍ଜ୍ୱଳ ପ୍ରଭା,
କାହା ପୂଜା ଲାଗି — ଫୁଲଡାଲି ସାଜି
ଅନାଇ ବସିଛି ଧରା । ୨ ।

ବସିବ ନାହିଁ ଲୋ          ଆଉ ମୁଁ ବର୍ଷାରେ
ନୀରସ-ମଳିନ-ଲୋଚନେ,
ବହୁତ ଗଲଣି          ନବ ଆଶା କଥା
ଗୁଞ୍ଜରି ଭ୍ରମର ଗୋପନେ ।
ହସି ଉଠିଲଣି ପଦ୍ମ ଶତଦଳ,
ପ୍ରଫୁଲ୍ଲ ବିମଳ ରମ୍ୟ ନୀଳ ଜଳ,
ବାତ-ପ୍ରକମ୍ପିତ-ଚଞ୍ଚଳ ତରଳ,
ଛୁଟେ ମକରନ୍ଦ ବାସ,
ମୋହି ଜନ-ମନ          କଲଣି ଆକୁଳ
ଦୁଃଖଦୈନ୍ୟ କରି ନାଶ ।୩।
ଶୁଣିବ ନାହିଁ ଲୋ          ଆଉ ଦୁଃଖ କଥା
ନୈରାଶ୍ୟର ବାଣୀ ଦାରୁଣ,
ଦେଖିବ ନାହିଁ ଲୋ          ଆଉ ନୟନରେ
ଗଣ୍ଡ-ବାହି ଅଶ୍ରୁ କରୁଣ ।
ବାଜ ହୃଦବୀଣା ସୁମୋହନ ସ୍ୱରେ,
ନାଚ ଅଳି ମନ ପୁଣ୍ୟ-କର୍ତ୍ତବ୍ୟରେ,
ମାତ ମଧୁମାସେ ନବ ଉଲ୍ଲାସରେ,
ଫୁଲ୍ଲ ଫୁଲ ହସି ହସି
ଆନନ୍ଦ ଲହରୀ          ଜୀବନର କର୍ମ
ବୃଥା ନ ରହିବ ବସି ।୪।

## ରୂପ ।

ଭୁବନମୋହନ ରୂପ ତବ କାହିଁ ଫୁଟି ଉଠୁଛି,
କାହିଁ ସେ ସୁନ୍ଦର ଶିଶୁ ଧୀରେ ଧୀରେ ଲୋଟୁଛି ।
ବିଜନ କାନନେ ଫୁଟି ଫୁଲ ସୁବାସେ ଚହଟି,
ବସନ୍ତ ଅନିଳେ ଲୋଟି ମନ ମୋର ମୋହୁଛି
ଅନନ୍ତ ନୀଳିମା କୋଳେ, ମୋହନ ମୂରତି ଦୋଳେ ।
ରବି ଶଶୀକରେ କିବା ହାସ ଫୁଟି ଉଠୁଛି ।
ରୂପର ଲହରୀ ପରି ଖେଳାଏ କି ବସୁନ୍ଧରା,
ପତରେ ପତରେ ଫୁଲେ ରୂପ ଝରି ପଡ଼ୁଛି ।
ମୋ' ମନପଟରେ ସଖା, ଅରୂପ ରୂପଟି ଲେଖା,
କ୍ଷଣେ କ୍ଷଣେ ପାଇ ଦେଖା, ବିରହରେ ମରୁଛି ।
କେବେ ସେ ଚରଣତଳେ ବସିବି ମୁଁ କୁତୁହଳେ,
ବିରହେ ହେ ପ୍ରଭୁ ! ତବ, ମନ କାନ୍ଦି ଉଠୁଛି ।

## ବର୍ଷା-ଦର୍ଶନେ ।

ଆଜକି ଆକାଶେ କଳାମେଘ ଭାସେ
ଆଜକି ବିଜୁଳି ବିକାଶେ,
ପଡ଼େ ଝର ଝର କା'ରୂପ ମାଧୁରୀ
ଭସାଇ ପରାଣ ହରଷେ ।

ଗାଲ ମାଲ୍ଲେକୋଁ କୋ ଯେରୂପ କି ଖେଳେ
ଖେଳେତ ମୋ ହୃଦ-ଆକାଶେ ।
ଅରୂପ ରୂପ ସେ ମୋ' ପଦ୍ମ-ଭୂପ,
(ସେତ) ଭସାଏ ହସାଏ ଆବେଶେ ।
ମୁଗ୍ଧ ମନଖଣ୍ଡା ବାଜେ କି ସାଦରେ,
ନାଚେ କି ଅନ୍ତର ଉଲ୍ଲାସେ,
ପଡ଼େ ଝରି ଝରି ପ୍ରେମ-ଅଶ୍ରୁବାରି
ମୋହନ କା'କର ପରଶେ
ବିଶ୍ୱ ଚରାଚରେ ଯା' ରୂପ ନ ଧରେ
ଶ୍ୟାମଳେ ସୁନ୍ଦରେ ସରସେ
ଉଚ୍ଛୁଳିଲା ମଧୁରେ ଭୁବନର ମଧୁରେ
ଆନନ୍ଦ କାହାର ପ୍ରକାଶେ ।
କି ଅଛି ମୋହର ଏ ସାରା ସଂସାରେ
କି ଅଛି ମୋହର ବୋଲି ସେ,
ନେଇଛି ଚିର ମୋର ଯେତ ସୁଖ ମୋର
ପ୍ରାଣ ପ୍ରିୟତମ ପ୍ରଭୁ ସେ
ଗରମ ସମ୍ପଦ କିଛି ନାହିଁ ମୋର
ଆସିଛି ଏକାକୀ ଏ ଦେଶେ,
ଏ ତନୁ ମୋହର ନୁହେଁତ ମୋହର
କିଞ୍ଚିତ୍‌କାଳ ମାତ୍ର ଉଦ୍ଦେଶେ ।
ତାହାକୁ ମୁଁ ଧରି ହେବି ଭବ ପାରି
ସନ୍ତୋଷି ଯାଇଁ ସେ ଦେଶେ,
ଚରଣ ଲାଗି ପଦେ ଅନୁରାଗୀ
ରହିଥିବ ପ୍ରେମ ଆବେଶେ

# ସ୍ୱରୂପ ସୁନ୍ଦର ।

ସ୍ୱରୂପ-ସୁନ୍ଦର ଗାଉଛ କି ମୋହର
କ୍ଷୁଦ୍ର ପ୍ରଭ ଅବସ୍ଥବରେ,
ସୁଲଳିତ ତବ ବୀଣାଜଣା ବାଣୀ
ଶୁଣେ କି ମୁଁ ନିଜ କଣ୍ଠରେ ।
ତୁମ ଅପରୂପ ଶ୍ରୀମୁଖ ସୁନ୍ଦର—
ଶୋଭା ଦେଖିଲି କି ବଦନେ ମୋହର,
ବଦନେନ୍ଦୁ-ବିମ୍ବ ହୃଦାମ୍ବୁ-ଦର୍ପଣେ
ଅଙ୍କୁର କରିଲା ମୋହର ।
ପ୍ରଥମେ ମୋହର ଶୁଣି କଣ୍ଠସ୍ୱର,
ତୁମ ସ୍ୱର-ସୁଧା ହୋଇଲି ଗୋଚର,
କିବା ସେ ମୋହିନୀ ମୃତ ସଞ୍ଜୀବନୀ,
ବାଜିଗଲା ସତେ ହୃଦରେ ।
କିଏ ସେ ହେ ତୁମେ ପରମ ସୁନ୍ଦର,
ଖୋଜି ଖୋଜି ଗଲି ଦେଶ ଦେଶାନ୍ତର,
ବରଷ ବରଷ ପଥ ପରିଶ୍ରମି,
ଆସି ପହଞ୍ଚିଲି ପନ୍ଥରେ ।
କେତେଦିନ ହେଲା ବସିଛି ଦୁଆରେ,
ତୁମ ମୁଖକଥା ପଦକ ଆଶାରେ,
ଏହି ବାଟେ ଯାଅ ମୋତେ ନ ଅନାଅ,
ମରେ ମୁଁ ଦହନ-ଜ୍ୱଳରେ ।

## କହି ନ ପାରିବି ।

କହି ନ ପାରିବି ଭାଷାରେ ପ୍ରାଣେ ଅଛି ଯେ ଭାବ,
ଓଠାରେ ଆଣିବି ଚରଣ ଦେବ ହୃଦୟେ ଠାବ ।
ଗାଇ ନ ପାରିବି ଗୀତ ମୁଁ ନ କରିବି ପ୍ରାର୍ଥନା,
ବଳେ ବଳେ ଧରି ଆଣିବ କରିଅଛି କଳ୍ପନା ।
ତୁଚ୍ଛ ସ୍ଥିର ପୂଜାସମ୍ଭାର ସେତ ଅତି ମହତ,
କାହିଁ ସଜାଡିବି ତା' ଲାଗି ଯତନରେ ସତତ ।
ନାହିଁ ମୋର ସୁନାରୂପା ହେ, ଗନ୍ଧରସ, ଅଗୁରୁ,
କାହୁଁ ମୁ ପାଇବି ଭିକାଷ୍ଟ ରୁଅ ଚନ୍ଦନ-ତରୁ ।
କାହୁଁ ମୁଁ ପାଇବି କେତକୀ, ବାସ-ଅତର ରାଶି,
କାହିଁ ତେଣୁ ରହିଥିବ ହେ ଦୁଃଖ-ସଲିଳେ ଭାସି ।
ଦରିଦ୍ର ବୋଲି ସେ ଆସିବେ ନାହିଁକି ମୋ' ଦୁଆର;
ଦରିଦ୍ରେ ଆଦର ତାଙ୍କର ତେଣୁ ପାଦେ ଜୁହାର ।
ଦରିଦ୍ର ବୋଲି ମୁଁ ତାଙ୍କର, ଧନୀ ପ୍ରେମ-ଧନରେ,
ଅବନୀ-ଈଶ୍ୱର-ଐଶ୍ୱର୍ଯ୍ୟ ସରିକି ତା' ସଙ୍ଗରେ ।

## କିଏ ।

କିଏ କାନ୍ଦି ଉଠେ ମୋ' ହୃଦଭିତରେ ?
ଆକୁଳେ ବ୍ୟାକୁଳେ ନିତି
କିଏ ବାଜିଉଠେ ବୀଣାର ଝଙ୍କାରେ,
ତାପିତ ହୃଦରେ ଶାନ୍ତି ।

ଗୋପନେ ବିଜନେ ହୃଦ-କୁଞ୍ଜବନେ,
ସେ କେଉଁ କୋକିଳ ଗାଏ କଳସ୍ୱନେ,
ପରଶେ ମୋହର ପରାଣେ ପରାଣେ,
ମଧୁର ମୋହନ ଗୀତ ।
ସେ ଅରୂପ ରୂପ ମୋ, ପ୍ରାଣନାୟକ,
କୋଟି ଭୁବନର ପାଳକ ଚାଳକ
କଲୁଷ-ହାରକ ପାବକ ତାରକ,
ଭକତ ଜୀବନ ଜ୍ୟୋତ ।
ନବୀନ ହୃଦୟ ନବ ଆକର୍ଷଣେ,
ସେ ଗୁରୁ ଚରଣ ଯୁଗଳ-ନଳିନେ,
ବସାଇ ଆଦରେ ହୃଦୟ-ମନ୍ଦିରେ,
ଅରପେ ମୋହନ ପ୍ରୀତ ।

## ଅର୍ଚ୍ଚନା ।

ଶୁଭଦିନେ ଫୁଟିଥିଲେ କି ପ୍ରୀତି-କଳିକା ଧରି,
ମଲ୍ଲିକା, ମାଳତୀ, ସେବତୀ; ଜାତି, ପୁଷ୍ପ ସୁନ୍ଦରୀ,
ମନ୍ଦାନିଳ ସୁଧା-ସୁରଭି ସୁମଧୁର ପରଶେ
ପ୍ରତି ପାଖୁଡ଼ାର କବାଟ ମୁକୁଳିଲା ହରଷେ ।
ପାଞ୍ଚ ରଙ୍ଗ ଦଳ ଫିଟୁଣୁ ଫେରିକଲା ପବନ,
ସୁମନର ସାର ସୁରଭି ଚୁମ୍ବି ଫୁଲ ଲପନ

ପବନର ପ୍ରିୟ ପରଶେ କାହ ଉଲସି ଉଠି,
ଲଜ୍ଜା ଆବରଣ ଫେଇ କି ଫୁଲ ଉଠିଲେ ଫୁଟି ।
ସ୍ୱରଗରୁ ଝର ପଡ଼ଲା ଉରେ ଶିଶିର କଣା,
ଚିକ୍କଣ କୋମଳ ମାଧୁର୍ଯ୍ୟ ନେଇ କରିଲା ବଣା ।
ହରିତ ଶୋଭାରେ ମିଶିଲା ଘନ-ଧନୁ ଝଟକ,
ଅନାଇ ଅନାଇ ତହିଁରେ ମନ ହେଲା ଅଟକ ।
ମନ ହେଲା ସତେ ଆଣିବ ତରୁ କୁସୁମ-ଡ଼ାଲା,
ଫୁଲଢୋଳ ଭର ଅଞ୍ଜଳି ମୁଁ ଯେ ଗୁନ୍ଥିବ ମାଳା ।
ମନ ହେଲା ମାତେ ଧାଇଁଲି ଫୁଲ ତୋଳିବା ଆଶେ
ଗୁନ୍ଥିଛି ତ ଗୁରୁ ମାଳିକା ଆହା କାହା ସକାଶେ ।
କାହାକୁ ଅର୍ପିବ ସେ ହାର ପ୍ରିୟ ତୁମ୍ଭରି ବିନା,
ତ୍ରିଭୁବନେ ଦେବ ସୁନ୍ଦର ତୁମ୍ଭେ ମୋ ପ୍ରଭୁ ସିନା
ହେଉ ପଛେ କ୍ଷୁଦ୍ର ହାତର କ୍ଷୁଦ୍ର ତୁଚ୍ଛ ରଚନା,
ସାର୍ଥକ ହୋଇବ କରିଲେ ସିନା ପାଦ ଅର୍ଚ୍ଚନା ।
ଅଥବା ଆଦର ଦୁଆରେ ଲଭ ସାହସ ଅତି,
ପହୁଞ୍ଚି ପାରିବ ଯଦ୍ଧ ହେ ଫୁଲେ ତୁମ୍ଭର କତି
ତୁମ୍ଭଙ୍କୁ ଦିଖାଇ ଦେଖିବ ପ୍ରେମ-କୁସୁମ-ହାର,
ବଢ଼ିବ ଆନନ୍ଦ ପ୍ରିୟ ହେ ତହିଁ ମୋର ଅପାର ।

# ବସନ୍ତ ଭାବନା ।

ଅସିଅଛି ଅଜ ବସନ୍ତ
ଫୁଲ-ମୁକୁଟ ପିନ୍ଧି,
ସୁନ୍ଦର ଦିଶୁଛି ଧରା କି
ନନ୍ଦ-ନନ୍ଦନ ନିନ୍ଦି;
ଆକାଶେ ନିଶାରେ ହସୁଛି
ରମ୍ୟ ଉଜ୍ଜ୍ୱଳ ଇନ୍ଦୁ,
ବିନ୍ଦୁ ବିନ୍ଦୁ ଝରି ପଡେକି
ନଭୁଁ ଅମିୟ ସିନ୍ଧୁ ।
ପଦ୍ମପୁଷ୍କରିଣୀ ଜଳରେ
ଫୁଟିଲେଣି ସଜୀବ,
ରକ୍ତନୀଳ, ଶ୍ୱେତ ଶୋଭାରେ
ମକରନ୍ଦ ମିଶିବ ।
ଆସିବେ ଏଥର ଅଳିଏ
କଳି କରି ବନ୍ଦନ,
ବନବିହଙ୍ଗମ ନିନାଦେ
ପୂରିଯିବ କାନନ ।
ଧୀରେ ଧୀରେ ବହି ଗଲଣି
ଶୈତ୍ୟବସନ୍ତ ବାୟୁ,
ଉଲ୍ଲସିତ ତନୁ ମନ ଯେ
ଥୟ ନ ଧରେ ଆଉ ।

ଇଚ୍ଛା ହୁଏ ସତେ ବୁଲିବ
ବନେ ବନେ ନିରତ,
ତୋଳି ଫୁଲରାଶି ଗୁନ୍ଥିବ
ହାର ମନର ମତ ।

ସଜାଇବ ଅତି ଯତନେ
ନାନାରଙ୍ଗ ପାଖଡ଼ା,
ପିନ୍ଧିବ କୁସୁମ-ସାଜ କି
ଫୁଲେ ସଜାଇ ଜୁଡ଼ା ।

ତଥାପି ହୃଦୟ ଭିତରେ
ଅତି କୋମଳ ବ୍ୟଥା,
 କ୍ଷଣେ କ୍ଷଣେ ଜାଗି ଉଠେ ଗୋ
କହି ନ ହୁଏ କଥା ।

ସତ ଗୋ ଯେପରି କାହାରି
ପ୍ରାଣେ ଅଛି ଅଭାବ,
ନୁହେ ସେ ଲୋକ ଏ ଭବର
ନାହିଁ ଏଥି ତା ଠାବ ।

ତଥାପି ଯେମନ୍ତେ ସେ ମୋର
ପ୍ରାଣ ନିକଟ ବା
ମୋ ଜୀବନ ନବ ବସନ୍ତେ
ଯେଉଁ କୁସୁମ ମଧୁ ।
କିଏ ସେ ତାହାକୁ ଖୋଜି ମୁଁ
ବୁଲେ ଦେଶବିଦେଶ,

ପ୍ରାଣର ଭିତରେ ଶୁଣୁଛି
ସତେ ତାହାରି ସ୍ୱର ।
ଚମକି ଥମକି ଅନାଏ,
ଏଣେ ତେଣେହତାତ,
ନ ଜାଣେ କେଉଁଠି ଲୁଚନ୍ତି
ମୋର ପ୍ରାଣ ସଙ୍ଗାତ;
ଏତେ ଉପତରେ ଖୋଜୁଛି
ଦେଖା ନ ଦିଏ ଆସି,
ବେଶ ଭୂଷା ଛାଡ଼ି ଢାଳେ ମୁଁ
ଉଷ୍ମ ଲୋତକରାଶି ।

## ସନ୍ଧାନେ ।

କେତେ ଦିନ ହେଲା ପାଇନାହିଁ ଦେଖା,
କାହିଁ ମୋର ପ୍ରାଣଧନ ରେ,
ଖୋଜିଲିଣି ପରା ସରିତ ସାଗରେ,
ଖୋଜିଲିଣି ବନ ବନରେ ।
(ମୁଁ ତ) ଦିନେ ବୁଲୁଥିଲି ଅକୁଳ ଅନ୍ତରେ,
ଅକୁଳ ପିପାସା ଧରିରେ,
ମରୀଚିକା ପଛେ, ଧାଇଁ ଥିଲି ମିଛେ,
(ସେତ) ଯଉଥିଲେ ମୋତେ ବାଟରେ,

ନେଇଥିଲେ ମୋତେ କୋଳରେ,
ଚରଣେକୁ ଧରି ପ୍ରାଣଆକୁଳେ,
କହୁଥିଲି କେତେ କଥାରେ ।
ମୁଁ ତ ) ଶୟନେ ସ୍ୱପନେ, ନିତି ଜାଗରଣେ
ଦେଖୁଛି ମୂରତି ଶୋଭରେ,
ତେବେ ଶୂନ୍ୟ ଶୂନ୍ୟ, ଲାଗେ ଏ ଭୁବନ
( କହ ) ସେ ମୂରତି ମୋର କାହିଁରେ,
ଯାଇ ମୁଁହିଁ ପାଇ ନାହିଁରେ ।
ସେ ମୂରତି ମୋତେ ଧରୁଛି ଆଲିଙ୍ଗି
ଭ୍ରମେ କାହିଁ ମୁଁହିଁ ଧାଏଁରେ

## ବନ୍ଦନା ।

ଆଜ ପ୍ରଣୟ ହରଷେ, ପ୍ରଣମେ ଉଦ୍ଦେଶେ
ପ୍ରଭୁ ଗୋ ଚରଣ ସକାଶେ,
ଆଜ ଶ୍ରୀପଦ-ବନ୍ଦନେ, ଭକତି ଚନ୍ଦନେ,
ଅର୍ଘ୍ୟ-ଡାଲି ସାଜେ ଆବେଶେ ।
ଚିର ଆଶା ମୋର ନିରେଖି ନୟନେ,
ସ୍ୱରୂପ ସୁନ୍ଦର ଚରଣ-ସୁମନେ,
ନର୍ମଦା ସାନ୍ଦ୍ରରେ, ଧୋଇ ହରଷରେ,
ନେହ ନୀର ତଳା ପିୟୂଷେ ।

ଦେଖି ନାହିଁ ଯିନା ମର ନୟନରେ,
ହୃଦୟ ମନ୍ଦରେ ପୂଜେଇ ଆଦରେ,
ଭକ୍ତି-ଆସନେ ବସାଇ ଯତନେ,
ବନ୍ଦେ ପଦ ପ୍ରେମ ହରଷେ ।
ନତ କରୁ ଶିର ଚରଣକମଳେ,
ଚଉ-ଅଳି ମଧୁ ପିଉ ଯେଗୋ ବରଟିଳ,
ପବିତ୍ର ଏ ଶିର ହେଉ ହେ ମୋହର,
ପୂତ ତବ ପଦ ପରଶେ ।

## କରୁଣାଭିକାରୀ ।

ଏ ଦୀନ ଚରଣେ କରୁଣା ଭିକାରୀ,
କରୁଣା ଭିକାରୀ ନାଥ ହେ,
ଦୂଆରୁ ତୁମ୍ଭ ର ନ ଦିଅ ଘଉଡ଼ି
ଭବେ ହେବି ଅବଜ୍ଞାତ ହେ ।
ନାହିଁ ମୋର କିଛି ଜ୍ଞାନ, ଧନ, ଧର୍ମ,
ନାହିଁ ମୋର କିଛି କର୍ମ ହେ,
ଶୂନ୍ୟ ମୋ’ ହୃଦୟ, ଶୂନ୍ୟ ମୋ’ ଆଳୟ,
ଦିଶେ ଧରା ଶୂନ୍ୟମୟ ହେ ।
ପୂର୍ଣ୍ଣ କର ଦୟାମୟ ହେ,
ବିତରଣ ବରାଭୟ ହେ,

ମାଗୁଛି ଚରଣେ ଦିଅ ହେ ଅଧମେ,
ତୁମ୍ଭର କରୁଣା ବଢ଼ୁ ହେ । ୧ ।
ଏ ଦୀନ ଚରଣେ କରୁଣା ଭିକାରୀ;
କରୁଣା ଭିକାରୀ ନାଥ ହେ;
କୃପାଦ୍ୱାର ଫେଡ଼ି, ଭର କ୍ଷୁଦ୍ର ପେଡ଼ି
ନୋହିଲେ ନୋହିବ କ୍ଷାନ୍ତ ହେ;
ଟାଙ୍କୁଅବି ଛାଡି ବଢାଇ ବିରକ୍ତି,
ଦିଅ ମୁକ୍ତି, ଦିଅ ମୁକ୍ତି ହେ ।
ନେବ ବା ବିଭବ, ଦେବ ବା ବିଦିବ,
ଜାନୁ ପଦ କଞ୍ଜ ତବ ହେ ।
ଯା' ଦିଅ ଦେବାକୁ ହେବ ହେ ।
ନ ଭୁଲିବ ଦେବ-ଦେବ ହେ,
ଶ୍ରୀଚରଣ ତଳିଳ ରହୁ ଅବିରଳେ
କ୍ଷୁଦ୍ର ମୋ' ଦୁର୍ବଳ ଚଉ ହେ ।

## "ତୋ' ଆଦର ।"

ଆଖିତ ନ ଦେଖେ ସାକ୍ଷୀ ତ ନ ଥାଏ
ନ ବୁଝେ ଅନ୍ତର ଆନ,
ନୁଚ୍ଛ ସ୍ନେହ ମୋର ସେହି ଲୁହଟିକ
ତୋ 'ଚରଣେ ଲଭେ ସ୍ଥାନ । ୧ ।
କାନ ତ ନ ଶୁଣେ, ପଶେ ନାହିଁ କାହା
ମରମର ଅନ୍ତସ୍ଥଳେ,

ଭଗ୍ନ ବକ୍ଷ ମୋର　　　　ସେହି ଦୀର୍ଘଶ୍ୱାସ
　　ପଡ଼େ ତୋ' ଚରଣତଳେ । ୨ ।
ହୃଦୟ ଭିତରୁ　　　　ସବୁ ତାର ଛେଡିବ
　　ବାଜି ଉଠେ ଏକ ତାନେ,
ଜଗତ ନ ଶୁଣେ　　　　ଜଗତ ନ ଜାଣେ
　　ବାଜେ ସିନା ତୋର କାନେ । ୩ ।
ଅନ୍ତରର ସବୁ　　　　ଶିରା ଫାଟି ଫାଟି
　　ବହେ ଯେବେ ରକ୍ତଧାର,
କିଏ ବା ପୋଛଇ　　　　କିଏ ବା ଦେଖଇ
　　ସେ ଦାରୁଣ କ୍ଷତ ଗାର । ୪ ।
ସଂସାରର ଘୋର　　　　କଣ୍ଟାବଣ-ବାଟେ
　　ଚଲେଁ ଯେବେ କଣ୍ଟା ମାଡ଼ି,
କିଏ ବା ଆସଇ　　　　ପାଖକୁ ମୋହର
　　କଣ୍ଟା ଦେବାପାଇଁ କାଢ଼ି । ୫ ।
ଭୂମଟି କରିଣ　　　　ବସିଥାଏ ଯେବେ
　　ନଉନେ ମନଟି ମାରି,
ଜଗତ ଲୁଚିନା　　　　ଚକ୍ଷୁ ଦେଡିବ ଧୋଡ଼ାଇ
　　କିଏ ପ୍ରେମାଞ୍ଜଳି ପାରି । ୬ ।
ଗୁଲୁ ଗୁଲୁ ଯେବେ　　　　ଅଳ୍ପ ଯାଏ ମୁହିଁ
　　କିଏ ବା ବହଇ କାନ୍ଦେ ?
କିଏ ବା କହଇ　　　　ଶାନ୍ତ ନାଦେର ପଦେ
　　ଅଳୁଲେ ଯେବେ ମୁଁ କାନ୍ଦେ । ୭ ।
ନୈରାଶ୍ୟ ଅନ୍ଧାର　　　　ଘୋଟିଯାଏ ଯେବେ

ସ୍ପୃହା ନ ହଣଇ ଆଉ

କିଏ ବା ଆଳୁଅ ଦେଖାଏ ରେ ମୋତେ
ତେଲକୁ ନ ସାଧି ଦାଉ । ୮ ।
ବୁଲନ୍ତ ହରତେ ନିଜ ସ୍ୱାର୍ଥ ଆଜି
ପସ୍ୱାର୍ଥ ଲୋଡ଼େ କେ କାହିଁ,
କିଏ ବା ମୁଠାଏ ଭିକ୍ଷା ଦିଏ ଯେବେ
ଦ୍ୱାରେ ନାଚିବୁଲେ ଯାଇଁ । ୯ ।
ରୋଗର ବିଛଣା କିଏ ବା ସଜାଡ଼େ
ତ୍ରୁଟିର ଭର କେ ବହେ;
ଯେତେତ ତୁଚ୍ଛ କଲେ ଯେତେ କଷ୍ଟ ଦେଲେ
ନୀରବେ ସବୁ କେ ସହେ । ୧୦ ।
ଆପଦେ ବିପଦେ ଏକା ତୁ ସମ୍ଭାଳୁ,
ତଥାପି ତୋତେ ମୁଁ ଭୁଲେ,
ତୋର ପ୍ରେମ-ଡୋରି କାଟି ଅବହେଳେ
ଭବ-ମାୟାପାଶେ ଝୁଲେ । ୧୧ ।
ଆହା, ଭଲପାଇ ଏତେ ଏତେ ତୋ ଆଦର
କି ବୁଝେ-ତୋ ଗୁଣକଥା,
ଯତନେ ହେଲେ ମୁଁ ତୋହର ଅନ୍ତରେ
ଦିଅଇଁ ଅନନ୍ତ ବ୍ୟଥା । ୧୨ ।
ପିତା, ମାତା, ବନ୍ଧୁ, ଲୁଟି ମୁଣ୍ଡେ ବଳି
ତୋହର ଆଦର ପ୍ରଭୁ,
କେଉଁ ଦିନେ ଆହା ବୁଝିବ ତୋହର
ମୋ ଲାଗି ଯେ ପ୍ରେମସିନ୍ଧୁ । ୧୩ ।

## ଉଦ୍ଦେଶେ ।

ଯେତେ ମୁହିଁ ପାପୀ, କ୍ଷୁଦ୍ର ତୁଚ୍ଛ ଛାର,
ଶ୍ରୀଚରଣେ ତାର ଅଛି ଅଧିକାର,
ଆକାଶ ଊର୍ଦ୍ଧ୍ୱରେ ଯଦିବା ବିରାଜେ,
ଯଦିବା ମହୀରେ ଅବନତ ଲାଜେ,
ତୁଚ୍ଛ ଧୂଳି କଣା ତୁଚ୍ଛ ମାଟି ଦେହ,
ସେ ପଦରାଜୀବେ ନିରତେ ମୋ ସ୍ନେହ ।
ସେ ପ୍ରେମ-ଦେବତା, ସେ ହୃଦ-ସବିତା,
ସେହି ବନ୍ଧୁ ଭାଇ, ସଙ୍ଗୀ, ମାତା, ପିତା,
ସାରା ଜୀବନର ପୂଜା, ଆରାଧନା,
ହୃଦୟର କ୍ଷତ, ଲୋତକ, ଯାତନା,
ହେବ କି ବିଫଳ, ମୋ' ଆତ୍ମା-କମଳ,
ଶୁଖି ସେ ଝରିବ, ହୃତ-ପରିମଳ,
ନାହିଁ ନାହିଁ କେବେ ନ ହୁଏ ବିଶ୍ୱାସ,
ରବି ସେ ଉଜ୍ଜ୍ୱଳି ହୃଦୟ ଆକାଶ,
ହସାଇବେ ମୋର ଆତ୍ମା-ଶତଦଳ,
ବୁହାଇବେ ପ୍ରେମବାତେ ପରିମଳ,
ଅଳିରୂପେ ଆସି ପ୍ରେମ ଗୁଞ୍ଜରଣେ,
ହୃଦ-କମଳରେ ଲୁଚି ଯିବେ କ୍ଷଣେ,
ହେମ-କରରାଶି ପ୍ରେମରେ ବରଷି,
ପ୍ରେମର ଅଦ୍ଭୁତ ମନ୍ତ୍ରେ ଆକରଷି,

ତନ୍ତୁ ଉପରକୁ ନେବେ ଧୀରେ ଧୀରେ,
କ୍ୱାଁ ମୁଁ କାହାର ଲୋଚନ ମଧ୍ୟରେ ।
ନୀଳାକାଶତଳେ, ଯା' ଛବି ଉଜ୍ଜ୍ୱଳେ,
ନୀଳ–ଲହରୀରେ, ନଦୀ-ନୀଳ-ଜଳେ,
ଫୁଲ ପରିମଳେ, ବସନ୍ତ-ଅନିଳେ,
ଲୋଟେ ଯାହା ରୂପ, କନ୍ଦରେ, ଶଇଳେ,
ବିଶ୍ୱ ପ୍ରତି କୋଣେ, ଯାହା ବାଣୀ ଶୁଣେ,
ହୁଏ ମୁଁ ଅସ୍ଥିର ଯାହା ପ୍ରେମଗୁଣେ,
ପୋଛି ଦେବ ମୋର ନୟନର ଧାର,
ପ୍ରେମରେ ସୁନ୍ଦର ଶ୍ରୀକର କାହାର,
ଛଳେ ଛଳେ କରି, ନେବ ମୋହିତ ହରି,
ପ୍ରେମ-ମନ୍ତ୍ରେ ମୁଗ୍ଧ ମୂର୍ଖ ଅନ୍ଧ କରି,
ଦୋଷ ଗୁଣ ଛେଦନ କରିବ ସେ ସ୍ନେହ,
ନେବ ଏକାଠି ହେଲେ କରି ଆତ୍ମା–ଦେହ,
ତା' ପ୍ରେମ-ସାଗରେ ବୁଡ଼ାଇବ ମତେ,
ସ୍ନେହ-ଲେପ ଦେବ ହୃଦୟର କ୍ଷତେ।
ନୟନରେ ଜ୍ୟୋତିଃ ପରାଣେ ପୀରତି,
ହୃଦୟେ ଭକତି ବାହୁରେ ଶକତି,
ବିପଦରେ ଧୃତି, କରମେ ସୁଗତି,
ଜଗତରେ ଶାନ୍ତି, ଅନ୍ତେ ମୁକତି ।
ଏକାଧାରେ ସଖା, ଗୁରୁ, ପରିଜନ,
କଠୋର, କୋମଳ, ରୁଦ୍ର, ସୁମୋହନ,
ରକ୍ତ ବନ୍ଧୁ ବସି, ଚଳ ହସି ହସି,

ପଙ୍କଜ ଯା’ ପଦ ପ୍ରେମରେ ଉଲ୍ଲସି,
କର୍ତ୍ତବ୍ୟ-ବନ୍ଧୁର ଅନ୍ଧକାର ପଥେ,
ବନ୍ଧୁ ସମ ସେହୁ ଯିବ ମୋ ସଙ୍ଗତେ,
ଧ୍ରୁବତାରା ମୋର ଅନ୍ଧକାର ନଭେ;
ଉଚ୍ଛଳେ ହସିବ ପ୍ରେମର ଗୌରବେ,
ହୃଦୟର ମରୁ ରାଜ୍ୟ ମନ୍ଦାକିନୀ,
ଦୁଃଖ ଯାମିନୀରେ ବିମଳ ଚନ୍ଦ୍ରିମା
ମୋ ଜୀବନ ତରୀ ପ୍ରେମର କାଣ୍ଡାରୀ
ଶତ ଝଞ୍ଜାବାତେ କରିବ ସେ ପାର,
ପ୍ରେମ କୁଞ୍ଜବନେ ମୋହନ ମୁରଲୀ,
ଶୁଣି ଯାହା ସ୍ୱନ, ଯିବ ମୁଁ ତରଳି,
ହୃଦ ନେବ ରଖି, ଯିବ ମୁହିଁ ମିଶି,
ପଦତଳ ଧଳି ପରେ ହବା ନାଶି
ମୋ’ ପ୍ରେମ ଈଶ୍ୱର, ମୋ’ ପ୍ରାଣ ଈଶ୍ୱର;
ଯେତେ ଦେଖେ ତେତେ କରେ ମୁଁ ନିଜର;
ହେଲେହେଁ ମୁଁ ପାପୀ କ୍ଷୁଦ୍ର ତୁଚ୍ଛ ଛାର,
ଶ୍ରୀଚରଣେ ତାର ଅଚ୍ଛି ଅଧିକାର ।

# ପ୍ରାଣେ ମୋହର କେ ଜାଗେ ।

( ବସନ୍ତେ )

ଅଳି ହରଷେ ଶ୍ୟାମ ସରସେ ହୁଏ ଯେବେ ଦରହାସୀ,
ମଳୟ-ହିଲ୍ଲୋଳ ଶୀତଳେ ପବନ, ଫୁଟଇ କୁସୁମ ରାଶି,
ବସନ୍ତ ଉଲ୍ଲାସେ ଗାଏ ବନପ୍ରିୟ, ପଞ୍ଚମ ଅମୃତ ସ୍ୱରେ,
ପ୍ରାଣେ ମୋହର କେ ଜାଗେ ତେବେ ଗୋ, ପ୍ରାଣେ ମୋହର କେ ଜାଗେ ।

( ନିଦାଘେ )

ବର୍ଷେ ତପନ ପ୍ରଖର କିରଣ, ଯେବେ ଧରାତନୁ ପଚେ,
କ୍ଲାନ୍ତ କଳେବର, ଶ୍ରାନ୍ତ ଅନ୍ତର, ଘନ ଘନ ସ୍ୱେଦ ଝରେ
ତୃଷିତ, ଶୁଷ୍କ କଣ୍ଠତାଳୁକା, ଦାରୁଣ ହୃଦୟ ଆବେଗେ,
ପ୍ରାଣେ ମୋହର କେ ଜାଗେ ତେବେ ଗୋ, ପ୍ରାଣେ ମୋହର କେ ଜାଗେ ।

( ପ୍ରାବୃଟେ )

ସ୍ତବ୍ଧ ଯାମିନୀ ଚମକେ ଦାମିନୀ, ବାରି ଝରେ ଝରଝର,
ଲୁପ୍ତ ଚନ୍ଦ୍ର, ତାରକା ଗଗନେ, ଶୁଭଇ ଗୃତକ-ସ୍ୱର,
ଡାକଇ ଦର୍ଦ୍ଦୁର ନାଚଇ ମୟୂର, ଭୀତ ଚିତ୍ତ ଆବେଗେ,
ପ୍ରାଣେ ମୋହର କେ ଜାଗେ ତେବେ ଗୋ, ପ୍ରାଣେ ମୋହର କେ ଜାଗେ ।

( ଶରତେ )

ଶାରଦାକାଶେ, ମଧୁର ହାସେ, ଭାସଇ ସୁନ୍ଦର ଶଶି,
ମୁଦେ କୁମୁଦ, ଭାସେ ସରସେ, ଉଲ୍ଲସେ ଅବନୀ ହସି,

ଧୀରେ ଧୀରେ ନୈଶ୍ୟ ସମୀରେ,ବାସିତ କୁସୁମ ପରାଗେ,
ପ୍ରାଣେ ମୋହର କେ ଜାଗେ ତେବେ ଗୋ, ପ୍ରାଣେ ମୋହର କେ ଜାଗେ

( ହେମନ୍ତେ )

ହେମନ୍ତ ଦିନାନ୍ତେ, ନୀଳନଭଃ-ପ୍ରାନ୍ତେ, ସ୍ୱର୍ଣ୍ଣ ପରାଗ ବୋଳି
ଡୁବିବ ଯେବେ ରବି, ଦୀପ୍ତ ହେମଛବି,ଗାଏ ପକ୍ଷୀ ତାନତୋଳି,
ତେଉ ଖେଳିଯାଏ ସ୍ୱର୍ଣ୍ଣଶସ୍ୟ ଶିରେ ଶୀତଳ ସମୀର ସୁଆଗେ,
ପ୍ରାଣେ ମୋହର କେ ଜାଗେ ତେବେ ଗୋ, ପ୍ରାଣେ ମୋହର କେ ଜାଗେ ।

( ଶିଶିରେ )

ଶିଶିରେ ସୁନ୍ଦର ଫୁଟି ଶତବର୍ଣ୍ଣ ପୂରାଇ ପ୍ରସୂନ ବାସ,
ପର୍ଣ୍ଣ ବିହୀନ ପାଦପ-ଅଙ୍ଗ, ମଳିନ ନଳିନ ହାସ,
ଶୀତ ଶୀର୍ଣ୍ଣ ଶାୟିତ ଶର୍ବର ବକ୍ଷେ ଯେ ନିଶିଭାଗେ,
ପ୍ରାଣେ ମୋହର କେ ଜାଗେ ତେବେ ଗୋ ପ୍ରାଣେ ମୋହର କେ ଜାଗେ ।

## ପୂଜାପଦ୍ଧତି ।

ହରି, ହରି କେହି ଡ଼ାକୁଛି ସତତ
ପ୍ରଭୁ ପ୍ରଭୁ କେହି କହେ
ତୁମ୍ଭ ନାମ ମୁଖେ ନ ନେଇ କେହି ବା
ତୁମ ଲାଗି ଦୁଃଖ ସହେ ।
କାଠ ପାଷାଣରେ ଦେଖେ କେ ମୂରତି
ମାନବରୂପେ ବା କେ କରଇ ପ୍ରୀତି
ଜନନୀ ଭାବରେ କେ କରୁଛି ନତି,
ପିତୃଭାବ କେହି ବହେ ।
ନାନା ପରକାରେ ଭକତ ଅନ୍ତରେ
ତୁମ ରୂପ କେଯାଁଛି ଉଛୁଳେ ପ୍ରେମରେ
ଆଲୋକେ, ଅନ୍ଧାରେ, ଉଷାରେ ନିଶାରେ,
ତୁମ ରୂପଟି ଶୋହେ
ଧାନ, ଦୂବ, ଫୁଲ ଚନ୍ଦନ ତୁଳସୀ,
କେ ସଜାଡେ ତୁମ ପୂଜା ଡ଼ାଲା ବସି,
କେହି କାନ୍ଦେ, କାନ୍ଦେ କେହି ହସି ହସି,
ତୁ କେପଦ ଦେଖିବୁ ବୋଲେ
ଅକାର ବିନ୍ଦୁ କେ ତୁମ ରୂପ ଦେଖେ
ସାରା ସଂସାରେ କେ ତୁମକୁ ନିରେଖେ,
କେବା ତୁମ ରୂପ ହୃଦଘଟେ ଲେଖେ;
କେ ଗା ଶାଳଗ୍ରାମ ବହେ ।

ତୁମ ବାଣୀ କେହୁ ଶୁଣେ ବେଦତରେ,
କେହୁ ଅବା ଶୁଣେ ଅନ୍ୟ କଣ୍ଠସ୍ୱରେ,
କେବା ଶୁଣେ ନିଜ ଅନ୍ତର-ଭିତରେ,
ଯହିଁ ଶୁଭେ ମନ ମୋହେ ।
ତୁମ ଲାଗି କେହୁ କାନ୍ଦେ ନିଶିଦିନ,
ଲୋଚନ-ଯୁଗଳ-ଜ୍ୟୋତି କରେ କ୍ଷୀଣ,
ଆନନ୍ଦ-ସଲିଳେ କାହା ମନୋମୀନ,
ତୁମ ଲାଗି ବୁଡ଼ିରହେ ।
ତୁମ ଲାଗି କେହୁ ଆଚରେ ସନ୍ନ୍ୟାସ,
ଛାଡ଼ି ଦାରା-ପରିବାର-ଗୃହ-ବାସ,
ତୁମ ଧର୍ମ ପୁଣି କେ କରେ ପ୍ରକାଶ,
ଆଚରଣେ ରହି ଗୃହେ ।
ତୁମ ଲାଗି କେହୁ ଦିଏ ଜଳାଞ୍ଜଳି,
ସବୁ ସୁଖେ ତାର ଆତ୍ମା ଦେଇ ବଳି,
ଭ୍ରମି ଦେଶ ଦେଶ ଗିରି ବନାବଳୀ,
ତୁମ ନାମଧର୍ମ କହେ ।
କୃଷ୍ଣ କହି କେହୁ କରେ ଆରାଧନା,
ଖ୍ରୀଷ୍ଟ କହି କେହୁ କରୁଛି ବନ୍ଦନା,
ସବୁତ ଅର୍ଚ୍ଚନା, ସବୁତ ସାଧନା,
ସବୁ ସତ୍ୟ ମିଥ୍ୟା ନୁହେ ।
ତୁମେ ମହାପ୍ରଭୁ ଜାଣିଛ ଅନ୍ତରେ,
ତୁମେ ଚରାଚରେ ମୋ' ଆତ୍ମା ଭିତରେ,
ଲକ୍ଷ୍ୟ ରଖି ମନ ତୁମରି ପଦ୍ମରେ,
ସତ୍ୟପଥେ ଆତ୍ମା ରହେ

## ଦୂର ଗଗନକୁ ଚାହିଁ ।

୧ । ଦୂର ଗଗନକୁ ଚାହିଁ ଭାବିଲେ କେତେ କଥା
ଅନ୍ତରେ ଅନ୍ତରେ ବାଜେ କେତେ ଲୁଚିବ୍ୟଥା,
କରିଅଛି ଅନାଦର
କେତେ, ପଦ ଉଦ୍ଧବର

ତେବେଲେ ଶୁଣିନାହିଁ କେତେ ତବ ପ୍ରିୟବାଣୀ
କରିନାହିଁ ପ୍ରିୟ କାର୍ଯ୍ୟ କେତେ ଜାଣି ଜାଣି ।
ବ୍ୟାକୁଳିତ ହୁଏ ହୃଦ ଥର ଥର ଲାଜେ,
[illegible]-ମୁକ୍ତି-ଦାତ୍ରୀ ଶେଲ ମରମେ କି ବାଜେ,
ନିଃସୃତ ଲୋତକ ବ୍ୟଥା
ଅସମ୍ଭାଳେ ଅଶ୍ରୁପାତ।

ଲୁଚି ଲୁଚି ଘଟେ ଯାତଣା ଅନ୍ତର ଅନ୍ଧାର,
କହିବି କହିବି କଥା ନ ହୁଏ ବାହାର ।

୨ । ଦୂର ଗଗନକୁ ଚାହିଁ କାନ୍ଦାଇ ନୀରବେ,
ସତତ ପ୍ରତିଧ୍ୱନି ତାର ବାଜି ଗଲା ନଭେ,
ଲାଜେ ଲୁଚିଲ ଲୋଚନ
ମଉଳିଲେ ତାରାଗଣ

ଅନ୍ଧକାରେ ଧରାମୁଖ ଦେଲାକି ଆବରି
ଆକୁଳିଲ ନୟନରୁ ଅଶ୍ରୁ-ହିମ ପଡ଼େ ଝରି !

୩ । ଦୂର ଗଗନକୁ ଚାହିଁ ଡାକିଲି ଆକୁଳେ

"ଭାସିଗଲି ଭବାର୍ଣ୍ଣବେ ଲଗାଅ ହେ କୂଳେ
ପତିତପାବନ, ନାଥ
ମୁଁ ପାପୀ ପତିତ ଭୃତ୍ୟ
ବଡ଼ ଅପରାଧୀ ମୁହିଁ, ଚିର ଦୟାମୟ
ତାର ମୋତେ," ପ୍ରତିଧ୍ୱନି ହେଲା ବିଶ୍ୱମୟ ।
ପ୍ରାତଃ ତାରା ନଭେଭଲେ ଚାହିଁଲା ସରଗେ,
ସର ସର ସମୀରଣ କାନ୍ଦିଲା ମରମେ
ପ୍ରାଚେତସୀ କ୍ଷୋଭେ କଲା,
ଆକୁଳେ ପ୍ରାଚୀ ଫାଟିଲା,
ମୋ' ପାପ କଳଙ୍କ ଲାଗି କାନ୍ଦେ ଚରାଚର,
ଶିଶିର ଲୋତକ ନେତ୍ରପୁଟେ ଝରଝର ।
୪ । ଦୂରଗଗନକୁ ଚାହିଁ ନୟନ-ପଲକେ
ଅଚମ୍ଭିତେ ଦେଖେଁ ଦିବ୍ୟ ଆଲୋକ ଝଲକେ
ତମୋଆବରଣ ଛେଦି
ଉଷାର ସିନ୍ଦୂର ଭେଦି
ସହସା ଉଠିଲା ରମ୍ୟ ଅରୁଣ ତରୁଣ,
ସେକି ତବ ସ୍ନିଗ୍ଧ ସ୍ନେହ, କ୍ଷମା ସକରୁଣ ।

## କଟି ଯାଇଅଛି ।

କଟି ଯାଇଅଛି କେତେ ବରଷ
କେତେ, ଯୁଗଯୁଗ ଅନ୍ତର,
ତଥାପି ଦେଖା ମୁଁ ତାହାର
ପାଇନାହିଁ କ୍ଷଣ ମାତର ।
କେଉଁ ଅନ୍ଧକାର ଭେଦ ଆସି ମୁଁ
ଜନ୍ମ ଲଭିଛି ଭବେ
ପ୍ରତ୍ୟୁଷେ ସତତ ଜାଣି ମୁଁ
ଯାଉ ନାହିଁ ତ ଲଭବ ।
ତଥାପି ଅନ୍ତର ଗୋପନ-
ତମ ପ୍ରଦେଶେ ମୋର ।
ଶୁଣିଅଛି ସତେ କାହାର,
ବୀଣା ମଧୁର ସ୍ୱର,
କିଏସେ ତାହାକୁ ଦେଖିବା
ପାଇଁ କାନ୍ଦେ ପରାଣ;
ଦେଖିବ ଦେଖିବ, କହିତ
ହେଲା ଦିନାବସାନ,
ଆସି ପହଞ୍ଚିଛି ଏବେ ମୁଁ
ମୃତ୍ୟୁ ନଦୀର ତଟେ
ଶତ-ଦୀପିକା ଦେଖେ ମୁଁ
ଜ୍ୱିତ ନୟନ ପଟେ ।

ତଥାପି ଅନ୍ଧାର ଭେଦି ସେ
　　　　ଦୂର ଗଗନେ ପର
ଜ୍ୱଳୁଛି ଜ୍ୟୋତ୍ସ୍ନା ଯେତେ କି
　　　　ଦୂର ସ୍ୱରଗ ତର ।
ସେନ୍ହ ହେବ ପରା ମୋହର
　　　　ଆଶା ପ୍ରେମ ଆଲୋକ
ତାଙ୍କୁ ଚାହିଁ ଯିବ ସେପାଟର
　　　　ନ ପଡୁଣୁ ପଲକ;
ଅନାଇଣ ବସ ଥିବେ କି
　　　　ମୋର ପ୍ରିୟ ସହୃଦେ,
କନାଇ ବିକଳେ ତାହାଙ୍କ
　　　　ରଖ ମଦାବ ମୁଦେ ।
ସେତ ନ ପାରିବେ ଜାଣି ସୋ
　　　　କେଉଁଣେ ଗଲି ହଠାତ,
ମୋର କାନ୍ଦୁ ଭବ ସେ ପାରେ
　　　　ହେବ ନବ ପ୍ରଭାତ ।

# ଅବସାଦେ ।

ଆଜ ଅନ୍ଧାର ନଈର ଅନ୍ଧାର ଭେଦ
ଜ୍ୱଳୁଛି ତାରକା ଜ୍ୟୋତିଃ
ଦୂରେ ବହୁଦୂରେ ଥାଇ ପରଶଇ
ପ୍ରାଣେ ସେ ଅପୂର୍ବ ଜ୍ୟୋତି
ଆଜ ଛିନ୍ନ ହୃଦୟ ତନ୍ତ୍ରୀ ତାନରେ,
ବିକଳ ରାଗିଣୀ ଯୋଗେ,
କେ ଗାଏ ସଙ୍ଗୀତ ଶୁଣିଛୁ ଆବେଗେ
ଚିତ୍ତ ଅବସାଦ ବେଗେ,
ସାରା ଜୀବନର ବେଦନା ରାଶି
ସାରା ଜୀବନର ପ୍ରୀତି
ନିମିଷେକେ ସବୁ ହୋଇଅଛି ଲୀନ
ଶୂନ୍ୟ ବିଶାଳ ସ୍ଥିତି,
ମୃତ୍ୟୁ ନଦୀ-ବକ୍ଷେ ପଦ୍ମଙ୍କ ଦେଖେନ୍ତି
ଚଉଦିଗ ଅନ୍ଧକାର
ସେ ଅନ୍ଧାର ଭେଦି ବିମଳ ସ୍ନେହରେ
ଭାତେ ମୁଖଦୀପ୍ତି କାର ।
ସ୍ୱପନରେ ଯାରା ଦେଖିଥିଲି ତାଙ୍କୁ
ଚିହ୍ନି ନ ପାରୁଇ ଆଜ,
ପୂର୍ବ ଜୀବନର ଶୃତ କର୍ମ ଯେ
ପ୍ରତେ ହୁଏ ଛାୟା ବାଜ ।

ସବୁ ଗଲା କାହିଁ ଶୂନ୍ୟରେ ଉଭେଇ;
ଏତେ ପ୍ରେମ ଏତେ ବ୍ୟଥା,
କେବଳ ସେ ମୁଖ ଉଜ୍ଜ୍ୱଳ ମୟୂଖ
ଭ୍ରମେ ଗୃହେ ଯଥା ତଥା,
କେହି ନୁହେ କାର ସଂସାରେ କାହାକୁ
କେହି ଚିହ୍ନି ପାରେ ନାହିଁ
ଏକା ସେ ଈଶ୍ୱର ଏ ଆତ୍ମା ବାନ୍ଧବ
ଚିହ୍ନନ୍ତି ଆତ୍ମାଙ୍କୁ ଭାଇ ।

## ସେତ ଗଲା କାହିଁ ।

ସେତ ଗଲା କାହିଁ ଗୃହ ଗୋ ତାକୁ ଝୁରୁଛୁ ବସି,
ନ ଦେଖୁଣୁ ନେମେ-ପଲକ ସେତ ଗଲାଟି ଖସି ।
ରହ ରହ ବୋଲି କହି ମୁଁ ନ ପାରିଲି ହଠାତ,
କାହିଁ ଗଲାଗଲା ସେ କେଉଁ ଦୂରଦେଶେ ଅଜ୍ଞାତ ।
ସ୍ୱରଗର ଶତବାହିନୀ ତାଙ୍କୁ ଭେଟିବେ ପରା,
ମୁଁ ତ କାନ୍ଦ ଗଡ଼ୁ ଭୁଇଁରେ ନୀରେ ତିନ୍ତାଇ ଧରା ।
କିଏ ସେ ଥିଲା ସେ ମୋହର କେଉଁ ସ୍ୱରଗ-ତାରା,
କାହୁଁ ଝରି ପଡ଼ିଥିଲା ଗୋ, ପ୍ରେମ-ଜାହ୍ନବୀ ଧାରା ।
କହି ନପାରଇ କଥାରେ ଧୈର୍ଯ୍ୟ ଯାଉଛି ତୁଟି,
ଆହା ଏତେକ୍ଷଣେ କହି ସେ ଉଠିଲଣିକି ଫୁଟି ।

ଫୁଟିଲୁଣି ସତେ କୁସୁମ ସମ କେଉଁ କାନନେ,
ବସି ବସି ତାକୁ ଝୁରୁଛୁ ଏକା ଯିନା ବିଜନେ ।
କେଉଁ ହେମଭରା ଆକାଶ ମୃଦୁ ଉଜ୍ଜ୍ୱଳ ଇନ୍ଦୁ,
କ୍ଷଣକ ସକାଶେ ମୋ ନେତ୍ରେ ଢାଳି ଅମିୟ ବିନ୍ଦୁ,
ଭୁଜଦଣ୍ଡ ପାଇଁ ଅସି ସେ ହୋଇଥିଲା ଉଦୟ,
ଅନ୍ଧାରେ ଡୁବାଇ ମୋତେ ସେ କଲା ଏବେ ଅଥୟ ।
ହୃଦ୍‌ଧନ ପାଇଁ ସତେ କି ବଜାଇଣ ମୁରଲୀ
କର୍ଣ୍ଣେ ଢାଳି ସୁଧା ଅପୂର୍ବ ଚାଲିଗଲା ସେ ଛଳି ।
ସମ୍ମୁଖେ ତାହାକୁ ଦେଖି ମୁଁ ନପାରିଲି ଅହା ଗୋ
ଶୋକ କର ଏବେ ବୁଲୁଛି କହି "ଅହା" "ଆହାଗୋ ।"

## କିଏ ସେ ସେ ଥିଲା ।

କିଏ ସେ, ସେ ଥିଲା, କାହିଁ ରହୁଥିଲା
ଜାଣିନାହିଁ କିଛି ଲେବେ,
ସହସା ଉଜ୍ଜ୍ୱଳ ତାରା ହୃଦ ଆକାଶେ
ଉଦୟ ହେଲୁକି ଭବେ ।
ଇନ୍ଦୁ ଯିନା ଲୁଚେ ଚକିତ ସକାଶ,
ଚିରଦିନ ସେତ ଲୁଗିଲା ଆସ୍ୟ,
ଲିଭିଗଲା ତାର ସୁମଧୁର ହାସ୍ୟ,
ମୋର ଶତ ଶତ ଦୀର୍ଘଶ୍ୱାସ;
ଶୁଣି ନଶୁଣିଲା କାହିଁ ଚାଲିଗଲା,
କାନ୍ଦିଲି ମୁଁ ବର୍ଷ ମାସ ।

## ସେତ ଗଲା ଚାଲି ।

ସେତ ଗଲା ଚାଲି, ସେତ ଗଲା ଚାଲି,
ଆଉ ନ ଆସିବ ଫେରି,
ତଥାପି ତାହାର ସ୍ୱର ଶୁଣିବାକୁ ।
ରହିଛି ମୁଁ କାନ ଡେରି ।
ସେତ ଗଲା ଚାଲି, ସେତ ଗଲା ଚାଲି,
ଆଉ ନ ପାଇବ ଦେଖା,
ତଥାପି ତାହାର ପଥ ଅନୁସରି
ଖୋଜି ବୁଲେ ପଦ—ରେଖା ।
ସେତ ଗଲା ଚାଲି, ସେତ ଗଲା ଚାଲି
ଆଉ ନ ଆସିବ କେବେ,
ତଥାପି ତାହାର ଅପେକ୍ଷା କରି ମୁଁ
ପଥ ଚାହିଁ ଅଛି ଏବେ ।
ସେତ ଗଲା ଚାଲି ସେତ ଗଲା ଚାଲି
ବୃଥାରେ କହନ୍ତି ସବୁ,
ସେତ ଚଳେଲ ଦୂରେ ନାହିଁ ମୋହଠାରୁ
ଜାଣିଛି ମୁଁ ଅନୁଭବୁଁ ।
ଏବେ ସେ ନିକଟ ହୋଇଅଛି ମୋର
ନେତ୍ରଣୁ ଦେଖି ପାରୁ ନାହିଁ,
ଆଖି ଦେଖେ ସବୁ ତଥାପି ନିଜର
ତାହାକୁ ନପାରେ ଚାହିଁ ।

# ସେ କି ବୁଝେ ।

ସେ କି ବୁଝେ ମୋର ଅନ୍ତର ବେଦନା,
ସେ କି ବୁଝେ ମୋର ବ୍ୟଥା,
ସେ କି ବୁଝେ ମୋର ତପ୍ତ ଅଶ୍ରୁଧାର,
ସେ କି ବୁଝେ ମୋର କଥା,
ସେ କି ବୁଝେ ମୋର ଦୀର୍ଘ ହତାଶ୍ୱାସ,
ସେ କି ବୁଝେ ମୋର ଚାଉ,
କାହିଁ ସେ, କାହିଁ ସେ, କେଉଁ ଦୂରଦେଶେ,
କାହିଁ ମୋର ପ୍ରାଣମିତ ?
ତାକୁ ଖୋଜି ବୁଲେ ରଜନୀଦିବସ,
ତାକୁ ଖୋଜି ବୁଲେ ନିତ,
ତାକୁ ଖୋଜି ବୁଲେ ଅନ୍ତରେ ବାହାରେ
କେବେ ସେ ନଆସେ କିତ ।
ସେ କି ଭବେ କ୍ଷୁଦ୍ର ଅନ୍ତରେ ମୋହର,
ନାହିଁ ଅନୁଭବଶକ୍ତି,
ଏ କଠିନ ମାଂସ-ଆବରଣ ମଧ୍ୟେ,
ନାହିଁ ପ୍ରେମ, ନାହିଁ ଭକ୍ତି ।
ସେ କି ବୁଝେ ନୈଶ ଆକାଶ-ଉରସେ
ଦୀପ୍ତ-ତାରାଦଳ ହାସେ,
ଦେଖେ ମୁଁ ତାହାର ପ୍ରେମମୟ ରୂପ,
ଅନ୍ତରଚକ୍ଷେ ସତେ ହାସେ ।

ପବନେ, ଗହନେ, ହୃଦୟ-କନ୍ଦରେ
ସେତ ମୋର ବିରାଜିତ,
ନୟନର ପ୍ରତି ନିମିଷେ ଦେଖେ ମୁଁ
ମୋ ନିକଟେ ଉପସ୍ଥିତ ।
ଏତେ ପ୍ରେମ କରି କହ କି କାରଣେ,
ତାକୁ ପାଇ ପାରେ ନାହିଁ,
ବରଷ ବରଷ ଗଲା ବହି ମୋର,
ତା' ସ୍ୱରୂପ ମନେ ଧରି ।

୨

## ଫୁଲ ପ୍ରତି ।

କାହିଁ ଭିତର ଦୂର ବନେ ଫୁଟିଅଛୁ ଫୁଲ
ରୂପ ନ ଦେଖାଇ ଗନ୍ଧେ କରୁଛୁ ଆକୁଳ ।

ଦେଖିବ ବୋଲି ମୁଁ ତୋତେ ଖୋଜି ଖୋଜି ବୁଲେ,
କେଉଁ ଘନ ଅନ୍ତରାଳେ ନ ଦେଖେଇ ଠୁଳ ।

ମାଂସ ଆବରଣ ମଧ୍ୟେ ମୋ ହୃଦୟ ଫୁଲ,
ଫୁଟି ଗନ୍ଧେ ଜନମନ କରୁ ସ୍ୱସ ଆକୁଳ ।

# କିଏ ସେ ।

କିଏ ସେ ସେ ମୋର ଅନ୍ତର-ଅତିଥି,
କିଏସେ ସେ ମୋର ଦେବତା,
କିଏସେ ସେ ମୋର ନୟନର ଜ୍ୟୋତି,
ପ୍ରେମମୟୀ ନବ-ସବିତା ।
କିଏସେ ସେ ମୋର ଦୁଃଖରେ ସୁଖରେ,
ନୟନର ତପ୍ତ-ସଲିଳେ,
କିଏସେ ସେ ମୋର ରଜତାଭ ଚନ୍ଦ୍ରେ,
ମେଘ-ମନ୍ଦ୍ରେ ନଭେ, ଅନିଳେ ।
କିଏସେ ସେ ମୋର ଫୁଲ ମଧୁବାସେ,
ମଧୁମାସ ନବ ଉଷାରେ,
କିଏସେ ସେ ମୋର ଚପଳା-ଚମକେ,
ଶରତ-ଜଳଦ-କଣ୍ଠରେ ।
କିଏସେ ସେ ମୋର ଶୟନେ, ସ୍ୱପନେ,
ମୋର ନିତ୍ୟ ଜାଗରଣରେ,
କିଏସେ ସେ ମୋର ଜୀବନେ, ମରଣେ,
ଜାଣେ କି ମୁଁ ଅକାରଣରେ ।

# ମିଛେ ।

ଏତେ ପାଖେ ପାଖେ ରହୁଛି ଯେ ମୋର
ତାକୁ ଦେଖିନାହିଁ କାହିଁକି ?
ବେଢ଼ି ବସିଅଛି ମୋତେ ସେ ଯେନଣ
ବସେ ତାହା ପଥ ଚହିଁକି ?
ନିତ୍ୟ ଆଲିଙ୍ଗନେ ଧରିଛି ଯେ ମୋତେ
ଖୋଜି ବୁଲେ ମୁହିଁ ତାହାକୁ,
ଅନ୍ତରେ ମୋହର ରହିଛି ଜାଗ୍ରତ,
ତଥାପି ଖୋଜେ ମୁଁ ତାହାକୁ,
ସବୁ ସୁଖ ମୋର ଠୁଳ ତାହାଠାରେ,
ତଥାପି ଖୋଜେ ମୁଁ ସୁଖକୁ ।
ସବୁ ଶାନ୍ତି ମୋର ତାହାର ପାଦରେ,
ତଥାପି ଯାଏ ମୁଁ ଦୂରକୁ,
ହାତେ ଯେସନ ମୁହିଁ ଦରପଣ, ଅନ୍ଧ
ପରଏ ନ ଦେଖେ ଆନନ,
ପବନ ସ୍ୱରୂପ ଦେଖିବାକୁ ଚାହିଁ
ନିଃଶ୍ୱାସେ ଯେନ୍ନଣ ପବନ ।
ହେ ଯେନ ବୀଣା ବଜାଇ ନପାରି
ଛିନ୍ନ ତାର ବୋଲି କହେକି ?
ହାତେ ଅତପନ ଯେନ୍ନଣ ତଥାପି
ଅତପ ଦୁଃଖକୁ ସହେକି !

ନଦୀତଟରେ ନାହ୍ନା ଧୋଇ ମୁଁ ତଥାପି
ସନ୍ତରଣେ ମନ ବଳାଏ,
ନିଜର ଛାୟାକୁ ଡର ଡର ସତେ
ନିଜଠାରୁ ନିଜେ ପଳାଏ ।
ଅମୃତ-ଭୋଜନରେ ବସି ଉପବାସୀ,
ଭାଗ୍ୟକୁ ନିନ୍ଦୁଛି ଦୁଃଖରେ ।
ମିଛେ ମିଛେ ମୋର ସକଳ କାନ୍ଦଣା
ସହୁଛି ଦୁଃଖକୁ ଇଚ୍ଛାରେ ।

## "ହେ ପ୍ରଭୁ !"

ହେ ପ୍ରଭୁ !
ସବୁ ସୁଖ ମୋର ଯାଇଛି ସରି,
ଜୀବନେ ଆଜି ମୁଁ ରହିଛି ମରି,
ଅବଶ ପରାଣେ ଆଶାମାନ ଧରି,
ହରାଇଛି ଆଜ ସବୁ ।

ହେ ପ୍ରଭୁ !
କାହିଁ ଅନ୍ଧକାରେ ବସି ରହିଛ,
ଆକୁଳେ ବ୍ୟାକୁଳେ ବାଟ ଚାହିଁଛି,
ସନ୍ଧାନ ପାଉଛି ନାହିଁ ଆଜ କିଛି
ହରାଇଛି ମୋର ସବୁ

କେବେ କେଉଁ ଧନ ନାହିଁ ତା ସ୍ମରଣ,
ଶୁଣୁଥିଲି ତବ ଭୂରତ-ଚରଣ
ବୀଣା କ୍ୱଣା ଧ୍ୱନି ତୋଷିଣ ଶ୍ରବଣ,
ବାଜଥିଲା ମରମରେ,
ଆନନ୍ଦ-ବଦନେ ରହିଲି ମଉନେ
ବିଜଡ଼ିତ ସରମରେ ।
ତୁମର ଅତୁଲ୍ୟ ଆକାଶ, ପବନ,
ଚନ୍ଦ୍ର ତାରାବଳୀ ଉଜ୍ଜ୍ୱଳ ତପନ,
ଫୁଲଙ୍କ ପରାଣ, ତୋଷି ଅପଘନ,
ବିକାଶିଲା ନେଇ ବେନି ।
ବରଣ ତାଲୁଟି ସଜାଡିଲି ତେଣୁ
ଅଶ୍ରୁ-ମୁକ୍ତା-ହାର ଦେଇ ।
ଅବା ଫୁଲମାଳା ଗୁନ୍ଥିଲି ହରଷେ,
ପିନ୍ଧାଇଲି କର ଆଦର ପରଶେ,
ଗଲଣି ସେ ଧନ ଏବେ ଭଲ ବସେ,
ବୁଝେ ନାହିଁ, ବୁଝେ ନାହିଁ,
ତୁମ ଶକ୍ତି କହି ଜଣା ମୋ ପରାଣେ
ହୋଇଅଛୁ କାହିଁ ପାଇଁ ।
କାହିଁ ସେହି ଶକ୍ତି, ସେ ପ୍ରେମସ୍ପନ୍ଦନ,
ହୃଦ ପ୍ରତି ତାରେ ଯା' ମୃଦୁ କମ୍ପନ,
ଅନୁଭବିଥିଲି ଏବେ ଶୂନ୍ୟମନ
ଅକୁଳିତ ଅବସାଦେ
ତୁମଙ୍କୁ ହିରାଇ ବାହବଣା ହୋ'ଇ
ଧନ କାଟେ ପରମାଦେ ।

ମୋ' ନେଜ କାହିଁରେ ଅବରୁଦ୍ଧ ସଖା,
ଦେଖା ପାଇବାର ଅଶାରେ ମୁଁ ଥକା,
( ହାସ ଦେବ ବୋଲି ଦେଉଛ କରକା, )
ତୁମ୍ଭଙ୍କୁ ଗୃହେଁ ମୁଁ ପ୍ରଭୁ,
ଆପଣାକୁ ଛାଡ଼ ଯାହା ମୁଁ ମାଗିଲି,
ଦେଇ ସାରଲଣି ସବୁ ।

ଏକି ପ୍ରଭୁ ତବ ପ୍ରେମ ବ୍ୟବହାର,
ଅଥବା ମୋ' ପ୍ରେମ କରୁଛ ବିଚାର,
କି ଭୟ ମୋହର, କର ଯାହା ପାର,
ମୁଁ ତୁମ୍ଭର ପ୍ରତିଆଶୀ,
ତୁମ୍ଭେ ମୋତେ ଦୟା କରିବ ଜାଣେ ମୁଁ,
ମୋ' ଦୁଃଖବିଷାଦ ନାଶି ।

## ବିରହେ ।

ଆଜ ଅଭାଗିନ କାହାର ବିରହେ
ବୁହାଏ ନୟନୁ ନୀର,
ଅକୁଳ ଏ ପ୍ରାଣ ଅକୁଳ ଏ ଚିତ୍ତ
ଅକୁଳ ଏ ଚରାଚର ।
ଅଜଡ ଭ୍ରମର ନ ଅସେ ଗୋପନେ
କୁସୁମିତ କୁଞ୍ଜବନେ,

ଅଳସ କୋକିଳ          ନ ଢାଳିଲ ସଙ୍ଗୀତ
ନବ ବସନ୍ତର କାନେ ।
କଳ କଳ ନାଦେ          ବହୁଯାଏ ନଈ,
ନଈ ଗାଏ ଦୁଃଖ ଗାଥା ।

ଲହରୀ, ଲହରୀ,          ଧାଏ କି ଉଦ୍‌ଭ୍ରାନ୍ତ,
ହୃଦୟନିହିତ ବ୍ୟଥା ।
ଉଠେ ଫେନରାଶି          ଉଦ୍ଦାମ, ଚଞ୍ଚଳ,
ଭାସିଯାଏ ସ୍ରୋତବକ୍ଷେ,
ରବିକର ରଶ୍ମି          ନଚାଏ ତରଙ୍ଗ,
ବିହଙ୍ଗମ ଅନ୍ତରୀକ୍ଷେ,—
ଉଡ଼ିଯାଏ ଗାଇ          କି କରୁଣ ଗୀତି—
ଫୋଟେ ପ୍ରାଣେ ଅବସାଦ,
ସ୍ୱତଃ ଏ ନୟନେ          ଜଳ ଛଳଛଳ,
ସ୍ୱତଃ ଯେ ଦହୁଛି ହୃଦ
ଆଜି ତ ନହସେ          ସୁଧା-ଶଶଧର,
ଶାରଦ ଗଗନ ଶୋଭି,
କାନ୍ଦୁଛି କି ଶଶୀ          ଘୁମ-ଘରଧାରେ,
ମଳିନ କି ତାମ୍ରସ୍ତମ୍ଭ ।
ଗମ୍ଭୀର ନିଶୀଥ          କାନ୍ଦେ କି ଗୋପନେ,
ଶବ୍ଦହୀନ ତାନ ଧରି,
ଜେଗୁଅଛି ମୋର          ମରମେ ମରମେ
ସେ ବ୍ୟଥା ହୁରୁକାଇ ।

ମଳୟ-ହିଲ୍ଲୋଳ     ଲଗରେ ଶୀତଳ
ଏ ଅନଳତପ୍ତ ଚିତ୍ତ
କୁହୁଅଛ ବସି     କାନ୍ଦୁଛି ଗୋପନେ
କ୍ଷୁଣ୍ଣଚିତ୍ତ ଅବିରତ ।
ଫୁଲ ପରିମଳ     ଢାଳୁଁକି ଗରଳ
ତହିଁ ସଙ୍ଗେ ହଳାହଳ,
ଶାରଦୀୟା ଶୋଭା     ଧରଣୀର; ରବି—
କର-ଦୀପ୍ତ ନଭସ୍ତଳ ।
ଏ ଭଗ୍ନ ସଂସାରେ     ନାହିଁ ମୋର ପାଇଁ
ଚିତ୍ତଶାନ୍ତି ମହୌଷଧ,
କଣ୍ଠ ହାହାକାରେ     ବନ୍ଦୁଯାଏ ଧ୍ୱନି
କଣ୍ଠ ରୁଦ୍ଧ ରିଦ୍ଧପଥ ।
ଭାଙ୍ଗି ଯାଇଅଛି     ମନୋବୀଣା ମୋର
ଆଉ ନ ଧରିବ ତାନ,
ଆଉ ନ ଗାଇବ     କୋକିଳ ପଞ୍ଚମେ
ଚିତ୍ତ ମୋହ ଗୀତମାନ ।
ଆଜି ସବୁ ସ୍ନେହ,     ପ୍ରାଣଭରା ପ୍ରୀତି
ଲଭିଅଛି ଅବସାନ,
ତାହାର ବଦଳେ     ମରି ଜଳି ଜଳି
ସରି ଗଲାଣି ମୋ ପ୍ରାଣ ।
ସଂସାରର ଯେତ     କର୍ତ୍ତବ୍ୟ ମୋହର
ନାହିଁ ଯୁକ୍ତି, ନାହିଁ ଶ୍ରଦ୍ଧା,
ହୃଦୟର ବସି     ଲିଭିଛି ଅଙ୍କୁର,
କେବଳ ଅନନ୍ତ ତୃଷ୍ଣା,

ଅନନ୍ତ-ପିପାସା— ଶୁଷ୍କ କଣ୍ଠ ତାଲୁ,
ବିକଳ ମରମ ମୋର,
କାନ୍ଦିଲେ କି ହେବ ? ଅନନ୍ତ ଏ ଦୁଃଖ,
ଅନନ୍ତ ଏ ତମଃ ଘୋର ।
ଅବସାଦଶୁଷ୍କ ହୃଦ-କୁଞ୍ଜବନେ
ନ ଫୁଟଇ ଆଶା-ଫୁଲ
କାହିଁ ସେ, କାହିଁ ସେ, କେଉଁ ଦୂର ଦେଶେ,
କହ କପାଁ ମୁଁ ଆକୁଳ ।
ସେ କି ଜାଣେ ମୋର ପରାଣର ବ୍ୟଥା
ଗୋପନ ଲୋତକ ଧାର,
ସେ କି ଜାଣେ ମୋର ମରମ-ବେଦନା,
କି ଭୀଷଣ ଦୁର୍ନିବାର ।
ସେ କି ଜାଣେ ତାର ବିରହ ଅନଳେ
ପୋଡ଼ୁଛି ଏ ହୃଦବନ,
କାହିଁ ଶାନ୍ତ କହ, କାହିଁ ଶାନ୍ତ ମୋର,
କାହିଁ ମୋ'ର ଶାନ୍ତି-ଧନ ।
ଶ୍ରେୟ ମଣେ ମୁଁ ତ ନରକ-ନିବାସ;
ନ ଚାହେଁ ମୁଁ ମଣି, ହେମ,
ଚାହେଁ ତାକୁ, ଯାର ଲାଗି ଏତେ ଦୁଃଖ,
ଯାର ଲାଗି ଏତେ ପ୍ରେମ;
କି ପ୍ରେମ-ମନ୍ତ୍ରର ପଢ଼ାଇଛ ମୋତେ
କଇଅଛି ଜନ୍ମ'ଧର,
ଖୋଜି ବୁଲେ ମୋର କାହିଁ ମନଚୋର,
ଖୋଜି ବୁଲେ ଅଭାଗିନୀ ।

ତଉଦ ଲୁଚନ        ଦେଖେ ତ ତା'ରୂପ
ନାହିଁ କିପାଁ ହୃଦକୋଣେ ?
ଆସିବ କି ମୋର        ଅନ୍ତର ଆରାଧ୍ୟ
ପ୍ରେମ ବଳ ଆକର୍ଷଣେ ?
ବଚନେ ମୋହର        ନାହିଁ ସରସତା
ପଠନେ ନ ହରେ ତୃଷା,
ଶୟନେ ସ୍ୱପନେ        କାନ୍ଦେ ମୁଁ ଉନ୍ମନେ,
ସତେ କି ପୂରିବ ଆଶା ।
ପ୍ରାର୍ଥନାର ଶତ        ଆକୁଳ କ୍ରନ୍ଦନେ
ଚିତ୍ତ ମୋର ଥମିଲାଣି,
ଶୁଣି ନ ଶୁଣେ ସେ        ପ୍ରାଣର ଦେବତା
ହୃଦ ମୋର ଦମିଲାଣି ।

ଅଶ୍ରୁର ଅଘାତ        ଏ ଦୁଃଖ ମୋହର
ପାଗଳାମୀ ମୁହିଁ କିବା,
କହିଲେ କାହାକୁ        ହରେ ଯଦ୍ଧ ଦୁଃଖ
କହନ୍ତି ଯାମିନୀ, ଦିବା ।

ସହ-ଅନୁଭୂତି        କିଏ ଦେବ ମୋତେ
ବିନା ଅନୁଭବେ କହ ?
ଯେ ନ ଜାଣେ ତାକୁ,        କି ବୁଝିବ ତାର
ବିରହ କି ଦୁରବହ ?
ମୋହର ଅନ୍ତରେ        ଶୁଣୁଛି ତା' ସ୍ୱର,
ତା' ରୂପେ ହୋଇଛି ଭୋର,

ଅରୂପ ରୂପ ତା'  ବିଶ୍ୱ ବିମୋହନ
ଦେଖି ସତେ ଦେଖି ନାହିଁ ।
ଏ ମର ନୟନେ  ଦେଖି ନାହିଁ ସିନା
ଅନୁଭବେ ମର୍ମେ ମର୍ମେ ।
ସେ ଅନନ୍ତ ରୂପ,  ଅନନ୍ତ ମାଧୁର୍ଯ୍ୟ
ପୂରିତ କି ପ୍ରେମ-ଧର୍ମେ ।
ଶୁଣିଛି ଗୋପନେ  ହୃଦ-କୁଞ୍ଜବନେ
ତାହାର ଲଳିତ ଭାଷା,
ଶୁଣି ମୋ' ପରାଣ  ହୋଇଛି ଅକୁଳ
ଜମି ସେ ହୋଇଛି କଣା ।
ପତ୍ରରେ ପତ୍ରରେ  ଲେଖା ତ ତା ରୂପ,
କାହିଁ ଏ ହୃଦୟ ଶୂନ୍ୟ ?
ବିଶ୍ୱ ରନ୍ଧ୍ରେ, ରନ୍ଧ୍ରେ,  ଶୁଣେତ ତା, ବାଣୀ
କାହିଁ ଏ ଅନ୍ତର ଶୂନ୍ୟ ?
ଯେତେ ସୁଖେ ଗୁନ୍ଥେ  ଭୁଲାଇବି ମନ,
ତେତେ ମନ ଭୁଲେ ନାହିଁ,
ଯେତେ ଗୁନ୍ଥେ କର୍ମେ  ନିବେଶିବି ମନ
ତେତେ ମନ ହୁଏ ବାଇ ।
ଶତ ଉତ୍କଣ୍ଠାରେ  ଫାଟି ପଡ଼ିତ ହୃଦ,
ଶତଧାର ହତାଶ୍ୱାସେ,
"ହେ ହୃଦୟସଖା !  ଦିଅ ହୃଦେ ଦେଖା
ବାନ୍ଧିବି ମୁଁ ପ୍ରେମ-ପାଶେ ।
"ପାଇବି ବୋଲି ମୁଁ  ତୁମ୍ଭଙ୍କୁ ପ୍ରାଣେଶ
ଅଛି ଅଛି ଶୂନ୍ୟ ବେଶେ,

"କରିଅଛୁ ଶୂନ୍ୟ  ହୃଦୟ-ନିଳୟ
ତାଙ୍କ କି ମରିବ ଶୋଷେ ।
"ହେ ଦୟାମୟ,  ତ୍ରିଭୁବନ-ଦେବ,
ପୂର୍ଣ୍ଣ-ପ୍ରେମ-ପାରାବାର,
"ଏତେ ବ୍ୟଥା କିପାଁ  ଦିଅ ହେ ଦୟିତ,
ପୋଛୁ ଦିଅ ଅଶ୍ରୁଧାର ।
"ଆଜ ମୁଁ ଚରଣେ  କରିଅଛୁ ପଣ
ନ ଯିବି ଏଥୁଁ ମୁଁ ଫେରି
"ରହୁ ଆଉ ମୋତେ  ବିପଦ ଜଞ୍ଜାଳ,
ଦୁଃଖ, ଶୋକ, ଚିନ୍ତା ଘେରି
"ଆକୁଳେ ମୋହର  ଆସୁନାହିଁ କଥା,
କହିବି କି ହୃଦ ଫେଡ଼ି,
"ତୁମ୍ଭର ଚରଣ  ଧରି ପଡ଼ିଥିବି,
ଆଉ ମୋତେ ଦୁଃଖ ଦେଡ଼ି ।
"ଶୁଣେ ନାହିଁ ତବ  ଆଶୀଷ-ଆସାର
କେତେ ବରଷିଛ ଶିରେ;
"ଡୁବିବାକୁ ଶୁଣେ  ମାନସ-ମରାଳ
ତବ ପ୍ରେମ-ସରସୀରେ ।
"ହେ ଦେବ କରୁଣ,  ଅନନ୍ତ ସୁନ୍ଦର,
ପୂର୍ଣ୍ଣ କରହିଁ ସବୁ ଆଶା,
"ନାହିଁ ଶକ୍ତି ମୋର  କ୍ଷୁଦ୍ର ଲେଖନୀରେ,
ବର୍ଣ୍ଣିବାକୁ ନାହିଁ ଭାଷା ।
"ମୋ ହୃଦୟ-ଶୁଷ୍କ  ଶୁଦ୍ଧ ପ୍ରାର୍ଥନାରେ
ହେଉ ତବ ଅଧିଷ୍ଠାନ,

"ହେ ପରମତମ,                    ହର ହୃଦ-ତମଃ,
ପ୍ରେମାନନ୍ଦ-ଜ୍ୟୋତିଃ ଦାନେ ।
ପ୍ରଭୁ ! ତୁମ୍ଭର ବିରହେ                 ବିଷ୍ଟବ୍ଧ ଏବେ
ଅବସାଦ ମହାଶ୍ରାନ୍ତି,
"ଯାହା କଲେ ତହିଁ                  ଘଟଇ ପ୍ରମାଦ
ଶତ ଶତ ଭୁଲଭ୍ରାନ୍ତି ।
"କେତେ ଇଚ୍ଛା ମୋର                 ଟୋଳି ହୁ ସକଳେ
ଲଭେ କରପାରେ ନାହିଁ,
"କେତେ ଇଚ୍ଛା ମୋର                 ଜୀବନେ, ମରଣେ
ତୁମ୍ଭଙ୍କୁ ଥିବ ମୁଁ ପାଇ ।
"ଦିବସ, ଯାମିନୀ                    ଡାକି ଡାକି ପ୍ରଭୁ,
ଅକାଇଲାଣି ହୃଦ ମୋର,
"ଆସହେ ବନ୍ଧନେ,                  ଆଯ ଏ ଜୀବନେ
ଆସହେ ହୃଦୟେଶ୍ୱର ।
"ତବ ସୌନ୍ଦର୍ଯ୍ୟରେ                   ତବମାଧୁର୍ଯ୍ୟରେ
ମଧୁର, ସୁନ୍ଦର କର,
"ତବ ପ୍ରେମାର୍ଣ୍ଣବେ                   ବୁଡାଅ ହେ ନିତି
ମୋ' ଚିତ କଳୁଷ ହର ।
"ହୃଦୟର ଶତ                       ଅବର୍ଜ୍ଜନା ହର
ପ୍ରେମେ ତବ ଦିଅ ମାଜ ।
"ତବ ପ୍ରେମ- ଫୁଲ-               ଫଳେ ଏ ହୃଦୟ—
ଭୁବନ ଦିଅ ହେ ସାଜ ।

"ଏ ମନୋମନ୍ଦିରେ ପ୍ରେମର ମନ୍ଦିର
ବଜାଇ କରହେ ବାଇ,
"ତେବେ ପ୍ରେମ ସୁଧା— ପାନେ ମୋର ଚିତ୍ତ
ହେଉ ଆଜି ପ୍ରାଣସାଇଁ ।
"ପ୍ରେମ କର୍ତ୍ତବ୍ୟର ମିଳନ ମଧୁର
ଆଣ ଏ ହୃଦୟ-ସାୟୁଜ୍ୟ;
"ଉଚ୍ଛୁଳୁ ହେ ସୁଧା ଅନ୍ତରେ ମୋହର
ପ୍ରତି ଶିରେ ପ୍ରତି କାର୍ଯ୍ୟେ ।
"ଆସୁ ଏ ଅନ୍ତରେ ସ୍ୱରଗର ରାଜ୍ୟ
ଅନନ୍ତ ସୁଷମା ମୟ,
"ସାନ୍ତ ମୁଁ ମାନବ, ଅନନ୍ତ ସୌନ୍ଦର୍ଯ୍ୟେ
ଆତ୍ମା ହେଉ ଜ୍ୟୋତିର୍ମ୍ମୟ ।
"ଅନନ୍ତ-ଜୀବନ- ଫଳ-ପ୍ରସୂନରେ
ସୁଶୋଭିତ ସୁରଭିତ
"ହୃଦୟ-କାନନ କରହେ ବର୍ଦ୍ଧନ
ତବ ଯୋଗ୍ୟ ପ୍ରାଣମିତ ।
"ସେ କୁସୁମ-କୁଞ୍ଜ- କାନନେ ବିଜନେ
ପ୍ରେମ-ଲତା-ଦୋଳା-ସନେ,
"ତବ ପ୍ରେମ ଲୀଳା— ଲଳିତେ, କରୁଣେ
ପ୍ରକାଶ ହେଉ କ୍ଷଣେ କ୍ଷଣେ ।
"ଉଜ୍ଜ୍ୱଳେ, ମଧୁରେ, ରୁଦ୍ରରେ, ବନ୍ଧୁରେ,
ହେଉ ଶୁଭ ସମ୍ମିଳନ,

"କରୁଣେ, କୋମଳେ, ପ୍ରେମ, ଅଶ୍ରୁଜଳେ,
ଦେଇ ନିତ୍ୟ ଆଲିଙ୍ଗନ ।
"ମୃଣ୍ମୟ ସଂସାରେ ଭୁଲାଇ ପାରି କି
ଚିନ୍ମୟ ସୁନ୍ଦର ଦେବ ?
"ତନ୍ମୟ ଏ ଚିତ୍ତ ଥାଉ ନିତି ମଗ୍ନ
ପ୍ରେମ ଦୟା ଲଭି ତବ ।
"ଅସହ୍ୟ କାତରେ ଫୁଟିବ ବାରେ ବାରେ
ହୃଦୟ-କମଳ ବନେ,
"ପୂଜିବି ତୁମ୍ଭର ପଦ-ଅରବିନ୍ଦ
ବସାଇ ହୃଦୟାସନେ ।
"ନିବାର ଏ ହୃଦ ପ୍ରେମର ପିପାସା
ପ୍ରେମ-ସୁଧା-ମଧୁ-ଦାନେ,
"ଅସ୍ଥ ସଂସାରୁଁ ଛାଡ଼ି ରତ ଥିବ
ବାସନା, ତୁମର ଧାନେ ।

# ବିଡ଼ମ୍ବନା ।

ଦେଖା ହେଲେ କଥା ନକହେ
          ମୁଖ ବୁଲାଏ ଘୋଟପି,
ତୁମେ ଫେର ଗୁନ୍ଧି ଗଡେଲ ଗୋ
          ତୁମ ଧ୍ୟାନଟି ଘୋଷେ ।
ଶତ ପାପ-ଅବର୍ଜ୍ଜନାର
          ବଡ଼ ଗଣ୍ଠିର ଭର,
କାନ୍ଧେ ଘେନି ଘେନ ଫେରୁଛ
          ବର୍ଷ ବରଷ ଧରି ।
ତୁମକୁ ଦେଖିଲା କ୍ଷଣି ତା
          ଖସି ଯିବ ମୋ' ଘର,
ତଥାପି ଆସିଲେ ତୁମେ ଗୋ
          ମନ ହୁଅଇ ଗରୁ ।
ଭୁଲିଯାଏ ମୋର କର୍ତ୍ତବ୍ୟ
          କାନ୍ଧ ବସଇ ମାନେ
"ଏତେଦିନ ଥିଲ କେଉଁଠି"
          କହେ ପ୍ରେମାଭିମାନେ ।
ତୁମେ ନ କହିଲ ଅଗର,
          ମୁଁ ତ କହଇ କଥା,
ପରକ୍ଷଣେ ତୁମେ ପଳାଅ
          ମୁଁ ତ ସହଇ ବ୍ୟଥା ।

ଏହାପର କେତେ ବରଷ
ବିତି ଗଲାଣି ମୋର,
ପ୍ରାଣରୁ ଘୁଞ୍ଚିଲା ନାହିଁତ
ଦେଖା ଜଞ୍ଜାଳ ଘୋର ।
ତଥାପି ବଞ୍ଚିଛୁ ଅନାଇ
ପୁନଃ-ଦର୍ଶନ-ଆଶ,
ତୁମେ ଅଜ ଥରେ ଆଦରେ
ଆସିବ ଗୋ' ମୋ' ପାଶେ ।

## ମୋହନ ବୀଣା ।

ସଖା ଶୁଭିଲୁକି ତୋର ମୋହନ ବୀଣା,
ପଲକକ ପୁଲକେ ମୁହିଁ ହୋଇଲି କ୍ଷୀଣା,
ଉଦ୍‌ବେଳ ହୋଇଲା ମନ, କମ୍ପିତ ଅପଘନ,
ଗଗନେ, ପବନେ, ବାଜ ଉଠିଲା ପର,
ଧାଇଁଲି ପଛରେ ସେତ ନ ଦେଲା ଧରା ।
ସଖା କେଉଁ ଦେଶେ କହ ଅଛ ତୋହର,
ଅନ୍ତରାଳେ ଥାଇ କିପାଁ ବାଉ ତୋ' ସ୍ୱର,
ବାତୁଳକରିଛୁ ଟିକି, ନିତେଜ ମୁଁ ହୋଇଛି ବକି,
ଦେଖା ଦେଉନାହୁଁ କାହିଁ ସ୍ୱପନେ ଥରେ,

ତୋତେ ଖୋଜ ବୁଲେ ମୁହିଁ ଧସ୍ତ ଅମ୍ବରେ ।
ସଖା ସଖା ବୋଲି ମୁହିଁ ଡାକେ ଅକୂଳେ,
ତଥାପି ଦେଖା ମୁଁ ତୋର ନପାଏ ଠୁଳେ;
ସହସା ଗୋପନେ ଆସୁ　　ସହସା ଅମୃତ ହସୁ,
ବିଜୁଳୀ ଝଟକ ପରି ଯାଏ ମିଳାଇ
ଅତୃପ୍ତ ବାସନା ବହ୍ନି ହୃଦେ ଜ୍ୱଳାଇ ।
ପାଇଲେ ଛାଡ଼ିବି ନାହିଁ ମନେ ପାଞ୍ଚଇ,
ନେତ୍ରେ ଦରଶନ ତୋର ଚନ୍ଦ୍ର ବାଞ୍ଛଇ,
ନପଡ଼ୁଁ ପଲକ ମୋର,　　ଚୂପନ୍ତି ଝଲକେ ତୋର
ମୋ' ମନୋନୟନେ ସଖା ସୁନ୍ଦର ଝଳ,
ବିମୁଗ୍ଧ ଅବଶ ପ୍ରାଣେ ପଡ଼େ ମୁଁ ଢଳି ।
ଏଣକ ପରେରତ ଅହା ଗଲୁଣି ଚାଲି,
ଆଜିକି ଆସିବୁ ଅଜ ଅସିବୁ କାଲି;
"କାଲି କାଲି" ଯାଏ ବହ;　　ବଢ଼ଲେ ଅନ୍ତର ଦାହ,
କଲ୍ପନା-ନୟନ-ପଟେ ତୋର ମୂରତ,
ଆଙ୍କି ମୁଁ ଲଭଇ କ୍ଷୀଣ ହୃଦେ ଶାନ୍ତି ।

# ଅପରାଧୀ ।

କହିବି କି କଥା        ଫେଣ୍ଡ ହୃଦ-ବ୍ୟଥା,
ଭୁଣ୍ଡ ତ ଫିଟଇ ନାହିଁ,
ଶଠ ଅପରାଧ        ଅପରାଧୀ ପରି
ମୁଣ୍ଡ ଉଠଇ ନାହିଁ ।
ଟେଣ୍ଡବାଷ୍ପି ଅଶ୍ରୁ        ଝରି ଝରି ପଡେ
ଭୁଣ୍ଡ ବ୍ୟଥା ହୃଦପିଟେଣ୍ଡ,
ଅନଳ-କୁଣ୍ଡରେ        ଜୀବନ୍ତେ ଜ୍ବଳୁଛି
ପ୍ରାଣ ଖଣ୍ଡ ଖଣ୍ଡ ହୁଟେଣ୍ଡ ।
ସବୁତ ଅଛଇ        ପୂରୁବ ସମାନ
ଶିଶ ଗଣ୍ଡ କପାଁ ଭୁଟି,
ସେହି ଚନ୍ଦ୍ର ତାଷ        ହାସ ପରିବରେ
ଛଗାଁ ଜାଗନ୍ତି ଭ୍ରୁକୁଟି,
ସେହିପରି ଫୁଲ        ଫୁଟିଛ ହସୁଛି
ବତରୁଛି ଗନ୍ଧରାଶି,
ସେହିପରି ପିକ        ଗାଉଛି ସଞ୍ଚମେ
କାନ୍ତ-ବସନ୍ତ-ବିଳାସୀ ।
ସେହିପରି ଅଳି        ଯକ ରଜବୋଳି
କୋମଳ କମଳ-ଦଳେ,
ଘନ ଅଙ୍ଗ ଢାଳି        ଗୁଞ୍ଜରେ ମଞ୍ଜୁଳ
ଝଳ ସରୋବର-ତଳେ

ଯେଉଁପରି ବାୟୁ      ବହିତ ଯାଉଛି
ତରୁ-ଲତା-ପତରରେ,
ସେହିପରି ଧଗ      ମହକି ଉଠୁଛି
ସଜଫୁଲ-ସୁବାସରେ ।
ସୁନ୍ଦରର ଶୋଭା      ସବୁତ ରହିଛି;
ସୁଷମା ଭରନ୍ତି କାହିଁ,
ଅଛି ଜଡ ପିଣ୍ଡ      ଅବଶ ଅଚଳ
ପ୍ରାଣ ଥାଇଁ ପ୍ରାଣ ନାହିଁ ।
ତୁମର ବିରହେ      ଝରେ ଧାର ଆଖି,
ଆକୁଳ ବ୍ୟାକୁଳ ହିୟା,
ସବୁ ସୁଖେ ପୂର      ରହିଅଛି ଶୂନ୍ୟ
ତ୍ରୈକାଳୟେ ଏକୁଟିଆ ।
ସଜନ ନଗର      ବିଜନ ଶ୍ମଶାନ
ପରଖି ମଣଇ ମନ,
ଜୀବନ-ବସନ୍ତ——      ନିଶାନ୍ତେ ଉଦିଲା
ଅନନ୍ତେ କି ଦୁଃଖ-ଘନ ।
କାନ୍ତ-ଚତଲତା      ମୁକୁଳ-ମଞ୍ଜରୀ
ପଡ଼ିଲା ଅକାଳେ ଝରି,
ଉଡ଼ିଗଲା ପିକ      କେଉଁ ସୁରଜନୁ
ମନୋବନ ଶୂନ୍ୟ କରି ।
ଦୂରେ ଦୂରେ ପ୍ରଭୁ      ଘୁଞ୍ଚି ଘୁଞ୍ଚି ଗଲ
ଆଜିତ ନ ଦେଲ ଧରା,
କେତେ ଗୋଡାଇଲି      ଧରି ନ ପାରିଲି
ଗ୍ରୀଷ୍ମ ବର୍ଷା ଶୀତ ଖରା ।

ବାଙ୍କ କେଶୁଛିଗ୍ଲ ମନ ମାରି ଦେଇ
ଆସିଲି ଫେର ମୁଁ ଚାଲି,
ଅନ୍ଧାର କବାଟ କୋଣରେ ଲୁଚଣ
ନେତ୍ର-ନୀର ଦେଲି ଢାଳି ।
ଦେଖିଥିଲି ପଥ ସୁନ୍ଦର ରୂପଟି
ଚନ୍ଦ୍ରା ମେଘ ଫାଙ୍କେ ଫାଙ୍କେ,
ଚାହିଁଥିଲି ପଥ ଚାନ୍ଦନୀ ଆଲୋକ
ତାସ୍ତ ହାସେ ବାଙ୍କେବାଙ୍କେ,
କାନ୍ଦିଥିଲି ପଥ ଶିଶିର ଲୋତକେ
ଝଡ଼ି ଝଡ଼ି ଥିଲା ପଡ଼ି ।
ମୁକ୍ତାହାର ପରି ଘାସ-ପତ୍ରରରେ
ଗୁମ୍ଫି ଦରଫୁଟା କଳି ।
ବରଣ-ଡାଲାଟି ସଜାଇ ଥିଲି କି
ଯେନ ଅଶ୍ରୁ-ଫୁଲ-ମାଳି,
ଅରଘ, ଚନ୍ଦନ ସକାଶେ ହୃଦୁଁ କି
ରକ୍ତ ଦେଇଥିଲି ଢାଳି ।
କିନ୍ତୁ ନ ଘେନିଲ ମୋ ପୂଜା ଆଦର,
ପଳାଇଗଲ ହେ କାହିଁ,
ହୃଦୟ-ମନ୍ଦିର- ମଣ୍ଡପତ ଶୂନ୍ୟ
ଅନ୍ଧାର ଅଛି ଘୋଡ଼ାଇ ।
ଧୂଳି ଅବର୍ଜନ ସହସ୍ର ଜଞ୍ଜାଳ
ଅଳନ୍ଧୁ ରହିଛି ପଡ଼ି
ମାକଡ଼ସା ଜାଲ ବୁଣି ଅଛି କାନ୍ଥେ
ଶିଖି ଯାଇଅଛି ଭୂଟି ।

ତବ ସୁମଧୁର — ବେଣୁ ନାଦ ଆଉ
ନ ପଶଇ ଶ୍ରବଣ-ପୁରେ,
ମରମେ ମରମେ — ବାଜି ଯାଉଅଛି
ବାସନା-ବିଷାଣ ଛୁରି ।

ଶୁଣିବା ପାଇଁକି — ଅଛି କାନ ଡେରି
ମଧୁରତରଙ୍ଗ-ନାଦ;
କେତେଦିନେ ସଖା । — ଆସିବ ଅକୁଳେ
ଦୂର କରି ଅବସାଦ ।

କେତେଦିନେ ସଖା — ପୁଷ୍ପପରି ହସି
ସମ୍ଭାଷିବ ସମାଦରେ,
କେଉଁ ଦିନେ ପୁଣ — ଉଠିବ ହେ ରୂପ
ତବ ଅବନୀ-ଅମ୍ବରେ ।

ଯାନ ଯାନ ବୋଲି — ନ କର ହେ ହେଳା,
ଯାନ ମୁଁ ତୁମରି ଲାଗି ।
ଯେଣୁ ଯାନ ହେଉ — ଗଢ଼ି ପ୍ରେମ-ସେତୁ
ଦେବାଲୁ ବିଚ୍ଛେଦ ଭାଙ୍ଗି ।

ଯାନବନ୍ତ ବେନି — ତାରକୁ ଯୋଡଣି
ଗାଇଛି ମଧୁର ଗୀତ ।
ଏବେ ଦୂର କରି — ପଶୁଚେଣି ମାନୁଷ
କି ଲାଗି ହେ ପ୍ରାଣମିତ ।

ମୁଁ ଯାନ ମୁଁ ନୀଚ, — ମୁଁ କ୍ଷୁଦ୍ର ମାନବ
ତୁମେ ରାଜା ତୁମେ ପ୍ରଭୁ ।

ତେଣୁ ତବ ପ୍ରେମ-	ରାଜ୍ୟ ଅଛି ସ୍ଥାନ
ଅଧିକାର ମୋର ସବୁ ।
ଆସ ଆସ ବୋଲି	ଡାକି ନ ପାରୁଛି,
ରଖି ନ ପାରୁଛି ପୁଣି;
କାନ୍ଦି କାନ୍ଦି ଆଖି	ଝରି ତ ପଡ଼ୁଛି
ଚେତେ ରହୁଛି ମଉନ ।
ତୁମେ ଯଦି ଦୁଃଖ	ବୁଝି ନ ପାରିବ,
ଆଉ କେ ବୁଝିବ ସଖା ?
ତୁମ ଲାଗି ଯଦି	ଏ ପ୍ରାଣ ଫାଟୁଛି,
ତୁମେ ନବାର ଏ ଦକା ।

## ଆକୁଳେ ।

ଦିବସ ରଜନୀ କାହାର ଲାଗି ଗୋ
ଆକୁଳେ ବସି ରୁ ଗୁହିଁଛି,
ମୁକ୍ତ ଗବାଦରେ ଥର ଥର ଛାତି
ବାଧା ନମାନ ରୁ ଧାଇଁଛି ।
ନୀରବ ନିଶୀଥେ, ଶ୍ୱେତ ଚନ୍ଦ୍ରାଲୋକେ,
ଝିକି ଝିକି ତାରା ଝଟକେ,
ପ୍ରଶାନ୍ତ ଅନନ୍ତ ନୀଳ ନଭଃପ୍ରାନ୍ତେ,
ଦେଖିଛି ତା ମୂର୍ତ୍ତି ପୁଲକେ ।

ପ୍ରଭାତର ମନ୍ଦସମୀର-ହିଲ୍ଲୋଳେ,
ଶିଶିର-ନିଷିକ୍ତ ସୁମନେ
ତା' ପରଶ ପ୍ରାଣେ ଲଭିଛୁ ତୋହର
ଦେଖିଛୁ ତା' ରୂପ ସ୍ୱପନେ ।
ଅବଶ ଅଳସେ ମୁଦ୍ରି ନେତ୍ର ବେନି
ହୃଦୟେ ଅଙ୍କିଛୁ ମୂରତି,
କମ୍ପିତ ଉଲ୍ଲାସେ ଭାସି ପ୍ରେମନୀରେ
ଟାଳିଛୁ ତା' ପାଦେ ଭକତି ।

ଲୋକଲୋକାନ୍ତରେ, ଯୁଗଯୁଗାନ୍ତରେ,
ହୋଇଥିଲା ପରା ସଙ୍ଗୀ ସେ,
ଗାଇଥିଲା ପରା ହୃଦ-ବୀଣା-ତାରେ,
ଆଜି ପାରୁନାହିଁ ଚିହ୍ନି ସେ !
ତା' ପ୍ରେମ-ଶୃଙ୍ଖଳେ ବନ୍ଦୀ କରି ତୋତେ,
ରଖିଛି ତା' ହୃଦ ଭିତରେ,
ନିତ୍ୟ ଆଲିଙ୍ଗନେ ରହୁ ତୁ ତାହାର
କିପାଇଁ କାନ୍ଦୁଛୁ କାତରେ ।

ଚିର ଜୀବନର ସାଥୀ ପରା ତୋର,
ଚିର ସଖା ଜନ୍ମେ ମରଣେ,
ତୋ' ପ୍ରାଣ ବନ୍ଧାତ ତା ପ୍ରାଣ-ଡୋରିରେ,
ତାହାର କମଳ-ଚରଣେ ।
ତୋ ପ୍ରାଣ-ପିପାସା, ତୋ' ଅକୁଳ ଆଶା,
ଜନ୍ମେ ଜନ୍ମେ ମେଣ୍ଟୁ ନାହିଁ ଗୋ,

ହୃଦାକାଶେ ଜଳ ଶୁଭ୍ର ହେମ ହେବୁ,
ତାହାର ଭୂଷଣ ପାଇଁ ଗୋ, ।
ହୃଦୟର ଫୁଲ ଫୁଟି ଉଠିଛି କି,
ଚହଟିଛି ପ୍ରେମ-ସୁବାସ
ଅସିବ ସେ ଅଳି ଖୋଜି ଖୋଜି ତାକୁ,
ବଢ଼ାଇ ତୋହର ଉଲ୍ଲାସ ।
ଧୈର୍ଯ୍ୟ ଧର ମନେ ବସିଥା' ମଉନେ,
ଅସିବେ ତୋ' ପ୍ରାଣସଙ୍ଗାତ,
ଦେବତାର ବେଶେ, ଭାବୁକାର ଦେଶେ,
ହେବ ପରା ଶୁଭ ସାକ୍ଷାତ ।
ତୋହର ଦେବତା ତୋତେ ଛଳିବାକୁ
ଲୁଚାଇଛି ତାର ବଦନ,
ସ୍ଥିର ମନପ୍ରାଣେ ସଜାଡ଼ି ରଖିଥା
ପୂଜାପାଇଁ ଫୁଲଚନ୍ଦନ ।
କାନଡ଼େରି ବସି ତାର ପାଦଶବ୍ଦ
ଶୁଣିବାକୁ ରହ ଜଗି ଗୋ,
ବାଉଳ ପରାୟେ ଅସିତ ପରନ୍ତି
ପ୍ରାଣସଖା ତୋର ଲାଗି ଗୋ
ଶତଫୁଲ-ବାସେ ବାସିତ ତା' ତନୁ—
ସୁବାସେ ବୁଝିବୁ ତୋହର,
ପ୍ରାଣବନ୍ଧୁ ଅସି ତୋହରି କଣ୍ଠରେ
ଲୁଣ୍ଠାଇ ଧରିବୁ ସତ୍ୱର ।

ଅବା ଧୀରେ ଧୀରେ ବାଜିବ ତା' ବେଣୁ,
ତୋ' ହୃଦ-କାନନ ମଝିରେ,
ଧୀରେ ଭାସି ଆସି ବାଜିବ ମରମେ
ପ୍ରଶାନ୍ତ-ଶୀତଳ ସମୀରେ ।

କୁଳ-ଅଭିମାନ-ବନ୍ଧନ ଭାଙ୍ଗିଣ,
ଧାଇଁବୁ ଅକୂଳେ ଉତ୍କଟେ,
କନ୍ଦରେ କନ୍ଦରେ ଖୋଜିବୁ ତାହାକୁ
ନଦୀତଟରେ ବନେ, ପର୍ବତେ ।

ପ୍ରତି ବିହଙ୍ଗକୁ ପଚ୍ଛରିବୁ ପଥ
ଦେଖିଛୁ କି ପ୍ରାଣବନ୍ଧୁକୁ
ଶୁଣିଛୁ କି ତାର ବନୋଦଅ ଗାଣ
ଦେଖିଛୁ କି ହୃଦ-ବନ୍ଧୁକୁ ।

ଅବଶ ଅଲଟସ ଶୋଇଅଛୁ ପଛ
ଆସି ଛଡାଡେ ଛୁଇଁ ଯିବଟି,
ଆଖି ମେଲି ଦେଖି ନପାରି ତାହାକୁ
କେତେ ନ କାନ୍ଦିବୁ କହଟି ।

ଅଥବା ଆସିବ ଛଦ୍ମବେଶ ଧରି
ଜଗାଇ ତୋ' ମନେ ଆତଙ୍କ,
ନିମିଷେ ଚିହ୍ନିବୁ ପ୍ରାଣର ସଖାକୁ,
ପ୍ରସାରି ଦେବୁକି ପ୍ରେମାଙ୍କ ।

ଉଲ୍ଲସି ଉଠିବ ପୁଲକରେ ତନୁ
ରୋମାଞ୍ଚିତ ହୋଇ ଆଦରେ,
ନୟନ-ପଲ୍ଲବୁଁ ଅଶ୍ରୁ-ହିମ-କଣା
ଝରି ପଡ଼ିବକି ପଦ୍ମରେ ।

ତା' ରୂପ-ସୁନ୍ଦରୀ ପିଇବା ଆଶାରେ
ଉନ୍ମତ୍ତ କି ଚିତ୍ତ-ଚକୋର,
ଚିନ୍ତାକାଶ-ପଥେ ଉଡ଼ନ୍ତି ବୁଲୁଛି
ନିଜ ଧ୍ୟାନେ ନିଜେ ବିଭୋର।
ତା' ରୂପ-କୁସୁମ-ସୁଧା ପିଇବାକୁ
ମନ-ଅଳି ତୋର ଧାଏଁକି
ତା' ସୁନ୍ଦର ରୂପ ବାରେ ଦେଖିବାକୁ
ନେତ୍ର ଏଣେ ତେଣେ ଗୁହେଁକି !
ଲତା-ପତରରେ, କୁସୁମ-ଫଳରେ
ଜଳେ, ସ୍ଥଳେ, ନଭେଃ, ପବନେ,
ଭାସି ବୁଲୁଛିକି ତା' ଅରୂପ ରୂପ,
ମଜାଇ ତୋ' ପ୍ରାଣ ଗୋପନେ !
ପ୍ରଭାତର ନବ ଅରୁଣ-କିରଣ
ତରଳ ତା ରୂପ ଝଳେକି,
ପୁଲକ-କମ୍ପିତ ତଟିନୀ-ଜଳରେ
ରମ୍ୟ ରୂପ ପ୍ରତିଫଳେକି।
ନାନା ରଙ୍ଗେଭଙ୍ଗେ, ତରଙ୍ଗେ ତରଙ୍ଗେ
ଶ୍ରୀଅଙ୍ଗ ଶୋଭା କି ଉଛୁଳେ,
କଳ କଳ ନାଦେ ଶୁଭେ କି ସଂଗୀତ
ନିମିଷେ ତୋ ପ୍ରାଣ ବିହ୍ୱଳେ।
ଉତ୍କଣ୍ଠ ହୋଇ କି ଦିବସ ଯାମିନୀ
ପ୍ରେମାବେଶେ ପ୍ରାଣ ଜର୍ଜର;
ପଦ-ମରମରେ ଥରି ଉଠେ ତନୁ
ଶୁଭିଗଲା ପରି ତା ସ୍ୱର।

ନୟନ ତୋହର ବୋଲା କି ତା ରୂପ
ଖୋଲା କି ହୃଦୟ ପଟାରେ,
ପ୍ରତି ରକ୍ତବିନ୍ଦୁ ଜପାଇ ତା ନାମ
ବହୁଛ କି ଶିରା ଶିରାରେ ।
ତୋଳିଲ କି ତାହାର ପୂଜାର ମନ୍ଦିର
ତୋହରି ହୃଦୟ ଅଗଣେ,
ହୃଦ-ବେଦୀପରେ ପୂଜୁଛ କି ତାକୁ
ପ୍ରେମ-ଭକ୍ତି ପୂତ ସୁମନେ
ତାହାରି ପ୍ରାଣରେ ପ୍ରାଣକୁ ମିଶାଇ
ତା ପ୍ରାଣେ ମିଶାଇ ତୋ ସତ୍ତ୍ୱ,
ଆତ୍ମ ଅନୁଭୂତି ଭୁଲିଛୁ ତୋହରି
ସେ ଅଜ ତୋ ପ୍ରାଣଦ୍ରଷ୍ଟା ।
ତା ସୁଖରେ ସୁଖ ଆଦରେ ମିଶାଇ
ତାହାର ଜୀବନେ ଜୀବନ,
ତାହାର ପ୍ରେମରେ ପ୍ରେମ ହୀନ ତୋର
ହୋଇଛୁ ତା' ଠାରେ ମଗନ ।
ଦୂରଦୂରାନ୍ତରେ ସେ ଅଛି, ତଥାପି
ପ୍ରାଣେ ପ୍ରାଣେ ଏକ ଅଭିନ୍ନ
ହୋଇଅଛୁ ନବ ଅପୂର୍ବ ସୁନ୍ଦର
ବେଳ ପ୍ରାଣେ ବେଳ ମିଶିଣ ।

## "ଯାର ।"

ସାରା ଜଗତରେ ଖୋଜେ ମୁଁ ଯାହାକୁ,
ସେତ ଅଛି ମୋର ଅନ୍ତରେ,
ଯାର ବର୍ଣ୍ଣେ ଦେଖେ ଯାର ପ୍ରେମମୂର୍ତ୍ତି,
ଅଙ୍କା ସେ ମୋ ହୃଦ-ପଟ୍ଟରେ ।
ଯାର ଜୀବନର ବେଦନା ବଧୁର
ହେଉ ବିଗଳିତ ଅଶ୍ରୁରେ ।
ଯାର ଜୀବନର ଶତ ଦୀର୍ଘଶ୍ୱାସେ
ମିଶିଛି ସବୁ ସେ ମଧୁରେ ।
ଯାର ହୃଦୟୁଷ୍ଠା ତା ପ୍ରେମଟିର ବାଇ
ଯାର ବଦନ ବସି କାନ୍ଦୁଛି,
ଯାର ନିଶି ମୋର କାଟେ ଉଜାଗରେ
ଯାର ମନପ୍ରାଣେ ବନ୍ଦୁଛି ।

## "ମୁଁତ ତାକୁ କେବେଁ ।"

ମୁଁତ ତାକୁ କେବେ - ଦେଖିନାହିଁ ନେତ୍ରେ
ଅନୁଭବୁ ଅଛି ପ୍ରାଣେ,
କାହିଁ ଅଛି ସେହି କେଉଁ ଦୂର ଦେଶେ,
କିନ୍ତୁ, ତା' ଆଡ଼କୁ ମନ ଟାଣେ ।

ନବ ବସନ୍ତର ଫୁଟନ୍ତା ଫୁଲରେ,
ମୃଦୁଲ ମଧୁରବାତ-ହିଲ୍ଲୋଳରେ,
ଲେଖା କି ତା’ ନାମ ଲତାପତରରେ,
ମୋତେ ଲାଗେ ସେହିପରି,
ତାକୁ ଝୁରି ଝୁରି ଅନ୍ତ ପାଏନାହିଁ
ତାର ଦେବା ବଲ୍ଲରୀ ।
ମୁଁ ତ ତାକୁ କେଭେଁ ଡାକିନାହିଁ ପାଶେ,
ସେତ ଅସେ ବଳେ ବଳେ,
ମୁଁ ତ ତାକୁ ପାଏ ହୃଦ ବେଦନାରେ
ମୋର, ନୟନର ତପ୍ତ ଜଳେ ।
ମେଘ ଅନ୍ଧାରିତ ବରଷା ଆକାଶେ,
କ୍ଷଣକେ ଚମକି ଚପଳା ପ୍ରକାଶେ,
ସେହିପରି ପରା କ୍ଷଣକେ ସେ ଅସେ,
ଲୁଚିଯାଏ ପରକ୍ଷଣେ,
ଖୋଜେ ମୁହିଁ ତାକୁ ନଗରେ, ପ୍ରାନ୍ତରେ,
କେତେ ବନେ, ଉପବନେ ।
ମୁଁ ତ ତାକୁ କେବେଁ ସାଧିନାହିଁ ପ୍ରେମେ
ସେତ ପ୍ରେମ କରେ ନିଜେ,
କି ଜାଣି ସେ କେଉଁ ଅଜଣା ଶକ୍ତିରେ,
ମୋତେ, ବାନ୍ଧେ ପଦ-ସରସିଜେ ।
ଶରତର ଶୁଭ୍ର ଜ୍ୟୋତ୍ସ୍ନା ରାତିରେ,
ମନ୍ଥେ ମନ ସତେ ତାର ପୀରତିରେ,
ନିମିଷେ ଅସଇ ସତେକି କତିରେ

ଅଟଳଛି ହୃଦୟପୁର,
ହୃଦୟର ଶତ-କଙ୍କାଳ ଅନ୍ଧାର
କ୍ଷଣକରେ କର ଦୂର ।

## ଆସେ ।

ଗୃରୁ ଚନ୍ଦ୍ରମା କିରଣେ ହସି ହସି ଆସେ
ବିମଳ ବିମାନ ବିତାନେ
ସଜ ଶେଫାଳିକା କଳିକା ଫୁଟାଇ
ବାସ ଚହଟାଇ ଉଦ୍ୟାନେ,
କୋମଳ ଲଳିତ ମୃଦୁଳ ମାରୁତେ
ଗନ୍ଧ ଝୁରି ଝୁରି ପଡ଼େ କି
ଯାହା ଦରଶନ ଲାଗି ମନପକ୍ଷୀ
ଆଶା-ଅନ୍ତରୀକ୍ଷେ ଉଡ଼େ କି ।

## " ହେମନ୍ତେ । "

ଧାନ କ୍ଷେତେ ପଶି ଢେଉ ଖେଳଯାଏ
ହେମନ୍ତ-ଦିନାନ୍ତ ପବନ,
ସୁବର୍ଣ୍ଣ ଲହରି ପଡ଼େ ଥରି ଥରି
ଲଭି କି ସମୀର ଚୁମ୍ବନ ।
କାହା ପୂଜା ଲାଗି ଅରଘ-ଥାଳି,
ଧାନ, ଦୂର୍ବା ଦେଇ ସାଜନ୍ତି ବାଳୀ,
ଓହ୍ଲାଇ ଆସେ କି ଗଗନ ପ୍ରାନ୍ତରେ
କନକ କୁଙ୍କୁମ ବରଣେ,
ରଞ୍ଜିତ ଗୋଧୂଳି ଚରଣେ,
ହସି, ହସି କିଏ ପ୍ରଫୁଲ୍ଲ,ଉଜ୍ଜ୍ୱଳ,
ଆସେ, ସୁନ୍ଦର ଚନ୍ଦ୍ର କିରଣେ ।

## ତଟିନୀତରଙ୍ଗ ।

ଭାଙ୍ଗି ଭାଙ୍ଗି ପଡ଼େ ତଟିନୀ ତରଙ୍ଗ
ତଟଦେଶେ ଶିର ପିଟି,
ବହିଯାଏ ପଶି ପ୍ରେମ-ସରସ୍ୱତୀ
ମୋ' ମନ-କନ୍ଦରେ ଫିଟି
ପାଷାଣ କଠିନ ହେଲେ ସୁଦ୍ଧା ମନ
ତାର, ଶିରରେ ଶିରରେ ଝର,

କଳୁଷ କାଳିମା ଦେଖି ଲୋଚନ ତ
ପ୍ରେମଲୁହେ ଝର ଝର।
କଳଙ୍କିଆ ଲୁହା ହୃଦପୃଷ୍ଠା ପରି
ରହିଅଛି ପ୍ରେମ ଦାଢ଼,
ହେଲେ କାଟିପାରେ ତା' ପ୍ରଭୁ କାରଣେ
ବଧା ବିପଦର ବାଡ଼ ।
ଥର ଥର ଜାନୁ ଦୁର୍ବଳ ଚରଣ
ନପାରୁଛି ପାଦେ ଚାଲି,
ଯିବ ପରା ହେଲେ ତା' ପ୍ରଭୁ ପାଶେ
ଘୁଞ୍ଚୁରି ତତଲି ଚାଲି ।
ଅବଶ ରସନା ଜଡ଼ ହୋଇ ଅଛି
ନକହୁଛି ପଦେ କଥା,
ମୂକ ମୁଖେ କିନ୍ତୁ ହାସ ବିକାଶି ସେ
ବପଦେ ପୋଛୁଛି ମଥା ।
ଅନ୍ଧ ନେତ୍ର ସେହି ନ ପାରୁଛି ଚାହିଁ
ଅନ୍ତ୍ରାଳି ଅନ୍ତ୍ରାଳି ବୁଲି,
ପରଶି ପରଶି ପାଦମୂଳ ଲାଗି
ବସି ମାଳ ଗୁନ୍ଥେ ଫୁଲେ ।
କି କରି ତୋଷିବ ପ୍ରିୟ ପ୍ରଭୁ ମନ
ନ ଜାଣେ ଉଚିତ ସେବା,
ଜାତପ୍ରତ ତାର ହୋଇଛି କର୍ତ୍ତବ୍ୟ
ଦେହ ଆତ୍ମା ମନ ଦେବା ।

## ସ୍ୱପନ ।

ଚମକି ଉଠିଲି ଦେଖି କି ସ୍ୱପନ
କାହାର ଲଳିତ ମୂରତି,
ଫିଙ୍ଗି ଦେଲି ପଦ୍ମ ଚରଣ ନଳିନ
—ତଳକୁ ପଦ୍ମଣ ପୀରତି,
ବେଳକୁ ବେଳ ମୋ' ହୃଦ ଦାଉ ଦାଉ
ପୋଡି ଉଠିଲାକି ଅନଳେ,
ଢଳଢଳ ଅଶ୍ରୁ-ଶିଶିର ମାଳିକା
ଠଳ ବେଣ୍ଣ ନେଏ-କମଳେ !
କଳ କଳ ସ୍ୱନେ ବହେ ମନୋବନେ
ପ୍ରେମର ଜାହ୍ନବୀଧାରାଟି,
କୂଳେ କୂଳେ ଫେରେ କେ ବାଇ ମୁରଲୀ
ମଞ୍ଜୁ ତାନ କର୍ଣ୍ଣ-କାରିକା !
ଚମ୍ପା ଗୋଲାପ ତୋଫା ପାଖୁଡା ଝଟକି—
କେତକୀ-କଳିତ-କନକ—
—କିରଣ ଅରୁଣ- ବରଣେ ଉଜ୍ଜ୍ୱଳ
ପ୍ରାଣେ ମୋର ଅଶେଷ ଛନକ !
ଅବା ଘନଶ୍ୟାମ, ବାସନ୍ତ-ସୁକାନ୍ତ—
ନବ ଚୂତ ପତ୍ର ସୁଷମା,
ଶାରଦ ଅକାଶ ଶୀତ-ଶୀତଅଂଶୁ
ସମ ଶୋଭନ୍ତ ରୂପ ଚନ୍ଦ୍ରମା

ଧାଇଁ ଧାଇଁ ଗଲି ପଛେ ପଛେ ତାର
ନିଜ ଜୀବନକୁ ଝୁରଛି,
ଧରା ଦେବାକୁ ସେ ନୁହେଁ ତତପର,
ପଳାଇଲା କାହିଁ ତୁରନ୍ତ,
ପାପ-ପରଶ ମୋ' ଲାଗିଯିବ ପଥି
ତେଣୁକି ପାଶକୁ ନ ଆସେ,
କହ, ହସେ ତେବେ କିପାଁ କୋମଳ କୁସୁମ—
ପାପୁ-ଦଳ-ଦାମ ବିକାଶେ ।

## "ଦୂରବନୁଁ କିଏ ।"

ଦୂର ବନୁଁ କିଏ ବାଇଦେଲା ବେଣୁ
ଶୁଣି ମୁଁ ରହିଲି ଚକିତ,
ଦୂର ନଭୋପଟେ କା' ମଞ୍ଜୁ ମୂରତି
ଦେଖି ଦେଖି ହେଲି ମୋହିତ ।
ସେ ପ୍ରିୟ ସୁନ୍ଦର ମୂରତି ମୋର,
ପରାଣେ ବେଢିଛି ତା' ପ୍ରେମଡୋର
ଅନାଇ ନିମିଷେ ଚାହିଁ ମନଚୋର,
ଧାଇଁ ଗଲି ସତେ ତ୍ୱରିତ,
ଲୁଚିଗଲା ଦୂର ମେଘ ଅନ୍ତରାଳେ,
( ଏବେ ) କ୍ଳାନ୍ତ ଆଖି ଶୂନ୍ୟେ ଚାହିଁତ ।

## ନିଶା ନ ପାହୁଣୁ ।

ନିଶା ନ ପାହୁଣୁ ଡାକିଗଲା କିଏ
ନିଦରେ ଥିଲି ମୁଁ ମଗନ,
ନିଦରେ ଥାଇ ମୁଁ ଆକୁଳ ପରାଣେ
ଦେଖିଲି ତାହାର ସ୍ୱପନ ।
ଯାହା ସଂସାରର ରୂପଙ୍କଣି ତାର,
ରୂପଶୋଭା ଦେଖି ହେଲା ଚମତ୍କାର
ଫିଟି ଉଠିଲା ମୋ ମୁଦ୍ରିତ ହୃଦଳ—
ଲୋଚନ ପତାର ଦ୍ୱାର,
ଫେଡ଼ି ମନ ମନ ଦେଖେ ସେତ ନାହିଁ
ଅଛି ମାତ୍ର ସ୍ମୃତି ତାର ।

## କାହା ବ୍ୟାକୁଳତା ।

କାହା ବ୍ୟାକୁଳତା-କଥା କହିଯାଏ
ପ୍ରଭାତ-ସମୀର ସଞ୍ଚର,
ଆକାଶୁଁ ଅଶ୍ରୁ-ଶିଶିର କାହାଙ୍କ
ଝରୁଛି ଧରଣୀ ଉପର,
ମେଘ ଅନ୍ତରାଳୁ ଦିଶି ଦିଶି ଯାଏ
କାହାର ଅରୁଣ ଆନନ,
ପରାଣେ ଆସି ମୋ' ମିଶି ମିଶି ଯାଏ
କାର, ମୃଦୁର ଅଧର ଚୁମ୍ବନ ।

# "ଆଖି ମୁଁ ବୁଜିବି କେତେ—"

ଆଖି ମୁଁ ବୁଜିବ କେତେ କହଦେଖି
ଶ୍ୟାମଳ ମୋହନ ମୂରତି,
ଲୁବ୍ଧ ଧକ ଧକ ଲୋଚନ ଯୁଗଳେ,
କେତେ ମୁଁ ପାରିବ ନିବାରି
ଛାତି ଧଡ଼ଧଡ଼ ଧୃତି ଖସିପଡ଼େ,
କର-ପଦ ଭିଡ଼ଇ ଜଡ଼ତା,
ମୁଦାଆ ପାହି ନ ଫିଟେ ସଚେତନା
ଆତ୍ମା ଭୁଲିଯାଏ ତା' ସତ୍ତା ।
ଅନାଇବି ନାହିଁ କରେ କେତେ ପଣ
ଠାଣି ଭାଙ୍ଗିଯାଏ ନିମିଷେ,
ଦୂର ଗଗନରୁ ଚେହ୍ରା ଘୁଙ୍ଘାଣିରେ
ତାରି ରୂପେ ଚାହେଁ ହସି ସେ ।
ଚେହେରି ତୋହରି ଚୁମ୍ବ ଦେଇଯାଏ
ଫୁଲବାସଭରା ପବନେ,
ଫେର ମୁଁ ତାହାକୁ ଧରିବି ପାଇଁଲେ
ପଳାଇ ଯାଏ ସେ ବହନେ ।

## ଶରତେ ।

ଶରତର ରମ୍ୟ ଊଷାରେ;
ଝୁରୁ ଝୁରୁ ଗନ୍ଧ ରଙ୍ଗ ଶିଉଳୀର
ପଶିଗଲା ସତେ ନାସାରେ ।
ଶିଶିରଟିବାଳା ସେ କାଁ ତନୁ ଦୁର୍ବଳ
ଝରି ପଡ଼ିଲା କି ସମୀରେ ଦରବ,
ମୋହି ଗଗନ, ପବନ, ଗହନ ଅଟବୀ
ମିଶିଗଲା କୁଞ୍ଜ-କାସାରେ ।
ରଞ୍ଜିତ-ରାଜୀବ-ରୂପ ଚମକାଇ
ଲଳିତ କୋମଳ ପାଖୁଡ଼ା ଫିଟାଇ
ତୋଷିଲା ତା' ମନ ତରୁଣ-ତପନ —
କନକ-କିରଣ-ଆସରେ
କହି ନପାରୁଛି ହୃଦ ଟେର,
ଝଲକେ ପୁଲକେ ପୂରଣ ପରାଣ
(ମୋର) ଉଚ୍ଛୁଳିଲା ଶତ ଆସରେ ।

## ଦେଖି ନାହିଁ ବୋଲି ।

ଦେଖିନାହିଁ ବୋଲି କହିବ କେମନ୍ତେ
ଦେଖିଅଛି ହୃଦଭିତରେ;
ଦେଖି ନାହିଁ ବୋଲି କହିବ କେମନ୍ତେ
ଲାଗିଅଛି ନେତ୍ର-ପଟରେ ।
ଅଙ୍କିଅଛି ରୂପ ହୃଦ-ଚିତ୍ରପଟ,
'ହେଁ ତ ଦେଖୁଥାଏ ଗୋପନେ କପଟେ,
ତଥାପି ଆସିଲେ କ୍ଷଣେକେ ନିକଟେ,
କହେ ମୁହିଁ ଦେଖିନାହିଁ,
ଦିବାନିଶି ରହିଅଛି ଉଜାଗର
ତାର ଆଶା-ପଥ ଚାହିଁ ।

## ପାହାନ୍ତାରୁ କିଏ ।

୧

ପାହାନ୍ତାରୁ କିଏ ଡାକି ଚାଲିଗଲା
ହୃଦୟ-ଦୁଆରେ ମୋର,
ଦିନ ଦିଶିଗଲି ହେଲାଣିତ ଆସି
ରହିଛି ମୁଁ କାନ ପାରି;

ଆଉ ଯେ ନ ଆସେ ଫେର,
ମୋତେ ବଢ଼ାଇ ଦେଲାଣି ଢେର ।

୨

ପାହାନ୍ତାରୁ କଏ କହିଗଲା କଥା
କାନେ କାନେ ସଂଗୋପନେ,
ମରମେ ମରମେ ବାଜିଗଲା ପଦ
ରହିଲି ମୁଁ ଅନ୍ୟମନେ;
ସତେ, ପାହାନ୍ତା କାହାର ଦୂତୀ,
କଥା ତାର ଅତି କୋମଳ ଲଳିତ
କରୁଛି କରୁଣ ଦୂତୀ ।

## ଆଷାଢ଼ ନିଶା ।

ଘନ-ଘନ-ଝଲେ ବିଜୁଳି
ଚମକେ ଛନକେ ଉଜୁଳି
ଆଷାଢ଼ ନିଶାରେ ବରଷା-ଆସାରେ
ଫୁଟିଲାଣି ଯୁଥୀ-ମଞ୍ଜରୀ
ଦୂର ଆକାଶରୁ କା' ଆଖି ଅପାର
ସତେ ପଡ଼ିଲାଣି ଲୁହ ଝରି
ତା' ତନୁ-ଗନ୍ଧ କି ସୌରଭ ସମୀର
ବହିଟାଏ ଫୁଲ ପଟଳୀ ।

## ତାରାଟି ପରାଏ ।

ତାରାଟି ପରାଏ ଦୂର ଆକାଶରୁ
ତୁହୁଁ ଦେଲ ମୋତେ ଆଦରେ,
ଚିର-ଜୀବନ ମୋ' ସଞ୍ଚିତ କଲୁଷ
ହରିଲ ନିମିଷ ମଧ୍ୟରେ ।
ପଲକେ ପୁଲକେ କମ୍ପି ଅପଘନ
ଥନ ଥନ ତେବନ ଲୋଚନ,
ଛନ ଛନ ମନ ଗୋପନ-ପ୍ରଦେଶ
ବହେ, ଘନ ଶ୍ୱାସ ପବନ ।
ତାରାଟି ପରାଏ ମେଘଆଡୁ ଆଲେ
ଲୁଚିଗଲୁ କ୍ଷଣେ ବଦନ,
ପାଗଳ ପରାଏ ବିରହ ଅକୁଳଁ
ହୃଦ କି ଭୁଲିଲା ସ୍ପନ୍ଦନ ।

## ତୁମରୂପ ଛବି ।

ତୁମ ରୂପଛବି ଦେଖିବ ଦେଖିବା
କେତେ ମୁଁ କରୁଛି ଯତନ
କମଳ-ଚନ୍ଦ୍ରମା-ଚାନ୍ଦନୀ-ଚନ୍ଦନ
ସେ କି ତୁମ ରୂପ ରତନ—
ଚମ୍ପାର ଉଦ୍ଧ-କନକ-ଚିକ୍କଣ
ଭଙ୍ଗପରି ତୋରି ତନର,

ବାସ ଝଲମଲ, ନୀରଦ-ନୀଳିମେ,
ବର୍ଣ୍ଣ ଶୋଭେ ଇନ୍ଦ୍ରଧନୁର ।
ଫୁଲ ସାଜ ସବୁ ପିନ୍ଧିଛ ସଜାଡି
ବସନ୍ତ-କୁସୁମ-ପଟଳୀ
ନୀଳ ସରୋବରେ ପାତିଛ ଆସନ
ଫୁଟାଇ କମଳ-ମଣ୍ଡଳୀ
ଚନ୍ଦନ କେତକୀ-କୁଙ୍କୁମ-ଅତରେ
ଅଙ୍ଗ କି କରିଛ ସୁବାସ,
ତରୁଣ-ଅରୁଣ-କନକ-କିରଣେ
ହସଣି ମଞ୍ଜୁ ମୁଖ ସୁହାସ ।

## ଆଶା ।

ଦେଖା ଦେଲେ ସବୁ କହିବ ଯାଇଛି
ଦେଖା କାହିଁ ମିଳୁନାହିଁ
ତୁମ ଲାଗି କେତେ କଷଣ ସହୁଛି
କେତେ ଦୁଃଖ ତୁମ ପାଇଁ ।
ଆଶାରେ ଆଶାରେ ବିତୁଥାଏ ଦିନ,
ଆଶା ଅପି ହେଲା ଦିନୁଁ ଦିନୁଁ କ୍ଷୀଣ,
ମାସ ମାସ ହେଲା ବରଷରେ ଲୀନ,
ତୁମ ଆଶା ପଥ ଚାହିଁ ।

# ଅଭିମାନେ ।

ଆଶ୍ଚ ଆସ ବେଳେ ଡାକିବି ଚନ୍ଦ୍ର ହେ,
　　　　ତୁମେ ନ ଆସିବ ଛଳେ,
ଯାଉ ବିତଣ୍ଡି ତୁମ ଚରଣରେଣା ଗୋ,
　　　　( କିପାଁ ) ହୃଦେ ନ ହୋଇବ ବିଚଳି ।
ଆନ ଆପଣତ ନାହିଁ ମୋହର ହେ
　　　　ବସ ହୃଦ-ସରସୀଜେ
ନିଜ ପ୍ରାଣ ଆତ୍ମା ସଜାଡ଼ି ଦେବ ମୁଁ
　　　　ଅଉ, ପାଦ ତଳେ ଦେବ କିଏ ।

## "ତୁମ—"

ତୁମ ଦେଇଥିବା ମୁରଲି ମୁରଟିଜ
　　　　ଗାଉଛି ତୁମର ନାମଟି
ଆନ କାର୍ଯ୍ୟ ଲାଗି ହୋଇଛି ଅଳସ
　　　　କରେ ମାଜି ତୁମ ଧାମଟି ।
ତୁମରି ଦରବେ ତୁମରି ବଜଣୀ
　　　　ସଜାଇ ବସିଛି ବଜାରିଗ
ତୁମରି ଚନ୍ଦନ ତୁଳସୀ ଯେସନ ମୁଁ
　　　　ବସିଛି ତୁମରି ପୂଜାରେ ।

## ମୋ କର୍ମ ।

କର୍ମ ମୋର, ନହିଁ କହିଛି ତୁମ
ଆଦେଶକୁ ଅଛି ଜାଣି,
ସୁଖେ ଦୁଃଖେ ମୋର ଭାଗ ବାଣ୍ଟିବାକୁ
ତୁମକୁ ମୁଁ ଜାଣୁନାହିଁ ।
ମରମେ ମରି ମୁଁ ଯିବା ଶରବସ୍ତି
କାନ୍ଦବ ବରଷ ଦେଖି
ତୁମରି ଆଦେଶେ କର ଚରଣ ମୋ'
ଲୁଚିବ ଜଗତ ଦୁଃଖେ
ଭ୍ରମେ ଭ୍ରମେ ନିତି ଚାଲୁଥିବ ବାଟ
ଲୋଡ଼ା ନାହିଁ କହୁଥିଲ
ତୁମ ସ୍ନେହ ଧ ଖସ୍ର ବରଷା-ଆସାର
ଯେତେ ପାରୁଥାଅ ଢାଳ ।

## ହେଲା ।

ପତିତପାବନ-ନାମ ବହି ପ୍ରଭୁ
ପତିତକୁ କଲ ହେଲା;
ଅକୂଳେ ଅକୂଳେ ବ୍ୟାକୁଳିତ ବନ୍ଧୁ
ବୁଡ଼ିବ ମୋ ଜୀବନ-ଭେଳା ।

ଆରତେ ଡ଼ାକିଲେ ତୁମ୍ଭେ ନ ଶୁଣୁଛ;
ଏ ପୁଣି ପ୍ରଭୁ କି ଲୀଳା ଦେଖାଉଛ;
ଅନନ୍ତ-ଅର୍ଣ୍ଣବ-ଅମ୍ବୁରାଶି ତଳେ
ବୁଡ଼ି, ସରବ ମୋ ଭେଳା ।

ଦୟାମୟ ହରି କିପାଁ । ନାମ ତବ,
ଭକତ-ବତ୍ସଳ ଦେଖିକ ଗୌରବ,
ପ୍ରଭୁ ପ୍ରଭୁ କହି ଯିବ ମନ୍ଦ ଜୀବ,
ମାର ମାର ଏହି ବେଳା ।

ତାରଣ, ମାରଣ, ପାପୀ-ଉଦ୍ଧାରଣ,
ଅଙ୍ଗ ନି ଆଗରେ କରଛ ଧାରଣ,
କୋଟି ବିଶ୍ୱ ସୃଜି କରୁଛ ପାଳନ
ମୁଠାଁ ଗୁର ମାଟି-ଢେଳ! ।

ମାଟିଦେହ ତୁମ କୃପାରେ ବଞ୍ଚୁଛି,
ମାଟି ଘଟେ ତବ ପୀରତି ସଞ୍ଚୁଛି,
ତେଣୁ କହେ ତୁଚ୍ଛ ନପାର ବୁଝୁଛି
ଦେଖାଅ ଏ ମାୟାମେଳା ।

# ଗୁହାରି ।

ତୁମରି ଶ୍ରୀମୁରେ ଗୁହାରି ମୋହର
ତୁମେ ନ ଶୁଣିବ ସତେକି,
ଦୟାର ସାଗର ନାମ ବହି ପୁଣି
ହୋଇବ ନିଷ୍ଠୁର ଏତେ କି
ତୁମେ ନ ଶୁଣିଲେ ନ ଯିବ ମୁଁ ଗୃହ
ବସିଥିବ ଜଗି ଦୁଆର;
କାନ୍ଦି ଗଡୁଥିବ ତୁମରି ପାଦରେ
କରୁଥିବ ଯେତେ ପ୍ରହାର
କହନ୍ତି ହେଲା କେ ଅଜ୍ଞାନ ବାତୁଳ
ତହିଁ ମୋର କ୍ଷୋଭ କିପାଇଁ,
ତୁମରି ସକାଶେ କଳଙ୍କ-ଭୂଷଣ
ଦେବ ମୋର ସୁଖ ବଢ଼ାଇ !
କେଉଁ ସତ୍ୟଲୋକେ ଅବା ଦୂର ସ୍ୱର୍ଗେ
ଥାଅହେ ବସିକ ସଢତ,
ମୋ' ଭରସା କିନ୍ତୁ ଅଛ ମୋ ପାଖରେ
ଅଛୁଁ ପରସ୍ପରେ ଯୁକତ
ଅଛ ସତେ ହାତ ଦେଇ ଆଖି ମୁଦି
ତେଣୁ ମୁଁ ଦେଖି ନ ପାରଇ,
ତୁମରି କୋମଳ ପରଶ ଲଭି ଟି ଗୋ,
ଅକାରଣ କ୍ଷୋଭେ ମରଇ।
କାଢ଼ି ଦିଅ ହାତ ଆଖି ଉପରରୁ
ଗୃହେଁ ବାରେ ମୋତେ ସଖାହେ,
ନୟନେ ନୟନ ମିଳି ମୋ' ପ୍ରାଣର
ଘୁଞ୍ଚୁ ଅବସାଦ ଦକା ହେ।

# ସାଧନା

କେତେ ସାଧିଲିଣି ଚରଣ ଧରିଣ
ଥରେ କଥା କହି ଯାଅହେ,
ଥରେ ସୁମଧୁରେ ବାଣୀ ବୋଲି ମୋତେ
ଦୂରେ ଦୂରେ ଯଦି ଥାଅ ହେ ।
ରୂପଟି ଲୁଚାଇ ରଖହେ ଯତନେ
ଥରେ ଛେବା ଦେବ ଲୋଚନେ
ଅଛିତ ବିଶାଳବିଶ୍ୱ—ପରିପୂରି
ତବ ରମ୍ୟ ରୂପ ମୋହନ ।
ପଡିନା ଗୀତ ଗାଇ ଯାଅ ପ୍ରାଣ ପଟଳୁ
ଦରଷ୍ଟ ଷଡ୍ର ରାତରେ;
ବର୍ଣ୍ଣଭରା ତବ ନୂପୁର ସ୍ୱର
ଶୁଣିବ ମୁଁ ଅନୁରାଗରେ ।
ଖାଲି, ତୁମର ଅଧର ହସଟିକ ଲାଗି
ତୁମର ନୟନ ଗୁହାଣୀ,
ଖାଲି ତୁମର ସୁନ୍ଦର ପ୍ରିୟ ଅନୁଭୂତି
ମାଗେଁ ମୁଁ ଅଧମ ପରାଣ,
ସୁନାର ସଂସାର ରଖିଚିହ ତୁମର
ଗଢ଼ି ଅନପାଇଁ ଯତନେ,
ଖାଲି, ତୁମର ପଦ୍ମର ପଜ କନ୍ତ-ସୁଧା
ଢଳେ ମାତ୍ର ଦିଅ ଅଧମେ

ତୁମ ମଣିହାର, ତୁମ ବସ୍ତ୍ର ଦର୍ପ
ଅଉ କାହାପାଇଁ ଲୋଡ଼େ ସେ,
ତୁମ ପାଦତଳେ ରହିବା ସକଳ
ସ୍ୱର୍ଗେନ୍ଦ୍ର ଭୂଇଁ ରହେନ ।
ତୁମର ବିଭୂତି, ତୁମର ଶକତି,
ଅଉ କାହାପାଇଁ, କହର;
ତୁମ ପ୍ରେମ-ସୁଧା ଢାଳିଦିଅ ମୋତେ
ମେଲଇଛି ହୃଦୟର ।
ରାଜା, ମହାରାଜା କରିଚନ୍ତି କାହାକୁ
ସୁଯଶ ଦେଇଚନ୍ତି ଅପାର,
ନିଜର ପରାଏ ରଖିଥାଅ ମୋତେ
ଜଗାଇଣ ତବ ଦୁଆର

## ମୁଁ ଦେଲି ।

ମୁଁ ଦେଲି ମୋହର ସନ୍ତୁଷ୍ଟା ତଥାପି
ନ କହିଲ ମୁଖ ଫିଟାଇ,
ତୁମେ ଦେଲ ଭିକ୍ଷା ତଣ୍ଡୁଳ ଟଣ୍ଡାକ,
ତେଣୁ ଧେଣ୍ଡୁରୁ ଦେଲକି ଫିଟାଇ ।
ମୁଁ ଦେଲି ମୋହର ଦେହ, ଆତ୍ମା ପ୍ରାଣ,
ତୁମେ ଦେଲ ସ୍ନେହ-କଣାଟି

ତଥାପି ମୋହର ମୂଲ ନ ହୋଇଲା,
କାହିଁରେ ନୋହିଲି ଗଣାଟି ।
( ବାସନ୍ତ ଗୋଲାପ, ନିଦାଘ-ମଲ୍ଲିକା,
ଯୂଥିକା ବରଷା କାଳର
ଶରଦ ଶେଫାଳୀ, ହିମ କୁଞ୍ଜଲତା
ଶତବର୍ଗ ଫୁଲ ଶୀତର,
ଯାହାନ୍ତ୍ୟ ତାର, ଦୂରବନ-ବେଣୁ
ମଧୁର ମୋହନ କ୍ୱଣ,
ମେଘର ବିଜୁଳି ସନ୍ତର ଗୋଧୂଳି,
ଅନ୍ଧ ନୟନର କିରଣ ) ।
ମୁଁ ଭାବିଲି ତୁମେ ସବୁଟା ମୋହର,
ତୁମେ ଭାବିଲ ମୁଁ ଭିକାରି,
ବୃଥା କର୍ମଫଳ, ଦୁଃଖଜଞ୍ଜାଳରେ.
ପ୍ରାଣଟି ହୁଏ ମୋ ଧିକାରି ।
ଚିର ଅନୁତାପେ ଦଗଧ ହିଆ ମୋ,
ଭାବଇ କରେ ମୁଁ ସୁକୃତ,
ଜୀବ ଗଞ୍ଜଣାରେ, ଲୋକ ଲାଞ୍ଛନାରେ;
ଅମୃତ ଭିଲେ ମୋ' ଅନୃତ
"ପୋଡା କପାଳ ମୋ' ! ପୋଡା କପାଳ-ମୋ", "
କେତେ କହି ବୁଲୁଥିବ ଗୋ,
ପୋଡ଼ ଏ କପାଳ ଏକାଠିକଲେ ପ୍ରଭୁ
ଯାଉ ମୋ' ଯାତନା ଲିଭି ଗୋ ।

ତୁମ ସରସନ୍ନ ହେବା ମୋʼ ଦୁରାଶା,
ଅକାଶେ କୁସୁମ ତୋଳିବା,
ପିପାସା-ଅକୁଳେ ମରୁପ୍ରାନ୍ତରେ କ
ବୃଥାଶ୍ରମେ କୂପ ଖୋଳିବା ।
ତୁମେ ମହାପ୍ରଭୁ ମୁଁ ଦୀନ ମାନବ
ତୁଚ୍ଛ ଅତି ମୋର ଗୁହାର,
ନ ଶୁଣିବ ଯଦ୍ଧ ମୋʼ କାକୁ ବଚନ
ଲୋଡ଼ା ନାହିଁ ଦୟା କାହାର ।
"ପୋଡ଼ା ମୋʼ କପାଳ ପୋଡ଼ା ମୋ କପାଳ"
କହି ନ ବୁଲିବ ଜଗତେ,
ହସିବ ଯଦ୍ଧ ବା ଆନ ସନ୍ନିଧାନେ,
କାନ୍ଦୁଥିବ ନିତି ଗୁପତେ ।

## "ଅବିଶ୍ୱାସ ।"

କରିଛ ବାରଣ ଥିବ ମୌନ ହୋଇ
ନ କହିବ କିଛି କଥା ହେ,
ଗୁପି ରଖିଥିବ ହୃଦୟ ମଧ୍ୟରେ
ହୃଦୟର ଶତ ବ୍ୟଥା ହେ ।
ସକଳେ ଦେଖିବ ନୟନ ପଲ୍ଲବେ
ନୟନର ଝର ଲୋତକେ,

ଛାଡ଼ି ଯିବ ନାହିଁ          କାହାରି ସମୀପେ
ହରଷ, ବିଷାଦ, ପୁଲକ ।
ଦୀର୍ଘ ଦିନ ମୋର          ବହି ଯିବ ଏକା
ସୁଦୀର୍ଘ ରଜନୀ, ବର୍ଷ ତେହ,
ନିର୍ମମ ନିଷ୍ଠୁର          ତୁମେ ନ ଆସିବ
ଭୁଲିଯିବ ମନମଧ୍ୟୁଁ ସେହ ।
ଭବ-କାରାବାସ          କେବେ ମୋ' ସରିବ,
ପ୍ରାଣପକ୍ଷୀ ଉଡ଼ି ଯିବଟି, ।
ସେହି ଦିନ ଯରି          ରହିବି ମନରେ
କ୍ଷଣେ ନ ଶୁଣାଇ ସ୍ୱବଟି ।
ଚିତ୍ତ ଉତ୍ତେଜନା,          ଜ୍ୱଳନ୍ତ ବାସନା,
ହୃଦୟେ ରଖିବ ଗୋପନେ,
ମୋ କାମନାରାଶି          ହୃଦେ ଝରି ମିଶି
ହୁତାଶ ନୋହିବ ଲପନେ ।
ଘୋର ହାହାମୟ,          ଚିର ଜ୍ୱାଳାମୟ
ହୋଇବ ଜୀବନ ବାସର,
କେହି ନ ବୁଝିବେ,          କେହି ନ ଦେଖିବେ
ତୁମ ବିନା ବନ୍ଧୁ ମୋହର ।
ତୁମେ ବହୁ ଦୂରେ          ମୁହିଁ ବହୁ ଦୂରେ
ଅନନ୍ତ ବିଚ୍ଛେଦେ ବିବଶା,
ତୁମ ରୂପ କିନ୍ତୁ          ଆକାଶେ ପବନେ
ଦେଖିବା ମୋହର ଭରସା ।
ତୁମ କଣ୍ଠ କେବେ          ଯାଇ ନ ପାରିବି
ଧରି ନ ପାରିବ ତୁମକୁ,

ଚକୋରେ ତୋଳିଦେବ     ବାଛୁଁ ନେଇ ଧନ,
ବାଦଲର ସିନା ମୁଁ ମନକୁ ।
ଅତୁଳ ପିପାସା     ବଢ଼ାଇଣ ନିତ
ନ ତୋଷିବ କେବେ ହଳିଛନ,
ଅନ୍ତରଜ ସିନା     ହୋଇ ଝଟକି
ନ ଖସିବ ସ୍ମୃତି ଅନଳେ ।
ଫେଡ଼ାଇ ଫୁଲ     ଚୋରି ବର୍ଣ୍ଣ, ରୂପ,
ଫୁଟାଇ ଲଭିବ ଉଦ୍ୟାନେ,
ତୋତେ ନ ଦେଖିଣ     କରିବ ବାରଣ
ଫେରିଯିବ ସୁଗନ୍ଧ ପବନେ ।
ଅମୃତ ସ୍ନେହରେ     ବଧାଇଁ ସଦା
ମୁଖକୁ ନେବ ତ ଛଡାଇ,
କନକ-କାନନେ     ପଦ୍ମ ତୋଳି ନେଇ
ମାରିବ ଢେଉରେ ବୁଡ଼ାଇ ।
ଦୂର କାନନରେ     ବାଜୁଥିବ ବାଁଶି
ଲେଉଟି କରି ବଣା ଦେଇ,
ଧାଇଁ ଧାଇଁ ଯିବ     ଦେଖା ନ ପାଇବ
ବାନ୍ଧି ନେବ ଆଖି ଲୁଣା ଦେଇ ।
ଦୂର ଆକାଶରେ     ମେଲାଇଣ ଦେବ
ରୂପର ମୋହନ ପସରା,
ଦୂରୁଁ ଦେଖୁଥିବ,     ପ୍ରାଣେ ନ ଲଭିବ,
ନେଇଁ ବନ୍ଧୁର ଅସରା ।
ମଧୁର ବଚନେ,     ମଳୟ ମାରୁତେ,
କଳ-କୁଞ୍ଜକିନର କଣ୍ଠରେ,

ନକ୍ଷେ-ଗାଳମାଳେ,　　　ଚନ୍ଦ୍ର ସୁଷମାରେ,
କୋମଳ ପଲ୍ଲବ ପତରେ
ଫୁଲ୍ଲ ପରିମଳେ,　　　ବିକଚ-କମଳେ,
କୁସୁମିତ ଲତା-କୁଞ୍ଜରେ ।
ତଟିନୀ ସଲିଳେ,　　　ଅନନ୍ତ ହିଲ୍ଲୋଳେ,
ସିନ୍ଧୁ ବେଳାଭୂମି ତଟରେ ।
ତୁମେ ବିକଶିବ　　　ତୁମର ସ୍ୱରୂପ,
ଆକୁଳ କରଣ ପ୍ରାଣକୁ,
ପବନ ପରଶେ,　　　ଛୁଇଁ ଛୁଇଁ ଯିବ
ଧରା ନଦେବ ମୋ' ହାତକୁ ।
ବସନ୍ତ ବାସରେ　　　ଝୁରି ମୁଁ ମରିବ
ତୁମେ ନ ଆସିବ କେବେ,
ତୁମେ ନ ଶୁଣିବ　　　ତୁମେ ନ ଚାହିଁବ
ଫିଙ୍ଗି ଦେବ ମୋର ପ୍ରୀତିକି ।
ବରଷା-ନିଶାରେ　　　ଗାରବ ଭାଷାରେ
ଧୀର ଝର ଝର ତାନରେ,
ମେଘ-ଅନ୍ଧାରିତ　　　ଦୂର ଆକାଶରୁ
କହୁଥିବ କଥା କାନରେ
ଧବଳ-ଗୃନ୍ଧନୀ-　　　ବୋଳା ଶରତର
ଶେଫାଳୀ-କଳିକା ଫୁଟାଇ,
ଆକୁଳିବ ପ୍ରାଣ　　　ଉପଚେ ମୋହର
ମଧୁମୟ ବାସ ଲୋଟାଇ ।
ହେମନ୍ତ ଦିନାନ୍ତେ　　　ଦିଗ୍‌ଳୟ ପ୍ରାନ୍ତେ
ଗୋଧୂଳି ପରଶ ବୁଲାଇ,

ନୂତନ ସମୀରେ          ଅପରୂପ-ରୂପେ
ଆସିବ କି ନଭୁଁ ଓହ୍ଲାଇ ।
ଧରିବାକୁ ଯାଇଁ          ଗଲେ ପଳାଇବ
ଆଉ ନ ଦେବଟି ଦେଖା ହେ,
ଖାଲି ଅଭିମାନ-          ତପ୍ତ ଶଳାକାରେ
ହୃଦୟୁ କାଟିଣ ରେଖା ଦେଇ ।
ଦୀର୍ଘ ବନପଥେ          ଭୁଲାଇ ନେଇଣ
ହଜାଇ ଦେବ କି ଅରଣ୍ୟେ
ଖେଳ ଦେବ କିବା          ପଦକ୍ଷେପେ ବନ୍ଧ
ପ୍ରଥମେ 'ଭୁଲାଇ ହରିଣେ ।
ସରୋବର-ସ୍ଫଟିକ          ଛୁଟି ପଳାଇବ
ଦେବ ଝମ୍ପ ପ୍ରସ୍ରବଣରେ ।
ସିନ୍ଧୁ ତୀରେ ଯେବେ          ଛୁଟି ପଳାଇବ
ପ୍ରଚଣ୍ଡ ତରଙ୍ଗ ମୁଖରେ ।
ନବୀନ ଅଗ୍ରତେ          ଫେଣ୍ଟି ଛନ୍ଦିବାକୁ
ଅକୂଳ କରିବ ଅନ୍ତର,
ଦଣ୍ଡାଦେ ପଶ୍ଚାତେ          ବୁଝିବି ମୋ' ଭ୍ରମ
ବୃଥା' ଆଶା-ସୁଖ ମାତର ।
ଆଗପଛ ମୋର          କିଛି ନ ରହିବ
କେବଳ ଅଳୀକ ଚଞ୍ଚଳ,
ଭବମାୟାରୂପେ          ଭୁଲିଣ ସେଥିକୁ
ଦେଖିବ କୁତ୍ସିତ କଙ୍କାଳ ।
ଦୂର ନହେଉଛିଲ          ଯାହା ମିଥ୍ୟା ତା'

ଘନ ଅନ୍ଧକାର ଭେଦଣ,
ଜଳିଁ ଥିଲା ପର    ଦୁଃଖ-ତମଃ ଭେଦନ
ସୁଖ-ଆଶା ହବ 'ଉଦ୍ଦଣ ।
କିନ୍ତୁ ଦୁଃଖ-ନିଶା    ହୋଇବ ପ୍ରଭତ
ଜୀବ ଯିବାଯାଏ ସଙ୍ଗେ ହେ,
ଦୁଃଖେ ଥାଇ, ଦୁଃଖେ    ସୁଖ ପଣୁଥିବ
ହୋଇବ ବିବଶ, ଥକା ହେ ।

ହେ ଭବ-ନିୟନ୍ତା!    ଏଥକି ତୁମ୍ଭର
ନିଷ୍ଠୁର ନିୟମ ମୋ' ପାଇଁ,
କେତେ ଅଭିଯୋଗ    କରିବି ଚରଣେ
ନୟନ-ସଲିଳେ ତିନ୍ତାଇ ।
ଶୁଣ ବା ନଶୁଣ    କିଛି ନ କହିବି
ନ କରିବି କିଛି ପ୍ରାର୍ଥନା;
ତୁମ୍ଭେ ଯାହା ଦେବ    ତୁମ୍ଭେ ଯା' କରିବ
ନୋହିବି ତହିଁରେ ବିମନା ।

ତଥାପି ବିଶ୍ୱାସ    ଆଶାପ୍ରେମ ଦେଇ
ଦୁଃଖକୁ ସୁଖ ମୁଁ ମଣିବି,
ଯେ ଯାହା କହନ୍ତୁ    ନ ଶୁଣିବି କିଛି
ତୁମ୍ଭ ନାମ-ଗୁଣ ଭଣିବି ।
ସଂସାର ସେବାରେ    ଲଗାଇଣ ମନ
ରହିବି ତହିଁରେ ନିରତ,
ଅନ୍ତେ ଯା' କରିବ    ଜଣା ତା' ତୁମକୁ,
(ତେଣୁ)    ଭାବନାରୁ ହେବି ବିରତ ।

# ନିର୍ଦ୍ଦୟ !

ସାରାଦିନ ବସି ଜଗିଲି ଅକୁଳେ
ତୁମ ଆଶା-ପଥ ଚାହିଁ,
ଆସିବ ଆସିବ କହୁତ ଛଳିଲ,
ଦଣ୍ଡେ ଦଣ୍ଡେ ପ୍ରାଣ ଯାଇ,
ଜୀବନର ସଞ୍ଜ ଅନ୍ଧାରେ ଆସି ଗୋ
ଦେଖା ଦେଲ ଯେବେ ବାରେ
ଛନ୍ଦାଇଲ ଗାତ୍ର ଦାରୁଣ ପ୍ରହାରେ,
ଚକ୍ଷୁଯୁଗ ଅଶ୍ରୁଧାରେ ।
ସାରାଦିନ ଖରା ଖାଇଲି ତୁମର
କାରଣେ ଜଗି ମୁଁ ବାଟ,
ଦାରୁଣ ହୃଦୟେ ଦୟା ନୋହିଲା କି
ମାରୁଛ କୋରଡ଼ା ଘାଟ,
ତୁମ କର୍ମ ତୁମେ କୁହ ମହାପ୍ରଭୁ
ପାପୀ ଅଧମ କି କୁହେଁ,
ନିତ ନବ ନବ ଆଶା, ଅକାରଣେ
ଦୁଃଖ ନିତ ନବ ସହୁଛି ।

ଛୁଡିଣ ତୁମକୁ          ଯିବ କାହାଠାକୁ
ଭବ-ବଣେ ହେବ ବଣା ହେ ।
ତାରଣ କାରଣ          ଧରଣୀ ଧାମରେ
ତୁମ୍ଭ ବଡ଼ପଣ ସିନା ହେ,
ତାରଣ, ମାରଣ,          ତୁମ୍ଭର ଅଧୀନ
ତାରେ କିଏ ତୁମବିନା ହେ ।
ପତିତ ପାବନ          ଦୁରିତ ଦହନ,
ହର ମୋ ମାନସ ଯାତନା,
ଝାଣିନଅ ମନ          ଚରଣ ତଳକୁ
ଅନ୍ତରେ ପୋଷିଛୁ ବାସନା ।

# ଅଭିଯୋଗ ।

ସବୁ ନେଇ ଶୂନ୍ୟ          କରୁଅଛ ମୋତେ
ପୂରୁଅ ସକଳ ଦେଇଣ,
ନେଲ ମୋତେ ହର,          ନେଲ ମୋତେ ଧର,
ଜୀବନେ ବଞ୍ଚାଇ ମାରଣ ।
ନେଲ ଗୁଣ, ଜ୍ଞାନ,          ନେଲ କର୍ମ, ଧ୍ୟାନ,
ଧନ, ମାନ, ବିଦ୍ୟା-ଭୂଷଣ;
ଦୁଃଖ ହେଲା ମୋର          ଚିର ସହଚର,
ନାହିଁ ତ ହେଗଲ ମରଣ

ଯାହା କରିବାକୁ ନ ଚାହେଁ ପରାଣ;
ଯାହା କହିବାକୁ କରେଁ ମୁଁ ବାରଣ;
କଲ ତାହା ପ୍ରଭୁ, କହିଲି ତାହା ମୁଁ,
ନିନ୍ଦାକୁ କଲିଟି ଭୂଷଣ ।
କହ କହ ପ୍ରଭୁ କହ ମୋତେ ଆଜ,
କିପାଁ ଦିଅ ଏତେ କଷଣ,
ଝରଇ କିପାଁ ମୋର ଏତେ ଅଶ୍ରୁଝର,
କହ କେଉଁ କାର୍ଯ୍ୟ କାରଣ ।

## ଛଳନା ।

ଦଣ୍ଡେ ଦଣ୍ଡେ ମୋତେ ରଖୁଛ ଭୁଲାଇ
ଅସାର ସଂସାର ଦେଖାଇ,
ଯେବେ ଛୁଇଁ ମୁଁ ତ କାନ୍ଦି କାନ୍ଦି ତୁମ
ପଛରେ ଯାଉଛି ଦଳାଇ ।
ଲୁଚି ଯାଉଅଛ ପୁଣି ଥରେ ଥରେ,
ଖୋଜି ମୁଁ କାନ୍ଦଇ କି ବିକଳ ସ୍ୱରେ,
ଏହି କି ତୁମର ଲୀଳା ହେ,
କାଣ୍ଡାରୀ ହୋଇକି ଛାଡି ପଳାଉଛ
ଅକୂଳେ ଜୀବନ-ଭେଳା ହେ ।
ତୁମେ ମୋର ଜପ, ସାଧନା, ଧାରଣା,

କିପାଁ ଦିଅ ମୋତେ ଅସାର ଖେଳନା,
ଭୁଲିବ ନାହିଁ ମୁଁ ମାଟିକୁ କୁଣ୍ଢାଇ,
ବନ୍ଦ ନୋହିବ ମୋ କାନ୍ଦଣା ।
ମାର ପଛେ ଅସି ମାର ହେ,
ଅଥବା ଅଧମେ ତାରହେ,
ଅବୁଝା ବାଳକ ପରିଏ କାନ୍ଦିବ
ସବୁ ସୁଖ ଗଣି ଛାର ହେ ।

## ଦୀନ ।

ଦୁଆରେ ତୁମର ହେଉଛି ହକାର
ଦାଣ୍ଡର ମୁଁ ଦୀନ ଭିକାରି
ଅଟେ ନଗ୍ନ କିପାଁ    କରିଁ କି ମାଗୁଣି
ଥିଲି କିବା କେବେ ପଚାର ।
ଛିଣ୍ଡା କନ୍ଥା ବେଢ଼ି    ତୁମ ପ୍ରାସାଦର
ତଳେ ବସି କରେ ଗୁହାର ।
ତଣ୍ଡୁଳ ଟଣ୍ଡାକ    ନଦିଲେ ଦାନାନ୍ତେ ।
ନଗ୍ନ ହୋଇ ତବ ଦୁଆର ।
ଭଙ୍ଗା କେନ୍ଦରା ମୋ'    ସ୍ୱର ତୁମ କାନେ
ପଶିକି ଯାଉଛି ବାହାର ।

ବ୍ରହ୍ମାଣ୍ଡ-ଠାକୁର          ନାମ ବହୁ ପ୍ରଭୁ
ଦୁଃଖ କି ନ ଦେଖ କାହାର ?
ଅବା ଦୀନ ମଣି          କର ମୋତେ ଘୃଣା
ଧନ ତେଣୁ ନାହିଁ ପଚାର
ଧ୍ୟାନ ବିନା ଭ୍ରମ          ଲାଗି ମହାପ୍ରଭୁ
ମନରେ ବୁଝହେ ବିଚାରି ।

## ଗୁରୁ ପାଦଧୂଳି ।

ଗୁରୁ ପାଦ ଧୂଳି,          ଗୁରୁ ପାଦଧୂଳି,
ନାହିଁ ମୋର କିଛି କାମନା,
ପାଦଧୂଳି ହୋଇ,          ପାଦେ ମିଶିଯାଇ
ରହିବି ପାଦରେ, ବାସନା ।
ଗୁରୁ ପାଦଧୂଳି,          ଗୁରୁ ପାଦଧୂଳି,
ସେହିତ ମୋହର ସାଧନା,
ସେ ପାଦେ ପଡ଼ିଣ          ହେଲେ ଲୀନ ମୋ ଚିତ୍ତ
ଲଭିବ କଳୁଷ ମର୍ଦ୍ଦନା ।
ତବ ପଦତଳେ          ଅଧୀନ କର ହେ
ନାଶିଣ ସକଳ କାମନା,
ଗୁରୁ ପାଦଧୂଳି,          ଗୁରୁ ପାଦଧୂଳି,
ପ୍ରଭୁରେ ଏତିକି ପ୍ରାର୍ଥନା ।

## ଆକାଙ୍କ୍ଷା ।

ଭବ-ମରୁଭୂମି ଛାଡ଼ିବି ମୁଁ କେବେ
ଯିବି ତବ ପ୍ରେମ-ସଦନେ,
ହୃଦୟ-ଦହନ ଲଭିବ ମୋ' କେବେ,
ବୁଡ଼ି ପ୍ରେମାମୃତ-ଜୀବନେ ।

ହୃଦେଁ ବସି ଅଛି ଅକୁଳ ପିପାସା,
ନିତ ପାଦପଦ୍ମ-ଦରଶନ-ଆଶା,
ପ୍ରାଣ ମୋ ଶମିବ, ପିପାସା ମେଣ୍ଟିବ
ଯୁଗଳ-ଚରଣଚୁମ୍ବନେ ।

ମୁଁ ତ ପ୍ରଭୁ ତବ କିଣା ଅନୁଚର,
ଚରଣକୁ ନିଅ ଚରଣ-କିଙ୍କର,
ପରାଣେ ପରାଣେ ବାନ୍ଧି ଦେ ଗୋପନେ
ଦୃଢ଼ ତବ ପ୍ରେମ-ବନ୍ଧନେ ।

ସତନେ ଯତନେ, ବସି ଦିବାନିଶି,
ଯୁଗଳ ପାଦତଳେ ଯିବି ପରା ମିଶି,
ନିଜସ୍ୱ ବସନ୍ତି, ତୁମଠରେ ହଜ,
ହେବ ଶୂନ୍ୟ ସର୍ବ ଅର୍ପଣେ ।

କ୍ଷୁଦ୍ର ଅହଂକାର ହୋଇଯିବ ଲୀନ,
ତୁମ୍ଭ ପ୍ରେମଜଳେ ବୁଡ଼ି ଅହ୍ଲାମୀନ
ମୋ' ରୂପ ନ ଦେଖି ତୁମକୁ ନିରେଖି,
ଲଭିବ ଅମୃତ ଜୀବନେ ।

# ପାଖରେ ।

ପାଖରେ ବସି ତ କାନ୍ଦୁଛି ହୃଦୟ
ପାଖକୁ ନଅ ମୁଁ କହୁଛି,
ପାଖରେ ଥାଇ ମୁଁ ଦେଖି ପାରୁନାହିଁ
ଅକାରଣେ ଦୁଃଖ ସହୁଛି, ।
ଭିତରଟା ଯାର ସବୁତ ସୁନ୍ଦର
ମାଟିବୋଲା ସୁନାପିଣ୍ଡ କି,
ବାହାରଟା ଯାର ସବୁତ କର୍କଶ
ଶୀଳାସ୍ତୂପେ ହୀରାଖଣ୍ଡ କି ।
ମେଘ ଅନ୍ତରାଳେ ଲୁଚନ୍ତା ଚନ୍ଦ୍ରମା,
ପତ୍ର ଅନ୍ତରାଳେ ଫୁଲଟି,
ନାରିକେଳ-ଶସ୍ୟ-ସମ ଶୁଭ୍ର ସ୍ୱଚ୍ଛ
କିଏ ଚିହ୍ନିବ ସମତୁଲ କି ।
ଦୂର ଚୂତବନ-ସୁବାସ ଅଥବା,
ଅଦିନା କୋକିଳ-କାକଳି,
ଦୂର ତାରକାର ଆଲୋକ, ଅଥବା
ଘନ-ମେଘ କୋଳେ ବିଜୁଳି ।
ବସନ୍ତର ପ୍ରଭା ଶରତର ଶୋଭା
ସବୁଠୁଳ ତାହାଠାରେ ଗୋ ।
ତାହାକୁ ପାଖରେ ରଖି ମୁଁ ତଥାପି
ମିଛେ ମିଛେ କାନ୍ଦି ମରେ ଗୋ ।

## ଦିଅ ।

ଜ୍ଞାନ ଯଦି ନେଲ ଦିଅ ମୋତେ ଭକ୍ତି
ଦିଅହେ ବିଶ୍ୱାସ ପରମ,
ତୁମର ଚରଣ ଶରଣ ଦିଅହେ
ପରଶ ମୋହର ମରମ,
ବନ୍ଧୁହୀନ ହେଲି ବନେ ବନେ ବୁଲି
ହୋଇଅଛି ପଥ ଭରମ,
ଏଣେ ତେଣେ ଧାଏଁ, ପଥ ତ ନ ପାଏ,
ନାହିଁ ବୁଲେ ମୋର କରମ ।
ଅଶ୍ରୁ, ତପ୍ତ ଅଶ୍ରୁ, ବେଦନା, ଆକ୍ଷେପ,
ଏହି କି ଫଳ ମୋ ଚରମ ?
ତୁମ ପାଦପଦ୍ମେ ଆଶ୍ରୟ ଦିଅହେ
ତହିଁ ଏକା ଶାନ୍ତି ପରମ ।

## ତୁମେ ଅଛ ।

ଆକାଶରେ ଚାନ୍ଦ, ହସେ ମୃଦୁ ମନ୍ଦ,
ତା' ଦେଖି ହସଇ କୁମୁଦ
ତୁମର ସ୍ୱରୂପ-ପ୍ରକାଶ ଦେଖି ମୋ
ହୃଦୟ ଲଭଇ ସେ ମୁଦ ।
ତୁମେ ଅଛ ବୋଲି ଅଛି ମୁହିଁ ବଞ୍ଚି,
ତୁମେ ନାହିଁ ମୁହିଁ ନାହିଁ ଗୋ,

ତୁମର ବ୍ୟକ୍ତିତ୍ୱେ ବନ୍ଧା ମୋ' ସ୍ୱରୂପ
ତୁମ ବିନା ଯିବ କାହିଁ ଗୋ ;
ଧୂଳିଘର ରଚି ବସାଇଛ ତହିଁ
ଖେଳିବି ବୋଲି ମୁଁ ଖେଳ କି
କାନ୍ଦୁ ଅଛୁ ସିନା ଅବଶ୍ୱାସ ଘେନି
ସୁନା ଯାଚ ଦେବ ଭେଲ କି ।
ନାହିଁ, ନାହିଁ, ମାତ୍ର ପରଶି କନକ,
କରଦେବ ସତେ ମଲକେ ;
ସେହିଦିନ ଯାଇ ଖେଳିବି, ମାଟିରେ
ଉଲ୍ଲାସେ ପରମ ପୁଲକେ ।

## କିଏ ତୁ କୋଇଲି ?

ଜୀବନ-ବସନ୍ତେ କିଏ ତୁ କୋଇଲି
କୁହୁ କୁହୁ ଡାକି ଉଠିଲୁ,
ପାଗଳ ପଲ୍ଲବେ ଆକୁଳ ହୋଇଲି
କି ମଧୁର ସ୍ୱନ ଛାଡ଼ିଲୁ
ଶତଫୁଲ ସତେ ଉଠିଲା ମହକି,
ବହିଲା ମଳୟ ସୁଗନ୍ଧି-ବହି କି,
ପଞ୍ଚସ୍ୱରେ ଗୀତ ଗାଇଲୁ କୋହକି,
(କହ) କେଉଁ ରାଇଜରୁ ଆଇଲୁ,
ମୋର କଳୁଷିତ କଳଙ୍କ-ସନ୍ତାପ ବନ୍ଧନ
ଦଣ୍ଡିକେରେ ଆସି କାଟିଲୁ ।

## ଶରଦ୍ଦିନେ ।

ଶରଦ୍ଦିନ ଦୁଇପହର ତାତ,
ପିପାସା ଆକୁଳେ ଗାଈ ଛୁଟ,
ଧୀରେ ଯେବେ ନଇଁ ପଡ଼ଇ ଛାଇ,
ଥରେ ଥରେ ପିକ ଉଠଇ ଗାଇ
ଜୁଟି ଅଟେସ ଦୁରବନ୍ତୁଁ,
ଗୋପ-ବାଳକର ମଧୁର ମୁରଲୀ-
ମୁରଛି ପୁଲକି ତନୁ ।
କାହୁଁ କାହୁଁ ଫୁଲ ସୁରଭି ରାଶି,
ପବନ-ହିଲ୍ଲୋଳେ ଆସୁଛି ଭାସି,
କୋମଳ ଶିରୀଷ ପାଟଳୀ ଫୁଲ,
ସଙ୍ଗେ ଫୁଟେ ମଲ୍ଲି ଶୋଭା ଅତୁଳ.
ବସି ମୁଁ ଗୁନ୍ଥିବ ମାଳୀ
ତବ ପାଦପୂଜା ଲାଗି ମହାପ୍ରଭୁ,
ଭରିବି ଅର୍ଚ୍ଚନା-ଥାଳୀ ।

## ଆଷାଢୁଆ ମେଘ ।

ଗୁରୁ ଗୁରୁ ଡାକେ ଆଷାଢୁଆ ମେଘ
ମାଡିତ ଆସୁଛି ଅନ୍ଧାର,
ପ୍ରାଣରେ ଭିତରେ ବାଜ ଉଠୁଛି କି
ତୁମ ମଧ ଝଣା-ଝଙ୍କାର ।

ଦୂର ପରବତେ ଡାକୁଛି ମୟୂର,
                    ମରମରେ ବାଜ ଯାଏଁ,
କଦମ୍ବ କେଶର ବକଶି ପବନେ
                    ଗନ୍ଧ ସୁମଧୁର ବହେଁ।
ତୁମ ବିଜୁଳି କି ଆକାଶ ଉଜ୍ଜ୍ୱଳି
                    ଖେଳି ଖେଳି ଲୁଚେ ନୀରଦେ,
ତୁମ ବକ୍ର ସତେ ଭ୍ରମରି ଆଦେଶେ
                    କମ୍ପାଏ ଅବଳା ହୃଦେ।
ତୁମ ପୂଜାଲାଗି କୁଟଜ କୁଟଜ ପରା
                    ଫୁଟିଉଠେ ଶୁଭ୍ରଯୂଥିକା,
ପାଦ ଧୋଇବାକୁ ଅଶ୍ରୁ ବର୍ଷାବାରି
                    ଢାଳନ୍ତି କି ତରୁ ବାଳିକା।
ଅତର-ବାସରୁ ବଳକି ପିଇକି—
                    ସୁରଭି ହରୁଛି ହୃଦୟ,
ତୁମ ପ୍ରେମ ସଜ-ସୁମନ-ଦୁର୍ଲଭ
                    ମନ ମୋର କରେ ଅଥୟ।

## ଉଷାରେ।

ଘନ ଅନ୍ଧକାର ଭେଦ କି ହସିଲୁ
                    ପାହାନ୍ତିଆ ତାରା ଉଜ୍ଜ୍ୱଳ
ମନେ ପଡ଼ିଗଲା ସତେ ସେ ତୁମର
                    ମୁଖହାସ ଛବି କମଳ।

ଅପସରି ଗଲା ଧୀରେ ଅନ୍ଧକାର,
ଊଷାର ସିନ୍ଦୁର ଫୁଟିଲା ।
ତୁମ ଆଗମନେ ପାପୀ ମନେ ସତେ
ପୁଣ୍ୟ ଜ୍ୟୋତିଃ ଫୁଟି ଉଠିଲା ।
ଗୋଟି ଗୋଟି ତାରା ଉଭେଇଣ ଗଲେ
ଅରୁଣ କିରଣ ଦିଶିଲା ।
ସଂସାର-ଝଲକ ଲୁବ୍ଧ ମନ ସତେ
ବନ୍ଧୁ ପ୍ରେମାଲୋକେ ହସିଲା ।
ସୁଲୁ ସୁଲୁ ବହେ ପାହାନ୍ତା-ପବନ
ଭକ୍ତମନେ-ଶାନ୍ତି ଦେଇକି ହେ,
ଅନନ୍ତ ଉପମା-କୁସୁମ ସୁଷମା
ବିକାଶିଲା ମଥା ଟେକି ହେ ।
ସୁରଭି ସଞ୍ଚରି ଦିଗ ଦିଗନ୍ତର
ନବପ୍ରାଣ ଆଣି ଦେଲା କି ।
ତୁମ ଆଗମନେ ନବୀନ ଜୀବନେ,
ଭକ୍ତ ଉଠି ଠିଆ ହେଲା କି ।

---

## ଆସିଛନ୍ତି ।

ଆସିଛନ୍ତି ଆଜି        ପ୍ରାଣ ଈଶ୍ୱର ମୋ,
ଦରିଦ୍ର ଏ ପ୍ରାଣ ମନ୍ଦିରେ,
ଛତିଶ ରାଗିଣୀ,        ମିଳି ଯନ୍ତ୍ରସ୍ୱରେ
ବାଜି ଉଠୁଛି କି ସଧୀରେ !

ଅଚିଛନ୍ତି ସେତ    ହସାଇ, ରସାଇ,
ଭସାଇ ପୀରତି-ସଲିଳେ ।
ବରଷାଇ ମଧୁ    ହରଷାଇ ମତି,
ମଧୁର ବସନ୍ତ ଅନିଳେ ।
ନିବାରିବେ ସେହି    ପ୍ରାଣର କ୍ଷୁଧା ଗୋ,
ନିବାରିବେ ପ୍ରାଣ ପିପାସା,
ଫୁଟିଉ ଉଠିବ    ସଜଫୁଲ ସର,
ହୃଦେ ନବ ନବ ସୁଖାଶା ।
ଘୁଞ୍ଚିବ ମୋହର    ପାପ ଦୁଃଖ ରାଶି,
ଆନନ୍ଦେ ଉଠିବ ହସି ଗୋ,
ହସଇ ଯେସନ    ଶାରଦ ଗଗନ,
ଉଦୟେ ସୁଧାଂଶୁ ଶଶୀ ଗୋ

---

## "ତୁମେ ଯଦି ପ୍ରଭୁ ।"

ତୁମେ ଯଦି ପ୍ରଭୁ ଗାଇବ ନାହିଁ,
ବୀଣା ବାଜେ କାହିଁ ପାଇଁ,
ଲଳିତ, କାମୋଦୀ, ବେହାଗ, ବସନ୍ତେ
ଆଉ ମୋର ଲୋଡା ନାହିଁ;
ଥାଉ ମୋର ଥାଉ ସ୍ୱର ଆରାଧନା,
ଥାଉ ମୋର ଥାଉ ସଙ୍ଗୀତ ସାଧନା

ବୀଣା ବଇଁଶୀର ସୁମଧୁର ଗିର
ହଜୁ ଚରନ୍ଦନ ପାଇଁ ।
ତୁମେ ଯଦ୍ଦ ପ୍ରଭୁ ବସିବ ନାହିଁ,
ହୃଦାସନ କାହାପାଇଁ,
ଦରଦର ହସି ମଧୁରେ ବକଶି
ଅନ୍ତର ଫୁଟିବ ନାହିଁ
ମାନସ କମଳ-ଦଳ ସୁକୋମଳ
ମଞ୍ଜୁଳ-ବଞ୍ଜୁଳ କୁଞ୍ଜ-ପରିମଳ-
ନନ୍ଦ ମକରନ୍ଦ-ବାସ ମୃଦୁ-ମନ୍ଦ
ଆଜ ସେ ଛୁଟିବ ନାହିଁ ।

## କରିଛ ବାରଣ ।

(୧)

କରଛ ବାରଣ ନ ଗାଇବ ଗୀତ
ନୀରବେ ରହୁଛି ତେଣୁ ଗୋ ।
(କାଳୁ) ଭୁବନେ ଭୁବନେ ଶୁଭୁଛି ତୁମର
ଲଳିତ ମଧୁର ବେଣୁ ଗୋ ।
ଆପଣା ମନକୁ ଉଚ୍ଛୁସି ଉଠୁଛି
କଣ୍ଠରୁ ମୋହର ସ୍ୱର ଗୋ,
ଯବଲେ କେତେ ମୁଁ ରସନା ରୋଧୁଛି,
ଚୁମ୍ବୁଅଛି ଓଷ୍ଠାଧର ଗୋ ।

(୨)

କରୁଛ ବାରଣ ନ ଶୁହିଁବ କେତେଣେ
ନୟନ ମୁଦୁଛ ବନ୍ଧୁ ହେ
(କିନ୍ତୁ) ଭୁବନେ ଭୁବନେ ବହୁଯାଉଅଛି
ରୂପର ସୁଷମା ସିନ୍ଧୁ ହେ ।
ଆପଣା ମନକୁ ଫିଟିଉଠୁଅଛି,
ମୁଦ୍ରିତ ଯୁଗଳ ଆଖି ଗୋ,
ସବଟିକ ନୟନ- ପଲ୍ଲବ ଗୁପିଣ
ଅଛଇ ତାରକୁ ରଖି ଗୋ ।

(୩)

ଅନ୍ଧପରି ପର ଏ ବିଶ୍ୱ ବଜାରେ
ବାଛ ମୁଁ ଦରଶି ନ ପାଏ, ।
ଲୋକେ ଦେଖୁଥାନ୍ତି ମୋଦଃଖ ମଜିଲେ
ମାତୃଣ ଅଥବା କେ ଯାଏ ।
କେଉଁ ଦିନ ସଖା ମୁକ୍ତ ଆବରଣ
କରିବ ନୟନ ଦ୍ୱୟର ।
ଦେଖିବ ତୁମର ରୂପ ଅନୁପମ
ଶୁଣିବ ତୁମର ସୁସ୍ୱର ।

(୪)

ସ୍ୱର ଦେଇ ତୁମ ଲଳିତ ବୀଣାରେ
ଗାଇବ ଗୋଟିଏ ଗୀତ ଗୋ
ଦୂରେର ଦୂରେ ଥାଇ ଶୁଣିବ ଲୁଚିଣ
ଅଭିମାନ ତେଜି ମିତ ଗୋ ।

ତୁମର କୁଞ୍ଜରେ  ପଶି ମୁଁ ତୋଳିବି
ପ୍ରୀତିର କୁସୁମ ରାଶି ଗୋ,
ଅଞ୍ଜଳି ଅଞ୍ଜଳି  ଦେଲେ ମୁଁ ଚରଣେ
ଆନନ୍ଦରେ ଯିବି ଭାସି ଗୋ ।
ତୁମେ ବଡ଼ ପିତା  ତୁମରି ନିକଟେ
ମୋ' ନିକଟେ ପ୍ରାଣ ସଙ୍ଗାତ,
ତୁମେ ବଡ ପିତା  ଆକାଶ ଊର୍ଦ୍ଧ୍ୱରେ,
ମୋ' ହୃଦୟେ ପ୍ରେମସଖା ତ ।
ତୁମେ ବଡ଼ ପିତା  ତୁମ ମହିମାରେ,
ମୋ' ପ୍ରେମରେ ତୁମେ ରାଜା ଗୋ ।
ରୁପା, ସୁନା ନୁହେ  ମନର ଭକ୍ତିରେ,
କରେ ମୁଁ ତୁମର ପୂଜା ଗୋ ।

## କେତେ କହୁଥାଅ ।

କେତେ କହୁଥାଅ ରହିବି ନୀରବେ
ତୁମେ ଯଦି କଥା କହିବ,
କେତେ ଆକୁଳତା ରୋଧିବ ହୃଦରେ
ତୁମେ ଯଦି ଗୀତ ଗାଇବ
କରୁଣା ଆସାରେ ଅଶ୍ରୁ ବରଷିବ
ତୁମରି କୋମଳ ନୟନ,
କୁନ୍ଦ-କଉମୁଦୀ-କିରଣେ ସୁନ୍ଦର
ହାସ ବିକଶିବ ବଦନୁଁ

ଝୁରିଁ ଝୁରିଁ ଯିବ ଅଲକ୍ଷେ ଆଦରେ
　　କୋମଳ ମଳୟ ପରଶେ,
ଧୈର୍ଯ୍ୟ ଧରି କେତେ ରହିବ ବସି ଗୋ,
　　ପୁଲକି ଉଠୁଛି ହରଷେ ।

---

## କୂଟ ନୀତି ।

ଭୟ କିପାଁ ଏତେ ଦେଖାଉଛ ମୋତେ
　　ଆଢୁଆଳେ ମୁଖ ଲୁଚାଇ,
ବାଟ-କଢୁଆଳ ଭବ କାନ୍ତାରେ ଗୋ !
　　ରହୁଛ କିପାଇଁ ଟଳାଇ ।
ତୁମ କୂଟ-ନୀତି ବୁଝେ ତ ଭକତ
　　ନାଚ ନାଚ ତାର ପଥରେ,
ଅଥୟ ହୃଦୟ କର ଦୟାମୟ
　　ତୁମର କରୁଣା ଆଦରେ ।
ହାତ ଧରି ବାଟ ଚାଲିବ ପଛି ଗୋ
　　ହାତ ଛାଡି ଚାଲି ଯାଉଛ,
"ଅବାଟରେ ଗଲୁ, ଅବାଟରେ ଗଲୁ ?"
　　ଅକାରଣେ କିପାଁ କହୁଛ ।
ବାଟ କି ଅବାଟ ତୁମେ ଜାଣ ଭଲେ
　　ତୁମ କର୍ମ୍ମ ମୋତେ ଜଗିବା,
ତୁମେ ଛାଡ଼ିଗଲେ ଯିବ ତ ଅବାଟେ
　　ତହିଁ, ଅନ୍ୟାୟ ମୋ ଦଣ୍ଡ ଭୋଗିବା ।

# କେତେ ଦୋଷ ଧର ।

କେତେ ଦୋଷ ଧର କରୁଛ ବିଚାର
ଦୁର୍ବଳତା ଜାଣି ସକଳ,
ତୁମରି ଇଚ୍ଛାରେ ହୋଇଛୁ ଅଧମ,
ତୁମରି ଇଚ୍ଛାରେ ବିକଳ ।
ତୁମେ ବଡ଼ ମୁହିଁ ସାନ,ଏହା ତୁମ
ପ୍ରେମର ଭୂଷଣ ନାଥ ହେ,
ସାନ ହେଲେ ସିନା ରହିଥିବ ପଡ଼ି
ଧରି ତବ ପଦ ପ୍ରାନ୍ତ ହେ ।
ତୁମରି ଆଦରେ ଶ୍ରେଷ୍ଠ ମୁହିଁ ପ୍ରଭୁ,
ତୁମରି ଆଦରେ ବଡ଼ ଗୋ,
ତୁମରି ଆଦରେ ଭଙ୍ଗା କୁଡ଼ିଆ ମୁଁ
ତୁମେ କରୁଥାଅ ଦୃଢ଼ ଗୋ ।
ତୁମରି ଆଦରେ ଛିଣ୍ଡା କନ୍ଥା ମୁହିଁ,
ତୁମେ ସିଇଁ କର ନୂତନ,
ଖାଦ ମିଶା ସୁନା, ଖାଣ୍ଟି କର ତୁମେ,
ଗଢ଼ ଅଳଙ୍କାର ଯତନ ।
ଭଙ୍ଗା ବୀଣା ତାର, ତୁମରି ଅଙ୍ଗୁଳୀ-
ଚାଳନେ ବଜାଅ ମଧୁର
ନିକଟେ ନିକଟେ ଧାଇଁ ଆସ ତୁମେ,
ଥିଲେ ମୁହିଁ ଅତି ଦୂରେ ।

# ଯଦି ।

ତୁମ ଗୀତ ଯଦି ଗାଇବାକୁ ଦେଲ
ଦିଅ ମୋତେ ସ୍ୱର ସଙ୍ଗିଣୀ,
ତୁମର ଲଳିତ ବେଣୁ ବାଇବାକୁ
ଅଙ୍ଗୁଳିରେ ଦିଅ ମୋହିନୀ ।
ତୁମର କବିତା ଛନ୍ଦିବାକୁ ଯଦି
କରୁଅଛ ମୋତେ ଆଦେଶ,
ନବ ନବ ଛନ୍ଦ ଶିଖାଅ ସତ୍ୱରେ,
ସଜାଅ ଉପମା-ସୁବେଶ,
ତୁମ କଥା ଯଦି କହିବାକୁ ମୋତେ
ଆଜ୍ଞା ହୋଇଅଛି ପ୍ରଭୁ ହେ,
ରସନା-ଜଡ଼ତା ବିନାଶି ସବଳ
କର ତାର ସ୍ନାୟୁ ସବୁ ହେ ।
ତୁମ କର୍ମ ଯଦି କରିବ ମୋ' କର
ସୁସ୍ଥ କର ଶିରା ସକଳ,
ତୁମ ପଥେ ଯଦି ଚାଲିବ ଚରଣ
କର ହେ ଚଞ୍ଚଳ ସବଳ ।
ତୁମ କଥା ଚିନ୍ତା କରିବ ମୋ' ମନ,
ହର ତା' କଳୁଷ କଳଙ୍କ,
ତୁମ ପ୍ରେମ ଶକ୍ତି ବିରାଜି ମୋ' ଠାରେ
ହରୁ ମୋ' ଦୁର୍ବଳ ଆତଙ୍କ ।

## ପାରିକର ।

ସଞ୍ଜ ହେଲା ଆସି ପାରି କର ମୋତେ
 ଦେଇ ନ ପାରିବି କଉଡ଼ି,
ସାରା ଦିନ ଖରା ଖରାରେ ଆସିଛି
 କେତେଦୂର ପଥ ଦଉଡ଼ି ।
ଟରିବ ବୋଲି ମୁଁ ପାରି ନକରିବ,
 ଯିବ ନା ନରକେ ବାହୁଡ଼ି,
ତୁମ ଅପଯଶ ଘୋଷିବ ତ ବିଶ୍ୱ
 କ୍ଷୁଦ୍ର ପ୍ରାଣ ଗଲେ ମୋ' ବୁଡ଼ି ।

---

## ଭିକାରୀ ।

ତୁମଠାରୁ ଭିକ୍ଷା ପାଇବା ଆଶାରେ
 ଭିକାରି-ବେଶେ ମୁଁ ବୁଲୁଛି,
ଛିଣ୍ଡା କନ୍ଥା କେତେ ସଜାଡ଼ି ପିନ୍ଧଣ
 ଦୁଆରେ ଦୁଆରେ ଫେରୁଛି ।
କାଳେ ଅବା ତୁମ ଦେଖା ମୁଁ ପାଇବି,
 ବୁଲେ ତେଣୁ ପଥପଥରେ,
ଏହି ବାଟେ ପରା ଯିବ ତୁମେ ଚାଲି,
 ବସେ ତେଣୁ ଛକ ଛକରେ ।
ତୁମ ମୁଖଛବି ଦିଶିଯିବ ଅବା,
 ଚାହେଁ ତେଣୁ ଚଉଦିଗକୁ,
ବହିଗଲା ଯୁଗ ଯୁଗ, ଦେଖା ତୁମେ
 ନ ଧୋଲି ମୋ' ହୃଦବେଗକୁ ।

# ସେ ।

ସେ କିଏ, ଯାହାକୁ ଖୋଜି ମୁଁ ବୁଲଇ,
ଥାଇ ଚରାଚରେ ମୋତେ ନ ମିଳଇ,
କାହାପାଇଁ ମୋର ଏତେ ଅଶ୍ରୁ ବହେ,
ସେ କିଏ ସେ କହ କା'ପାଇଁ ମୁଁ ଦହେ ?

୧

କୁସୁମେ କୁସୁମେ, ଭରା ସୁଷମାରେ ଯାହାର ହସିତ ଆନନେ
ଦେଖିଲେ ମୋ ହୃଦ, ହୁଅଇ ଉନ୍ମାଦ, ଚର ଗୁରୁମସ୍ତ ଭୁବନେ ।
ପ୍ରେମ ଜ୍ୟୋତିଃ, ଶକ୍ତି, ଶାନ୍ତି, ମଧୁରତା ସତତ ସେ ନିଦ୍ବତଟିଣୀ,
ବହୁ ଅଶ୍ରୁଅଚ୍ଛ ନିତି ପ୍ରାଣେ ପ୍ରାଣେ ଭସାଇ ରସାଇ ଅବନୀ ।

ସେ କେତେଡ଼ ସୁନ୍ଦର, ସେ କେତେଡ଼ ମଧୁର, (ମୁଁ ତ) କଳିପାରୁନାହିଁ ଅନ୍ତରେ
ଅବଶ ବିମୁଗ୍ଧ ମାନସନୟନେ ଚାହେଁରେ ନିତି ପ୍ରେମ-ସୁନ୍ଦରେ ।
ଗୋପନେ ଗୋପନେ କହିଯାଏ କାନେ, କିବା କଥା ପ୍ରେମ-ମନ୍ତ୍ରରେ,
ନିତି ନବସାଜେ ସାଜି ବହୁରୂପୀ, ପ୍ରାଣ କି ହରେ ସେ ଛନ୍ଦରେ ।

୩

ସେ ତ ଆକାଶେ ପବନେ, କୁଞ୍ଜେ ବନେବନେ, ସ୍ରୋତେ ସେ ସରିତ-ସଲିଳେ
ସେ ତ ଉଷାର ହରଷେ ନିଶୀଥ-ଆକାଶେ, ବହ୍ନିକେ ସାଗରେ, ଶଇଳେ,
ସେତ ପୁରୁଷ ଆନନେ, ନାରୀ ଅପଘନେ. ଶିଶୁର ବଦନକମଳେ,
ତାର ମୋହନ, ମଧୁର, ଅବ୍ୟକ୍ତ ମହିମା-ଜ୍ୟୋତିଃ ହୃଦଧରା ଉଜଳେ,

୪

ସେ ତ ସଙ୍କୀର୍ତ୍ତନ, ସାହିତ୍ୟ, ଦର୍ଶନେ ସଙ୍ଗୀତେ,
ସେ ତ, ବାଳେନ୍ଦୁଦ ବାଳଣାରେ
ବିଶ୍ୱ ପ୍ରତି କେ ଶେ ଉଚ୍ଛାରିର ତା ବାଣୀ
ବସ୍କ କି ଅଶ୍ରୁକଣାରେ ।

୫

ଏତେ ଅଶ୍ରୁଜଳ; ଏତେ ହତାଶ୍ୱାସ, ଏତେ ଦୁଃଖକାତରୋକ୍ତି,
ଏତେ ଜନ୍ମମୃତ୍ୟୁ-ଯାତନା, ବେଦନା, କଷ୍ଟ, ତହିଁ କି ସେ ପ୍ରେମ ଭକ୍ତି
ବଧିବାର ନେଇ ଅଶ୍ରୁଗୀରେ କି ସେ ଭିକାରୀ କାତର କଣ୍ଠେ,
ଶୁଣୁଅଛେ ମୁଁ କି ଶୁଣେ ତାର ସ୍ୱର, କାହିଁ ସେ ଦୂର ବୈକୁଣ୍ଠେ ।

୬

ସେ କି ଚିତାର ଭୀଷଣ ଅନଳ ଶିଖାରେ ପ୍ରକାଶେ ସ୍ୱରୂପ ତାର,
ସେ କି ସମାଧି ମନ୍ଦିରେ ଧବଳ ସନ୍ଧ୍ୟାରେ, ବହାଏ ନୟନୁଁ ଧାର,
ଶତ ଶୋକେ, କଷ୍ଟେ, ଦୁଃଖ-ନିରାଶାରେ, ପ୍ରକାଶେ କି ପ୍ରେମରାଶି,
ବେଦନା ବଧୂର ଚିତ୍ତେ କି ତାହାର ରୂପ-ପ୍ରଭା ଉଠେ ଭାସି,
ପ୍ରତିଶ ପ୍ରାଣେ ମୋର ତା' ପ୍ରେମ ମାଧୁରୀ ଭରି ରଖିଛି ସେ ସଖା,
ହୃଦୟ ଭିତରେ ଶୁଣିଛି ତା' ସୁସ୍ୱର ଦୂର କରି ଶତ ଦକା,
ଜୀବନର ପରମ ଦେବତା ସେ ମୋର, ଶତ ଦୁଃଖଦୈନ୍ୟରାଶି,
ନିମିଷକେ କାହିଁ ଭାସିଯାଏ ଆହା ଦେଲେ ଦେଖା ପ୍ରାଣେ ଆସି ।
ବାହୁରେ ସେ ମୋର ଅସୀମ ଶକତି, ହୃଦୟେ ଭକତି ସ୍ନେହ
ଶ୍ରେଷ୍ଠ, ପ୍ରିୟ, ସାର, ଜୀବନେ ମୋର ସେ ପୂର୍ଣ୍ଣଚନ୍ଦ୍ର ନିରାମୟ ।

## ସ୍ତବ ।

ନିର୍ମଳ ମଞ୍ଜୁଳ ଆଲୋକମୟ
ପାତକ ବିନାଶକ ଶାନ୍ତିନିଳୟ,
ଯୁଗଳ-ଉତ୍ପଳ-ପଦ୍ମର-ପ୍ରାନ୍ତେ,
ନମେ ଆଜି ପାଠକ-ଚିତ୍ତ ଏକାନ୍ତେ ।

ଓଁ ତତ୍ସତ୍ ଓଁ

**Printed by P. C Roy**
**at the G. S. Press**
***CUTTACK***
**1928.**

ଆଉ ଭ୍ରମିବାକୁ ହେବନାହିଁ

ଅପୂର୍ବ ! ଅପୂର୍ବ !! ଅପୂର୍ବ !!!

ଅତୁଲ୍ୟ ବୈଚିତ୍ର୍ୟମୟ—ଆଲେଖ୍ୟ ।

## ପ୍ରେମପଦ କଳ୍ପତରୁ

ଯାହାଙ୍କର ପ୍ରେମମୟ ଦର୍ଶନ ପାଇଁ, ଯେଉଁ ଯୁଗଳ କିଶୋର କିଶୋରୀଙ୍କୁ
ଦେଖିବା ପାଇଁ, ହିନ୍ଦୁର ପ୍ରାଣ ଚିରବ୍ୟାକୁଳ; ଯେଉଁ ଦୁଇଟି ବିମୋହନ,
ମଧୁରୀ—ଭାରତରେ; ଭାରତରେ—କାହିଁକି ପୃଥିବୀର—କୌଣସି
ଜାତିରେ, ଇତିହାସରେ, ପୁରାଣରେ ଅଦ୍ୱିତୀୟ, ସେହି
ହରିତ୍ ପୁଷ୍ପଶୋଭିତ, ପୁଳିନ ଶାଳିନୀ, କଳନାଦିନୀ

## କାଳିନ୍ଦୀ କୂଳରେ,

କୋକିଳ ମୟୂର ଧ୍ୱନିତ

## କୁଞ୍ଜ ବନରେ

ଗୋପ ବାଳକମାନଙ୍କର ଶୃଙ୍ଗବେଣୁ ମଧୁର ସ୍ୱରରେ ଶବ୍ଦମୟୀ,
ଅସଂଖ୍ୟ କୁସୁମାମୋଦ ସୁବାସିତା, ନାନା ଭରଣ ଭୂଷିତା
ବିଶାଳାୟତ ଲୋଚନା—ବ୍ରଜସୁନ୍ଦରୀଗଣ ସମଲଙ୍କୃତା

## ବୃନ୍ଦାବନ ସ୍ଥଳୀରେ

# ଶ୍ରୀମତୀ ଶ୍ରୀକୃଷ୍ଣ—

ଙ୍କର ଶାଶ୍ୱତ ପ୍ରେମଲୀଳା ଉତ୍କଳ ଭାରତୀଙ୍କଦ୍ୱାରା ନବତୁଳିକାରେ ଅଙ୍କିତହୋଇ

# ପ୍ରେମ ଚିନ୍ତାମଣି

ନାମଧାରଣ କରୁଅଛି । ଯାହା ଦେଖି ନାହାନ୍ତି—ଏଥର
ତାହା ଦେଖିବେ, ଯାହା ଶୁଣିନାହାନ୍ତି ଏଥର ତାହା ଶୁଣିବେ ।

ଏଥିରେ ପାଠକେ ଦେଖିବେ—

ମନସ୍ତତ୍ତ୍ୱର ଅପୂର୍ବ ବିଶ୍ଳେଷଣ

ପ୍ରେମର ବିଚିତ୍ର ପ୍ରବାହ

## ରାଧାକୃଷ୍ଣଙ୍କର ଅପୂର୍ବ ନୂତନ ଆଦର୍ଶ ଜୀବନ୍ତ ଲୀଳା,

ସାହିତ୍ୟ ରାଜ୍ୟର ନବ ବୈଭବ,

ସଙ୍ଗୀତ—ସ୍ୱର୍ଗର ଉର୍ବଶୀ,

ଧ୍ୟାନଧାରଣାର ଅତ୍ୟଦ୍ଭୁତ—ସଂସ୍କରଣ ।

ମନ୍ଦାକିନୀର ନୀର ଧାରା ପରି ନିର୍ମଳ

ଇନ୍ଦୁର ଜ୍ୟୋତ୍ସ୍ନା ପରି ଚିର ସ୍ନିଗ୍ଧ

ଫୁଲ୍ଲ ଶତଦଳ ପରି ସୁନ୍ଦର

କୁସୁମ ପାଖୁଡ଼ା ପରି କୋମଳ

ପ୍ରେମର ବିଚିତ୍ରଭଙ୍ଗୀ ! ଅପୂର୍ବ ଅନୁଭୂତି !!

ପଢ଼ନ୍ତୁ ଦେଖନ୍ତୁ ପ୍ରେମ ହ୍ରଦୟରେ ଭାସିଯିବେ । ସୁନ୍ଦରେ—ସୁନ୍ଦରେ ମଧୁର ମିଳନ—ଏହି ପ୍ରଥମ । ଭାଷାରାଜ୍ୟରେ—ଭାବ ରାଜ୍ୟରେ ଏହା ପ୍ରଥମ—ସମ୍ପୂର୍ଣ୍ଣ ନୂତନ ଏଥିରେ ଦ୍ୱୈଧମତ ନାହିଁ; ପଥଭ୍ରାନ୍ତ—ପ୍ରେମ ପଥିକର—ଚିରଦିନପାଇଁ ଯାହା ମୁକ୍ତିପଥ—ସେହି

## —ପ୍ରେମଚିନ୍ତାମଣି—

ଭୂଷଣ୍ଡିଏ କିଣିଦେଖ । ଆଉ ବହୁତ ରାଧାକୃଷ୍ଣଲୀଳା ପୁସ୍ତକ କିଣିବାକୁ ଇଚ୍ଛା ହେବନାହିଁ । ଭାଷାର ଲଳିତ ମାଧୁର୍ଯ୍ୟରେ ଏହା ଉତ୍କଳର ପାଷାଣ ମଧ୍ୟରେ ପ୍ରେମ ଶତଦଳ ଫୁଟାଇଅଛି । ମରୁ ଭୂମିରେ ପ୍ରେମ ନନ୍ଦନର ମନ୍ଦାକିନୀ ଧାରା ବୁହାଇଅଛି । ଭିତର ବାହାର ସମସ୍ତ ସୁନ୍ଦର ପୁଲକ ମୟ । ଯାଉଛି ।

କିପାଁ ବୀରଜାତି ପୋତି ଅଛ ମଥା

ବହୁକାଳପରେ ଅଗ୍ନିମନ୍ତ୍ର କବିତାର
ଅପୂର୍ବ ତରଙ୍ଗ ହସ୍ତଗତ ହେବ ।
ହୃଦୟ ପ୍ରାଣ ଜାଗି ଉଠିବ-
ନାଚି ଉଠିବ ।
ଉତ୍କଳର କାନନ କାନ୍ତାର ଗାଇ ଉଠିବ ସେହି
ଗୀତିକବିତା ଏବଂ ସଙ୍ଗୀତ ସୁମଧୁର ସ୍ୱର ଲହରୀରେ
ଜୀବନର ଅପୂର୍ବ ପିପାସାରେ

# ସ୍ଫୁଲିଙ୍ଗ ।

ବର୍ଣ୍ଣିନା ପୁସ୍ତକର ନାମ ସଙ୍ଗେ ସମାପ୍ତ
ତେବେ——ପ୍ରାଣମନ୍ତ୍ର—ଭାଷାରେ
ଉନ୍ମାଦନାରେ
ଉତ୍ସାହରେ
କେବଳ ଓଡ଼ିଆ ନୁହେଁ—ସମଗ୍ର
ଭାରତ ଗାଇବ—ପ୍ରତି ଛନ୍ଦରେ—ଉନ୍ମାଦିତ କଣ୍ଠରେ

**ହତାଶର ସମୟ ଚାଲି ଯାଇଛି**
**ଦୁଃଖର ସମୟ ଶେଷ ହୋଇଛି**
**କ୍ରନ୍ଦନର ସମୟ ଦୂର ହୋଇଛି ।**

କେବଳ ଅଛି
ସାହସ—ଧୈର୍ଯ୍ୟ—କର୍ମ—ଶକ୍ତି ।
ଉତ୍କଳର ଆଶାଭରସା ସ୍ଥଳ ତରୁଣ ସମ୍ପ୍ରଦାୟଙ୍କୁ ଉତ୍ସୃଷ୍ଟ
କହକେ ସଗର କୁଳ ଉଦ୍ଧରବ ଭାଇ
ଦେଶପ୍ରେମୀ କର୍ମବୀର ଭଗୀରଥ କାହିଁ ?
ଜନକଣ୍ଠରେ ପ୍ରକାଶିତ ହେବ ।

କି ସୁନ୍ଦର !— କେତେ ସୁନ୍ଦର !— କେଡ଼େ ସୁନ୍ଦର !!!

ସୌଖିନ ସମାଜର ବିବେଚ୍ୟ

ଉନ୍ନତ ସମାଜର ବିଚାର୍ଯ୍ୟ

ଶିକ୍ଷିତ ସମାଜର ଦ୍ରଷ୍ଟବ୍ୟ-

ଆନନ୍ଦ ଧ୍ୱନି ସୌନ୍ଦର୍ଯ୍ୟ ଝରଣା

ରଙ୍ଗ ପସରା ଅନ୍ଧାରମାଣିକ ମା କୋଳର ପୁଅ

ବୀଣାର ଝଙ୍କାର

ବିଶ୍ୱ ବିଭ୍ରମ ନନ୍ଦନକାନନ

ଚିତ୍ତ ବିମୋହନ ଗୌରବ ମୁକୁଟ

ଲଳିତ କୋମଳ ସୁକୁମାର ଶିଶୁର ବିଶୁଦ୍ଧ ସଙ୍ଗ ଲହରୀ । ଯାହା
ବାହ୍ୟଜନ ଚନ୍ଦ୍ରାଦର୍ଶରେ ମଣ୍ଡିତହୋଇ ଭାସି ଉଠିଅଛି, ଯାହା
ଅକ୍ଷର ଜ୍ଞାନାଶିଶୁର ପରମାନନ୍ଦଦାୟକ ମନୋହର
ଖେଳନା, ଯାହା ପାଇଲେ ସେ ବାପ ମା ଖେଳସାଥି
ସବୁ ଭୁଲିଯିବ, ଯାହା ପଢ଼ିଲେ ସେ ଜଣେ
ପ୍ରକୃତ ମଣିଷହୋଇ ଗଢ଼ାହେବ—
ଓଡ଼ିଶାର କାନନେ କାନନେ କାନ୍ତାରେ କାନ୍ତାରେ

ଏହି ନୂତନ—ଏହି ପ୍ରଥମ

# ପିଲା ସାଙ୍ଗ

## ଖଣ୍ଡି ଏ

ପିତା ! ପୁତ୍ର କନ୍ୟାକୁ ଦିଅ, ଭାଇ ! ତୁମ୍ଭର ସାନ ଭାଇ ଭଉଣୀକୁ ଦିଅ ।
ମାଆ ! ତୁମ୍ଭର ପୁଅ-ଝିଅଙ୍କୁ ଦିଅ, ବନ୍ଧୁ—ତୁମ୍ଭର ସାନ ସାଥିଙ୍କୁ ଦିଅ ।

ଏହା ପଢିଲେ —

ପିଲାଙ୍କର——————ମନରେ ସତ୍ୟ ଧର୍ମ ଭକ୍ତି ଜାତ ହେବ

ପିଲାଙ୍କର——————ନୈତିକ ଉନ୍ନତି ସାଧିତ ହେବ

ପିଲାଙ୍କର——————ଆତ୍ମ ବିଶ୍ୱାସ ଜନ୍ମିବ

ପିଲାଙ୍କର——————ଚରିତ୍ର ଗଠନ ହେବ

ବହିର ପ୍ରତ୍ୟେକ ବିଷୟର ମୂଲ୍ୟ ଲକ୍ଷ ଲକ୍ଷ ଟଙ୍କା।

ଏହାର ପ୍ରତି ଛନ୍ଦରେ ଶିଶୁ ମୃଦୁକୋମଳ ଦରଫୁଟା ଜୀବନର ଅମୂଲ୍ୟ
ଗଠନ ଚିହ୍ନ ପ୍ରତିଫଳିତ; ନିଃସନ୍ଦେହ ଭାବରେ ଯଦି ଶିଶୁର
କୋମଳ ହସ୍ତରେ ଦେବାପାଇଁ କିଛି ପୁସ୍ତକ ଥାଏ ତେବେ
ଏହି ଅସତ୍ୟ ପାପ ହିଂସା କପଟ ଆଦି ଦୋଷ ବିବର୍ଜିତ
ସର୍ବାଙ୍ଗ ସୁନ୍ଦର ଗଳ୍ପ କବିତାରେ ପୂର୍ଣ୍ଣ

ସାହିତ୍ୟ ରାଜ୍ୟର ନୈଶ ନୀଳାକାଶର ଉଦିତ ଇନ୍ଦୁ

ସ୍ୱଚ୍ଛ ନୀଳ ସରୋବର ଶୋଭିନୀ ଉନ୍ମେଷୋନ୍ମୁଖ, ଶ୍ରୀ ନଳିନୀ ଦଳୋପରି
ପତିତ, ବାଲ ସୂର୍ଯ୍ୟର ହେମୋଜ୍ଜ୍ୱଳ କିରଣ—ଜ୍ୟୋତ୍ସ୍ନାମୟୀ
ରଜନୀର ମଳୟାନିଳ—ପ୍ରାତଃ ସୂର୍ଯ୍ୟ କିରଣରେ ହର୍ଷୋତ୍‌ଫୁଲ୍ଲ
ବସନ୍ତ କୋକିଳ, ମହାପ୍ରଳୟ ଜଳଧିର ବଟପତ୍ର ଶୟନକାରୀ ବାଳ ଅନନ୍ତ

# ପିଲା ସାଙ୍ଗ ।

ଯାହା ଜନନୀର ସ୍ନେହ    ଯୌବନର ପ୍ରେମ
ଶୈଶବର ହାସ୍ୟ    ବାର୍ଦ୍ଧକ୍ୟର ଜ୍ଞାନ

ସେହି କୁସୁମ କୋମଳ ବାଣୀ ପରଂପରାରେ ପୂରିତ ପୁସ୍ତକ ଖଣ୍ଡିଏ ଶିଶୁର
ସୁରମ୍ୟ କରରେ ଗୁଞ୍ଜି ଦେବାକୁ ଯେପରି କେହି
ନ ଭୁଲନ୍ତି । ଛନ୍ଦେ ଛନ୍ଦେ ଛବିଭରା ଶୀଘ୍ର ପ୍ରକାଶିତ ହେବ ।

ଉତ୍କଳ ଭାରତୀ କୁନ୍ତଳାକୁମାରୀଙ୍କର

## ଭାରତୀ ତପୋବନ ।

ନନ୍ଦନ ମନ୍ଦାର ସମ କୋମଳ ସୁନ୍ଦର ପୁସ୍ତକ ଶତଦଳ ସଜ
ପ୍ରତି ଉତ୍କଳୀୟର ସ୍ନେହ ସମ୍ପଦ ।

ଉଚ୍ଛ୍ୱାସ ଉଚ୍ଛ୍ୱାସ ଉଚ୍ଛ୍ୱାସ

# ଉଚ୍ଛ୍ୱାସ ।

ଉତ୍କଳରେ ପରିଚୟ ଲୋଡ଼ା ନାହିଁ । ଉତ୍କଳର ସର୍ବଶ୍ରେଷ୍ଠ—ବାଣୀ ସେବକମାନେ ଯେଉଁ କବିତା ପୁସ୍ତକର ଢଳଢଳ ଉଚ୍ଛ୍ୱସିତ ତରଙ୍ଗରେ ମୁଗ୍ଧହୋଇ ଥରେନୁହେଁ, ଦୁଇଥର ନୁହେଁ, ବାରଂବାର କବିଙ୍କପ୍ରତିହାର୍ଦ୍ଦିକ ଧନ୍ୟବାଦ ଅର୍ପଣ କରି ପତ୍ର ଲେଖିଅଛନ୍ତି, ଓଡ଼ିଶାର ସର୍ବପ୍ରଧାନ ମାସିକ ପତ୍ର "ଉତ୍କଳ ସାହିତ୍ୟ" ରେ ଯେଉଁ ଉଚ୍ଛ୍ୱାସର କବିତା ସବୁ ପ୍ରକାଶିତ ହେବାରୁ ଗୁଣଗ୍ରାହୀ ଉତ୍କଳର ଗ୍ରାହକମାନେ କବିଙ୍କୁ ବାହାରକୁ ଟାଣି ଆଣି ଅଛନ୍ତି, ଏବଂ ମୁକ୍ତ କଣ୍ଠରେ କବିଙ୍କୁ ଅଭିନନ୍ଦିତ କରିଅଛନ୍ତି

ତାହା ଗୀତିକବିତାର ମଧୁର ଉଚ୍ଛ୍ୱାସ—ପଦ୍ୟସାହିତ୍ୟର ମୁକୁଟ ମଣି ।

ଭାଷା ଶିଳ୍ପର କୋଣାର୍କ ।

ଆପଣ ପଢ଼ି ଅଛନ୍ତି? ଥରେ ପଢ଼ନ୍ତୁ, ଦେଖିବେ ଥରକରେ ତୃପ୍ତ ହେବନାହିଁ

"ନବଂନବଂପ୍ରୀତି ରହୋ କରୋତି ।"

ଲେଖାର ମାଧୁର୍ଯ୍ୟରେ କି ଆନନ୍ଦ ଅନୁଭବ କରିବେ ତାହା ପଢ଼ିଲେ ବୁଝିବେ

"ତୋହ ପର କ୍ଷୁଦ୍ର, ମୁହିଁ ତୋହ ପର କ୍ଷଣିକ
ହସେ ବାସେ ରସେ ମାତ୍ର ଫୁଟିଅଛୁ ଘଡ଼ିକ
ମାଟିରେ ମିଶିବୁ ତୁହି ମାଟିରେ ମିଶିବି ମୁହିଁ
ତଥାପି ମୋ ଆତ୍ମାଫୁଲ ନଯିବତ ମଉଳି"

ତେଣୁ ଆଶା ବହି ଦିନ କାଟେ ଗଙ୍ଗ ଶିଉଳି ।

କବିତା ଉଦ୍ଧାର ପାଇଁ ସ୍ଥାନ ନାହିଁ । ଲେଖୁ ଲେଖୁ ସମସ୍ତ ଲେଖି ହୋଇ ଯିବ । କେଉଁ ପଦଟି ଛାଡ଼ିଯିବାକୁ ଇଚ୍ଛା ହେବନାହିଁ । ଉତ୍କଳର ବହୁ ପ୍ରବୀଣ ସାହିତ୍ୟିକ ମାନଙ୍କଦ୍ୱାରା ସମାଲୋଚିତ । କଲିକତା ବିଶ୍ୱବିଦ୍ୟାଳୟ ଓଡ଼ିଆ ପ୍ରକାଶ ପୁସ୍ତକରେ ପ୍ରକାଶିତ । ହେ ନରନାରୀ ମଣ୍ଡଳୀ ! ଥରେ ଅନୁରୋଧ ରକ୍ଷା କର ଓଡ଼ିଆର ଜୀବନ୍ତ ଭାଷା ପୁଷ୍ପ ପରାଗ ରଞ୍ଜିତ, ଚିରଶାନ୍ତ ପରିମଳ ମନ୍ଦାନିଳ ପ୍ରବାହିତ, ସୁଝଙ୍କୃତ, ନିତ୍ୟପାଠ୍ୟ,

—ସନ୍ତୋଷଜ୍ଞାନର ଅକ୍ଷୟ ଭଣ୍ଡାର,—

ପ୍ରଭାତର ଶେଫାଳି, ଶରତର ଜହ୍ନ,

ସୌନ୍ଦର୍ଯ୍ୟର କାମିନୀ, ସରସୀର କମଳ, ଗଗନର ତାରା ।

ଉପବନର ସହକାର, ସମନ୍ୱୟ ତରଙ୍ଗ ରଙ୍ଗ କବିତାସାଗର

ଉଚ୍ଛ୍ୱାସ ।

ଖଣ୍ଡି ପଢ଼ିବକି ? ଖଣ୍ଡିଏ ମାତ୍ର ପଥରର ବର୍ଣ୍ଣନା ଦ୍ୱାରା ଶିଳ୍ପାକାଶ ଚୁମ୍ବିତ କୋଣାର୍କର ଶିଳ୍ପ ଗୌରବ ଓ ମହିମା ଅନୁମିତ ହେବନାହିଁ ।

ମୂଲ୍ୟ ଆଠଅଣା ।

ଖାଣ୍ଟି ଓଡ଼ିଆ ଶୁଦ୍ଧ ଓଡ଼ିଆ

ପରିବର୍ତ୍ତନର ବଡ଼ ନେପଠ

# ନଅ ଭୁଣ୍ଡି ।

କିଏ ନଭାବେ—ଦୁଃଖକୁ ସୁଖ ଭାବରେ ଦେଖିବାକୁ
କିଏ ନଭାବେ—ପାପକୁ ପୁଣ୍ୟ ଭାବରେ ଦେଖିବାକୁ
କିଏ ନଭାବେ—ବିଭତ୍ସତାକୁ ସୁନ୍ଦର ରୂପେ ଦେଖିବାକୁ
କିଏ ନଭାବେ—ଅନ୍ଧକାରକୁ ଆଲୋକରୂପେ ଦେଖିବାକୁ
କିଏ ନଭାବେ—ନର୍କକୁ ସ୍ୱର୍ଗ ରୂପେ ଦେଖିବାକୁ
କିଏ ନଭାବେ—ଶ୍ମଶାନକୁ ନନ୍ଦନ ରୂପେ ଦେଖିବାକୁ


ଯଦି ସେପରି ଦେଖିବାକୁ, ଇଚ୍ଛା କରନ୍ତି ତେବେ ଖଣ୍ଡିଏ ନଅଭୁଣ୍ଡି କିଣନ୍ତୁ । ପାଠକେ ! କଜଅ ଘୋରଣୀ ନଅଭୁଣ୍ଡିର ପରିବର୍ତ୍ତନ ଦେଖି ଯେପରି ଆଶ୍ଚର୍ଯ୍ୟ ହେବେ ସେପରି ପଢ଼ି ପଢ଼ି ହସି ହସି ଅଧାପ୍ରାଣ ହୋଇଯିବେ

ଏହା ଅମାନୁଷିକ କଳ୍ପନା ନୁହେଁ, ଏହା ଜୀବନ୍ତ ଚିତ୍ର,

ଯେଉଁ ରତଣୀ ନଅଭୁଣ୍ଡିକୁ ପାଠକ କଜଅ ଖୋରଣୀ ଭାବରେ ଦେଖିଥିବେ, ପୁଣି ତାକୁ ଦେଖିବେ ଓଡ଼ିଆ କୁଳରତନ ଗୁଣସାଗରୀ ଭାବରେ । ଏ ବାୟସ୍କୋପ ପ୍ରାୟ ଅଦ୍ଭୁତ ଚିତ୍ର, ଦେଖିବାର ଇଚ୍ଛା ଥିଲେ ବଜାରରେ କିଣିବାକୁ ନଅଭୁଣ୍ଡିର ସୁଲଭ ମୂଲ୍ୟ ଆଠଅଣା ।

ଉପନ୍ୟାସ ସୈକତର ପରଶମଣି

# ପରଶମଣି



ନାମରେ ନୁହେଁ—କଥାରେ ନୁହେଁ, ତାର ପ୍ରତିଛନ୍ଦ-ପ୍ରତିପଂକ୍ତି ପରଶମଣି ।

ହିନ୍ଦୁବାଳିକା ଲଳିତାର ଶାଶୁ ଦ୍ୱାରା ବିଶେଷ ଦୁଃଖ, ଅସହନୀୟ ଯନ୍ତ୍ରଣା, ଗଞ୍ଜଣା । ଶେଷରେ ଭାଗ୍ୟ ବିପର୍ଯ୍ୟୟରେ ନାନା ବିଷାଦ, କଷ୍ଟ ମଧ୍ୟରେ ସେହି ଲଳିତା ଯୋଗେ ଶାଶୁଙ୍କର ପରିବର୍ତ୍ତନ, ସ୍ୱାମୀର ପରିବର୍ତ୍ତନ, ସମସ୍ତ ପରିବାରର ପରିବର୍ତ୍ତନ । ଦେଖିବେ, ହିନ୍ଦୁନାରୀ କିପରି ପରମ ନିଷ୍ଠାଙ୍କ ସାଧୁଚରିତ୍ରା—ପତିବ୍ରତା । ସେ ପତିଛଡ଼ା ଅନ୍ୟ କିଛି ଜାଣେ ନାହିଁ । ଶେଷଜୀବନରେ ସେ କିପରି ଅମୂଲ୍ୟ ଆଦର୍ଶ ଦେଇ ଯାଇ ଅଛି, ପଢୁପଢୁ ଚମକି ପଡ଼ିବେ । ଅନ୍ଧାର କୁଡ଼ିଆ ଚୁଲିପାଖରେ ବାଳିକା-ବଧୂ ମାନେ କି ଯନ୍ତ୍ରଣା ଭୋଗ କରନ୍ତି—ସମାଜ ସଂସ୍କାରକ ! ଯଦି ଏହା ଜାଣିବାର ଇଚ୍ଛାଥାଏ ତେବେ ପରଶମଣି ଅବଶ୍ୟ ପଢିବାକୁ ଭୁଲନାହିଁ ।

ଏପରି ଚିତ୍ତ ପ୍ରସାଦ ଉପନ୍ୟାସ     ଏପରି ଅଭିନବ ଟାର୍ଦ୍ଧସ୍ଥ୍ୟ ଉପନ୍ୟାସ

ଏପରି ସରଳ ଓଡ଼ିଆ ଉପନ୍ୟାସ ଅପୂର୍ବ

ଅକ୍ଷର ଚିହ୍ନି ଥିବା ବାଳକ ବାଳିକା ପଢ଼ିପାରିବେ । ଉତ୍କଳର ଅପ୍ରତିଦ୍ୱନ୍ଦ୍ୱୀ ମାସିକପତ୍ର ମୁକୁରର ଉପନ୍ୟାସ ଗ୍ରନ୍ଥମାଳାରେ ଯାହା ୧ମ·ପୂର୍ବକ ରୂପେ ପ୍ରକାଶିତ ହୋଇ ଏତେଅଳ୍ପଦିନ ମଧ୍ୟରେ ଶେଷହୋଇ ଯାଇଅଛି। ତାହାର ସଚିତ୍ର ୨ୟ ସଂସ୍କରଣ । ପୂର୍ବାପେକ୍ଷା ସୁନ୍ଦର ଛବି ମାନଙ୍କରେ ବିମଣ୍ଡିତ । ଏଥିରେ ବର୍ଣ୍ଣନା ଶୃଙ୍ଖଳା ନିଷ୍ପ୍ରୟୋଜନ, କାରଣ ପରୀକ୍ଷାମଣ୍ଡଳର ବିଷୟ, ବଜାରରେ ପାଠ୍ୟପୁସ୍ତକ ଠାରୁ ବଳିକର ।

ଅତି ସୁଲଭ ମୂଲ୍ୟ ଆଠଅଣା ।

—(ଃ୦*୦ଃ)—

## ଉପନ୍ୟାସ ରାଜ୍ୟରେ ବିଜୁଳି ମେଘ !

## ଆଶାର ଉଲ୍ଲାସ ସ୍ରୋତ !!

ଆଗ୍ରହ ବ୍ୟାକୁଳତାରେ ବାଟ ଦେଖା ହୁଅନାହିଁ ।

# ଭୁଲ ।

## ଦ୍ୱିତୀୟ ସଂସ୍କରଣ ।

ଗୋଟିଏ ନିଶ୍ୱାସରେ ପଢ଼ିବା ବନ୍ଧ !

ହିନ୍ଦୁପତ୍ନୀବାରର ଜ୍ୱଳନ୍ତ ଚିତ୍ର ! !

ଉପନ୍ୟାସ ରାଜ୍ୟର କୋହିନୂର ! ! !

ଅତ୍ୟୁଜ୍ଜ୍ୱଳ ହୀରକାମୁକ୍ତାର 'ଶେଫାଳି' ସହିତ ପ୍ରାଣ, ମନ ବିମୋହନ ରୂପବନ୍ତ 'ଅନଙ୍ଗ ମୋହନ'ଙ୍କର ମିଳନ, ଦୁଷ୍ଟ ମାଳତୀ ପରିବାରର ଶାସ୍ତି, କ୍ଷଣିକ ବିଭ୍ରମରେ କରୁଣ ଦୃଶ୍ୟର ଉତ୍ପତ୍ତି। ଯଦି ଆପଣାର ସ୍ନେହମୟୀ ଭଗିନୀ, ଜାୟା, ଝିଅଣି, ଭାଣିଜୀ ଇତ୍ୟାଦିଙ୍କୁ ସଂସାର କ୍ଷେତ୍ରରେ ପବିତ୍ର ଭାବରେ ଗଠନ କରିବାକୁ ଇଚ୍ଛାଥାଏ ତେବେ ଭ୍ରାନ୍ତି ପଢନ୍ତୁ ଏବଂ ସେମାନଙ୍କୁ ପଢିବାକୁ ଦିଅନ୍ତୁ। ଏହା ଜଗନ୍ନାଥଙ୍କ ଫୁଲ୍‌ଧଣ୍ଡା ପରି ଶୁଦ୍ଧ, ଏଥିରେ କୌଣସି ଆବର୍ଜନା ନାହିଁ—ପାପର ଛାୟା ନାହିଁ। ଭାଇ, ଭଉଣୀ, ଝିଅ, ବାପ, ସମସ୍ତେ ଏକ ସଙ୍ଗେ ବସି ପଢି ପାରିବେ।

ଏଥିରେ ଦେଖିବେ—ଶେଫାଳୀ କୁମାରୀଙ୍କୁ ନାନା ଭାବରେ—କେତେବେ ସୁକୁମାରୀ କୁମାରୀ ଭାବରେ-କେବେ ହାରମୋନିୟମ ହସ୍ତରେ। କେତେବ ଟେନିସ୍ ଖେଳରେ, କେତେବ ଘର କାମ ପାଇଁ ଠିରେ। କେବେ ଶିଶୁ ପାଳନରେ ଜନନୀ ଭାବରେ, କେବେ ଚିତ୍ର ଅଙ୍କିବାରେ, କେବେ ବହି ପଢାରେ। ଯଦି ଏପରି ସର୍ବ ଗୁଣ ସମ୍ପନ୍ନା ବାଳିକା ଗଠନ କରିବାର ଇଚ୍ଛାଥାଏ ତେବେ ଛଅଅଣା ପଇସା ଦେଇ "ଭ୍ରାନ୍ତି" କିଣିନିଅନ୍ତୁ।

ପ୍ରାପ୍ତି ସ୍ଥାନ :—

**କଟକ ଟ୍ରେଡିଂ କୋମ୍ପାନି, କଟକ**

ଏବଂ ଓଡ଼ିଶାର ଯେ କୌଣସି ପୁସ୍ତକ ଦୋକାନ।

କବିତା–କାନନର ସ୍ୱଚ୍ଛ ନିର୍ଝର ଝରି ଉଠିଅଛି !

ସଂଗୀତର ନିସର୍ଗ ଝଙ୍କାର ଝଙ୍କୃତ ହୋଇ ଉଠିଅଛି ।

## ସାହିତ୍ୟସ୍ନେହି ! ପାଞ୍ଚସିକା ଦେଇ ସେହି ସୁଧାନିସ୍ୟନ୍ଦି ରଚନା

# ଅର୍ଘ୍ୟ ।

ଖଣ୍ଡିଏ ନିକଟରେ ରଖନ୍ତୁ ।

ଦେଖିବେ—ପ୍ରତି ଛନ୍ଦରେ ମଧୁରତା—ପ୍ରତି ପଦରେ କମନୀୟତା, ପ୍ରତି ପୃଷ୍ଠାରେ ଆଦର୍ଶ, ନିଷ୍ଠା, କର୍ତ୍ତବ୍ୟ, ଧର୍ମ, ଜାତୀୟତା, ପ୍ରେମର ସୁମଧୁର ଛବି ନିଷ୍କଳଙ୍କ ଭାବରେ ଫୁଟି ଉଠିଅଛି । ସେ ପବିତ୍ର ସଂଗୀତର ସୁଲଲିତ ସ୍ୱରରେ କଠିନ ମର୍ତ୍ତ୍ୟଭୂମି ସ୍ୱର୍ଗରେ, ଶ୍ମଶାନହୃଦୟ ନନ୍ଦନରେ ପରିଣତ ହୋଇଯିବ । ସତ୍ୟ, ଧର୍ମ, ପ୍ରେମର ତରଳ ତ୍ରିବେଣୀଧାରା ଅବିପ୍ଳୁତ ଗତିରେ ପ୍ରବାହିତ ହେବ । ପୁସ୍ତକର 'ଦଳଦଳ' ପଢ଼ୁ ପଢ଼ୁ ଦୃଷ୍ଟି କାଣ୍ଡହୃତା ପ୍ରାଣକୁ ଗଭୀର ଭାବରେ ଆନ୍ଦୋଳିତ କରି ଦୂର୍ବାଦଳ, ଚମ୍ପାଦଳ ଓ ଶତଦଳ ପ୍ରସ୍ଫୁଟିତ କେଉଁଠି ବିଶ୍ୱପ୍ରେମ, କେଉଁଠି ନିତ୍ୟସ୍ନେହ, କେଉଁଠି ଭକ୍ତିର ପବିତ୍ର ତୁଳସୀବନରେ ପହଞ୍ଚାଇବ, ତାହା କହି ହେବ ନାହିଁ । ତୃପ୍ତିର ଅନାବିଳ ମହତ୍ତ୍ୱ ବସ୍ତୁର ଅନୁଭବ ଲେଖା,

ବର୍ଣ୍ଣନା ନିଷ୍ପ୍ରୟୋଜନ ।

ପ୍ରାପ୍ତିସ୍ଥାନ—କଟକ ଟ୍ରେଡିଂ କୋମ୍ପାନୀ,

ଏବଂ ଓଡ଼ିଶାର ଯେ କୌଣସି ପୁସ୍ତକାଳୟରେ ଅନୁସନ୍ଧାନ କରନ୍ତୁ ।

ଆସନ୍ତୁ ।        ଦେଖନ୍ତୁ ! !        କିଣନ୍ତୁ ! ! !

ଉପନ୍ୟାସାମୋଦୀଙ୍କର ଚିର ଆଦରର ଧନ, ଉପନ୍ୟାସରାଜ୍ୟର
ଯୁଗପ୍ରଳୟକାରୀ ଉପନ୍ୟାସ ସମ୍ରାଟ—ଯାହା ଓଡ଼ିଆ ମହଲାର
'ସତତ ସାଧନା ଲବ୍ଧ ଧନ ରକ୍ତବ୍ୟୟରେ ପ୍ରସ୍ତୁତ', ସେହି

ସର୍ବଜନମନୋହର

# ରଘୁଅରକ୍ଷିତ ।

ପ୍ରକାଶିତ ।

କହୁ ବହୁମୂଲ୍ୟ ଛବିରେ ଅଲଙ୍କୃତ—
ସମ୍ପୂର୍ଣ୍ଣ ନୂତନ, ସୁବୃହତ୍ ।

ଯଦି ପଢ଼ିବାକୁ ଇଚ୍ଛା ଥାଏ, ତେବେ
**କଟକ ଟ୍ରେଡିଂ କୋମ୍ପାନୀ**
ଏବଂ ଓଡ଼ିଶାର ଯେ କୌଣସି ପୁସ୍ତକ ଜନ୍ମରେ ଅନୁସନ୍ଧାନ କରନ୍ତୁ ।

**ପୁସ୍ତକର ଦାମ ଦୁଇଟଙ୍କା ମାତ୍ର ।**

ସୁଖ, ପ୍ରେମ, ସନ୍ତୋଷ, ଦୁଃଖ, ଚିନ୍ତା, ଆଶା, ପରିବର୍ତ୍ତନ, ଗୌରବ,
ଇତ୍ୟାଦିର ଏକାଧାରେ ନୟନ-ବିମୋହନ ପୁସ୍ତକ । ଥରେ ପଢ଼ିଲେ
ସହସ୍ର ଥର ପଢ଼ିବାକୁ ଇଚ୍ଛା ହେବ ।


---


Cover Printed
at the Utkal Sahitya Press, Cuttack,